• Vol.- 46, Issue No. 4
• Saturday, 4 April 2026
• ଶନିବାର, ୪ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ସେତୁ ଧ୍ୱଂସ ପରେ ଆମେରିକାର ଧମକ

ବୁଝାମଣା କର, ନଚେତ୍ ପରିସ୍ଥିତି ଭୟଙ୍କର

ନୂଆଦିଲ୍ଲୀ,୩।୪: ଇରାନ୍ ଉପରେ ଆମେରିକା ବଡ଼ ଧରଣର ହମଲା କରିଛି। ଇରାନର କରାଜରେ ନିର୍ମାଣାଧୀନ ବି-୧ ସେତୁ ଉପରେ ଆମେରିକା ବିମାନ ଆକ୍ରମଣ କରିବା ଫଳରେ ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ମଧ୍ୟ ହୋଇଛି। ୩୭ ହଜାର କୋଟି ଟଙ୍କାର ସେତୁ ଧ୍ୱଂସ କରିବା ପରେ ଇରାନକୁ ଟ୍ରମ୍ପଙ୍କ ନୂଆ ଧମକ ଦେଖାଇଛନ୍ତି।ସେ କହିଛନ୍ତି ସମୟ ଥାଉ ଥାଉ ବୁଝାମଣା କର, ନଚେତ୍ ପରିସ୍ଥିତି ଆହୁରି ଭୟଙ୍କର ହେବ। ବି-୧ ବ୍ରିଜ୍ ଇରାନର ଆଲବୋର୍ଜ ପ୍ରଦେଶର କାରାଜ ଅଞ୍ଚଳରେ ଅବସ୍ଥିତ। ମିଡିଆ ରିପୋର୍ଟ ଅନୁସାରେ ଏହି ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ମଧ୍ୟ ବନ୍ଦ ହୋଇଯାଇଛି। ପ୍ରାୟ ୧୦୫୦ ମିଟର ଲମ୍ବର ଏହି ସେତୁ ମଧ୍ୟପ୍ରାଚ୍ୟର ସବୁଠାରୁ ବଡ଼ ସେତୁ ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି। ଆମେରିକା ଆକ୍ରମଣର ଜବାବ ରଖିଛି ଇରାନ୍। ଇରାନର ରାଷ୍ଟ୍ରପତି କହିଛନ୍ତି ବୋମା ମାଡ଼ ଦ୍ୱାରା ସଭ୍ୟତା ନଷ୍ଟ ହୋଇନଥାଏ।

ଏଫ୍-୩୫ ଗୁଳିକରି ଖସାଇଛୁ: ଇରାନ
ଆବୁଧାବିରେ ୫ ଭାରତୀୟ ଆହତ

ତେହେରାନ,୩।୪:ଆମେରିକା ଏଫ୍-୩୫ ଲଢୁଆ ଯୁଦ୍ଧବିମାନକୁ ଗୁଳି କରି ଖସାଇବା ନେଇ ଇରାନ ପକ୍ଷରୁ ଦାବି କରାଯାଇଛି। ଏହି ଆମେରିକୀୟ ବିମାନଟି ସେଣ୍ଟ୍ରାଲ ଇରାନ ଉପରେ ବିମାନଟି ଖସିଥିବା ନେଇ ଇରାନ କହିଛି। ଇରାନର ଜଣେ ମୁଖପାତ୍ର ସୂଚନା ଦେଇଛନ୍ତି ଯେ, ଏହି ଆକ୍ରମଣରେ ଲଢୁଆ ବିମାନଟି ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆମେରିକୀୟ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ମିଳିନାହିଁ। ଯଦି ଇରାନର ଦାବି ସତ ହୁଏ ତେବେ ଏହା ଆମେରିକା ପ୍ରତି ଇରାନର ପ୍ରତିଆକ୍ରମଣ ହେବ। କାରଣ ଆମେରିକାର ଏହି ଏଫ୍-୩୫ ଲଢୁଆ ବିମାନ ରାଡାର ଚିହ୍ନଟକୁ ଏଡ଼ାଇବା ଏବଂ ପ୍ରବଳ ପ୍ରତିରକ୍ଷିତ ଆକାଶ ସୀମା ଭିତରେ କାର୍ଯ୍ୟ କରିବା ପାଇଁ ସକ୍ଷମ ସବୁଠାରୁ ଉନ୍ନତ ଆମେରିକୀୟ ଗୁପ୍ତ ଯୁଦ୍ଧ ବିମାନ ମଧ୍ୟରୁ ଅନ୍ୟତମ।ତସନିମ୍ ନ୍ୟୁଜ୍ ଏଜେନ୍ସିର ଜଣେ ରିପୋର୍ଟର କହିଛନ୍ତି ଯେ, ଏଫ୍-୩୫ ଯୁଦ୍ଧ ବିମାନକୁ ଖସାଇବା ପରେ ପାଇଲଟ ଇଜେକ୍ଟ କରି ଥିଲେ ଏବଂ ସେ ଇରାନର ମାଟିରେ ଓହ୍ଲାଇ ଥିଲେ। ପରେ ପାଇଲଟଙ୍କ ସ୍ଥିତିକୁ ନେଇ ଭିନ୍ନ ଭିନ୍ନ ଦାବି କରାଯାଉଛି। ଶୁକ୍ରବାର ୟୁଏଇର ଆବୁଧାବିରେ ଏକ ପ୍ରତିରୋଧିତ ପ୍ରୋଜେକ୍ଟାଇଲର ଭଗ୍ନାବଶେଷ ପଡ଼ିବାରୁ ୫ ଜଣ ଭାରତୀୟ ଏବଂ ଅନ୍ୟ ୭ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଆବୁଧାବିର ମିଡିଆ କାର୍ଯ୍ୟାଳୟ କହିଛି ଯେ ଆକାଶ ମାର୍ଗରୁ ନିକ୍ଷେପ କରାଯାଇଥିବା ଭଗ୍ନାବଶେଷ ସହରର ଅଜବାନ ଅଞ୍ଚଳରେ ପଡ଼ିଛି। ସରକାରୀ ସଂସ୍ଥା କହିଛି ଯେ ୫ ଭାରତୀୟ ନାଗରିକଙ୍କୁ ସାମାନ୍ୟ ଆଘାତ ଲାଗିଛି। ଏହି ଘଟଣାରେ ଆହତ ହୋଇଥିବା ବାକି ଲୋକମାନେ ସମସ୍ତେ ନେପାଳୀ ନାଗରିକ।

ଟ୍ରମ୍ପ ଦେଲେ ପୁଣି ଝଟକା
ଔଷଧ ଉପରେ ୧୦୦ ପ୍ରତିଶତ ଟାରିଫ୍

ୱାଶିଂଟନ,୩।୪: ପୁଣି ଟ୍ରମ୍ପଙ୍କ ପକ୍ଷରୁ ଟାରିଫ୍ ଝଟକା ଦିଆଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ବିଶ୍ୱକୁ ଶୁକ୍ରବାର ଆଉ ଏକ ବଡ ଝଟକା ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଔଷଧ ଉପରେ ଲଗାଇଛନ୍ତି ୧୦୦ ପ୍ରତିଶତ ଶୁଳ୍କ। ମଧ୍ୟପ୍ରାଚ୍ୟରେ ସଂଘର୍ଷ ମଧ୍ୟରେ ଟ୍ରମ୍ପ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଟ୍ରମ୍ପ ଔଷଧ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଏହି ଔଷଧଗୁଡ଼ିକରେ ପେଟେଣ୍ଟ ଔଷଧ ଅନ୍ତର୍ଭୁକ୍ତ ହେବ। ଏହା ସହିତ ଧାତୁ ସମ୍ପର୍କରେ ବିଭିନ୍ନ ପ୍ରକାରର ରିହାତି ପ୍ରଦାନ କରାଯାଇଛି। ଗୁରୁବାର କାର୍ଯ୍ୟକାରୀ ହୋଇଥିବା ନୂତନ ନିୟମ ଅନୁଯାୟୀ, ଭାରତ ସମେତ ଯେଉଁ ଦେଶଗୁଡ଼ିକ ଆମେରିକାର ବାଣିଜ୍ୟ ବିଭାଗ ସହିତ ସ୍ୱାସ୍ଥ୍ୟ ଏବଂ ମାନବ ସେବା ବିଭାଗ ସହିତ ସର୍ବାଧିକ ପସନ୍ଦିତ ରାଷ୍ଟ୍ର ମୂଲ୍ୟ ଚୁକ୍ତିନାମା ସ୍ୱାକ୍ଷର କରିନାହାନ୍ତି, ସେମାନଙ୍କ ଠାରୁ ପେଟେଣ୍ଟ ଔଷଧ ଆମଦାନି ଉପରେ ୧୦୦ପ୍ରତିଶତ ଶୁଳ୍କ ଲାଗୁ ହେବ।ହ୍ୱାଇଟ୍ ହାଉସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଅତ୍ୟାବଶ୍ୟକ ଔଷଧ ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକ ଉପରେ ଆମେରିକାର ନିର୍ଭରଶୀଳତା ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଅଧିକାରୀ ଆହୁରି ସୂଚନା ଦେଇଛନ୍ତି ଯେ ପେଟେଣ୍ଟ ଉତ୍ପାଦ ପାଇଁ ୧୦୦ପ୍ରତିଶତ ଶୁଳ୍କ ଲାଗୁ ହେବ। ଭାରତରୁ ଆମଦାନି ହୋଇଥିବା ଯେକୌଣସି ପେଟେଣ୍ଟ ଔଷଧ – ପୁନଃଶୋରିଂ ଯୋଜନା ଅଧୀନରେ ଅନୁମୋଦନ ପାଇନଥିବା କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ – ୧୦୦ପ୍ରତିଶତ ଶୁଳ୍କ ଲାଗୁ ହେବ।

ସଂସଦ ଅଧିବେଶନ ୧୬ରେ !

ନୂଆଦିଲ୍ଲୀ,୩।୪: ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ୩୩ପ୍ରତିଶତ ମହିଳା ସଂରକ୍ଷଣ ଶୀଘ୍ର କାର୍ଯ୍ୟକାରୀ ପାଇଁ ଏକ ବିଲ୍ ମଞ୍ଜୁର କରିବା ପାଇଁ ସଂସଦ ଏପ୍ରିଲ ୧୬ ରେ ପୁନର୍ବାର ବସିପାରେ। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ସରକାର ପୂର୍ବରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ସମୟସୀମା ସ୍ଥିର କରିଛନ୍ତି।

ଏନ୍‌ସିଇଆରଟିକୁ ମିଳିଲା ଡିମ୍ଡ ୟୁନିଭର୍ସିଟି ମାନ୍ୟତା

ଭୁବନେଶ୍ୱର,୩।୪; ୟୁଜିସିର ପରାମର୍ଶ କ୍ରମେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନସିଇଆରଟି)କୁ ଏକ ସ୍ୱତନ୍ତ୍ର ବର୍ଗ ଅଧୀନରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଛି । ମନ୍ତ୍ରାଳୟ ଦର୍ଶାଇଛି 'ୟୁଜିସି ଆଇନ, ୧୯୫୬ ର ଧାରା ୩ ଅନ୍ତର୍ଗତ ଛଅଟି ବିଭିନ୍ନ ସ୍ଥାନର ଏନସିଇଆରଟିକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହି ଶିକ୍ଷାନୁଷ୍ଠାନକୁ ସ୍ୱତନ୍ତ୍ର ବର୍ଗ ଅଧୀନରେ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ପାଇଁ ୟୁଜିସି ପୋର୍ଟାଲରେ ଏକ ଅନଲାଇନ୍ ଆବେଦନ କରାଯାଇଥିଲା ।

ଜାତୀୟ ଜନଗଣନା
ସ୍ୱଗଣନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩।୪: ଜାତୀୟ ଜନଗଣନା ଆରମ୍ଭ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସରକାରୀ ବାସଭବନରେ ସେଲ୍ଫ ଏନୁମରେସନ୍ କରୁଛନ୍ତି । ଅନଲାଇନ ପୋର୍ଟାଲରେ ମୁଖ୍ୟମନ୍ତ୍ରୀ ନିଜେ ନିଜର ତଥ୍ୟ ପ୍ରଦାନ କରି ଦେଶର ପ୍ରଥମ ଡିଜିଟାଲ ଜନଗଣନାରେ ସାମିଲ ହେବା ସହ ସ୍ୱ-ଗଣନା ପାଇଁ ନାଗରିକମାନଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ନିର୍ଦ୍ଦେଶକ ପବନ କଲ୍ୟାଣ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

ଝାରସୁଗୁଡ଼ାରେ ପାରଦ ୪୧.୬ ଡିଗ୍ରୀ

❖ କଟକରେ ୩୮.୪ ଓ ଭୁବନେଶ୍ୱରରେ ୩୮.୭ ଡ଼ିଗ୍ରୀ
❖ ଏପ୍ରିଲ ଆରମ୍ଭରୁ ଡହଡହ ଖରା ❖ ଜନଜୀବନ ଅସ୍ତବ୍ୟସ୍ତ

ଭୁବନେଶ୍ୱର, ୩।୪: ଡରେଇଲାଣି ଏପ୍ରିଲ ତାତି । ଏପ୍ରିଲ ଆରମ୍ଭରୁ ଉପକୂଳରୁ ପଶ୍ଚିମ, ଉତ୍ତରରୁ ଆଭ୍ୟନ୍ତରୀଣ ଓଡ଼ିଶା ସବୁଠି ଡହଡହ ଖରା । ଉପକୂଳରେ ଆର୍ଦ୍ରତା ଅଧିକ ଯୋଗୁଁ ଗୁଳୁଗୁଳି ଲୋକଙ୍କ ନଯାନ୍ତ କରୁଛି । ଝାରସୁଗୁଡ଼ାରେ ଉପରମୁହାଁ ହୋଇଛି ପାରଦ । ଆକାଶରୁ ଖସୁଛି ନିଆଁ, ଜଳୁଛି ଝାରସୁଗୁଡ଼ା । ଜନଜୀବନ ଅସ୍ତବ୍ୟସ୍ତ ହେଲାଣି । ଦିନ ୧୦ଟାରୁ ଅନୁଭୂତ ହେଉଛି ଏଠାରେ ଗ୍ରୀଷ୍ମର ପ୍ରକୋପ। ଶୁକ୍ରବାର ଏଠାକାର ତାପମାତ୍ରା ୪୧.୬ ଡ଼ିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି



ହୀରାକୁଦରେ ୪୦.୪, ସମ୍ବଲପୁରରେ ୪୦.୦ ରାଉରକେଲାରେ ୩୯.୫,ତାଳବାଲିରେ ୩୯.୩, କଟକରେ ୩୮.୪ ଓ ଭୁବନେଶ୍ୱରରେ ତାପମାତ୍ରା ୩୮.୭ ଡ଼ିଗ୍ରୀ ରେକର୍ଡ କରାଯାଇଛି।

⌜ ପର୍ଯ୍ୟନ୍ତ କାଳବୈଶାଖୀ ଆଶଙ୍କା
କୋଟପାଡ଼ରେ ରଚିଲା ତାଣ୍ଡବ

କୋଟପାଡ,୩।୪: କୋରାପୁଟ କୋଟପାଡ଼ରେ କାଳ ବୈଶାଖୀ ତାଣ୍ଡବ ରଚିଛି। ଦିନ ସାରା ଟାଣ ଖରା ପରେ ଅପରାହ୍ନରେ ପ୍ରବଳ ବର୍ଷିଲା । ଦୁଇ ଘଣ୍ଟା ଧରି ବିଜୁଳି ଘଡଘଡି ସହ କରାଳ ରୂପ ଦେଖାଇଥିଲା ପ୍ରକୃତି । ମୂଷଳ ଧାରରେ ବର୍ଷା ହୋଇଥିଲା । ପ୍ରବଳ ବର୍ଷା ପବନ ବିଜୁଳି ଘଡ଼ଘଡ଼ି ଲୋକଙ୍କୁ ଆତଙ୍କିତ କରିଥିଲା । କାଳବୈଶାଖୀ ବେଳେ ରାସ୍ତା ଘାଟ ସମ୍ପୂର୍ଣ୍ଣ ଶୂନଶାନ ହୋଇଯାଇଥିଲା ସୂଚନାଯୋଗ୍ୟ, ଯେ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାକୁ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।

ଅବକାରୀ ବିଭାଗର ନୂଆ ମାର୍ଗଦର୍ଶିକା
ଇକୋ ରିଟ୍ରିଟ୍ କୁଡ଼ିଆରେ ମିଳିବ ମଦ

- ପୁରୀ ବେଳାଭୂମିରେ ମନା
- ଟେଟ୍ରା ପ୍ୟାକରେ ଏଣିକି ଉପଲବ୍ଧ ହେବ
- ଗ୍ରାମାଞ୍ଚଳରେ ନୂଆ ମଦ ଦୋକାନକୁ ନା

ଭୁବନେଶ୍ୱର,୩।୪:ଅବକାରୀ ବିଭାଗ ନୂଆ ମାର୍ଗଦର୍ଶିକା ଆଣିଛି । ଏଣିକି ଟେଟ୍ରା ପ୍ୟାକରେ ମଦ ମିଳିବ। ଟେଟ୍ରା ପ୍ୟାକରେ ରହିବ ୬ଟି ସୁରକ୍ଷା ଲେୟର। ୧୮୦ ମିଲି ପର୍ଯ୍ୟନ୍ତ ମଦ ଟେଟ୍ରା ପ୍ୟାକରେ ଉପଲବ୍ଧ ହେବ। ନୂଆ ମାର୍ଗଦର୍ଶିକା ଅନୁସାରେ, ପୁରୀ ବେଳାଭୂମିରେ ମଦ ଦୋକାନ ଖୋଲିବାକୁ ଅନୁମତି ମିଳିବ ନାହିଁ। ହେଲେ ରାଜ୍ୟର ଅନ୍ୟାନ୍ୟ ବେଳାଭୂମିରେ ଓଟିଡିସିକୁକୁ ବିକ୍ରି ପାଇଁ ଅନୁମତି ଦିଆଯାଇଛି। ବିଭିନ୍ନ ଇକୋ ରିଟ୍ରିଟରେ ମଧ୍ୟ ମଦ କୁଡ଼ିଆ ଖୋଲାଯାଇ ମଦ ବିକ୍ରି ହେବ । କିଛି ଦିନ ତଳେ ସରକାର ନୂଆ ଅବକାରୀ ନୀତି ୨୦୨୬-୨୯ ଆଣିଥିଲେ। ୧ ଏପ୍ରିଲ ୨୦୨୬ରୁ ୩୧ ମାର୍ଚ୍ଚ ୨୦୨୯ ଅବଧି ନିମନ୍ତେ ଏକ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କରାଯାଇଥିଲା। ଏହି ନୀତି ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ହେଉଛି ଅବକାରୀ ଶୁଳ୍କ ଉପରେ ୦.୫ପ୍ରତିଶତ ଡି-ଆଡିକ୍ସନ ସେସ୍ ପ୍ରବର୍ତ୍ତନ। ନୂଆ ଅବକାରୀ ନୀତିରେ ମଦକୁ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି। ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦ପ୍ରତିଶତ ବୃଦ୍ଧି ହେବ। ଲାଇସେନ୍ସ ଶୁଳ୍କ ପ୍ରତିବର୍ଷ ୧୦ରୁ ୨୦ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବିଦେଶୀ ଓ ଦେଶୀ ମଦ ଉପରେ ଅବକାରୀ ଶୁଳ୍କ ବୃଦ୍ଧି ହୋଇଛି। ଗ୍ରାମାଞ୍ଚଳରେ ନୂଆ ମଦ ଦୋକାନ ଖୋଲିବାକୁ ମଧ୍ୟ ଅନୁମତି ମିଳିବନାହିଁ। ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ପାଖରେ କୌଣସି ଅବକାରୀ ଦୋକାନ ଚାଲୁ ହେବନାହିଁ ବୋଲି ସରକାର ନିକଟରେ କହିଛନ୍ତି। ସମସ୍ତ ଉତ୍ପାଦନ ୟୁନିଟ ଓ ଖୁଚୁରା ଦୋକାନ ସିସିଟିଭି ନିରୀକ୍ଷଣରେ ରହିବ।

ଅଂଶୁଘାତରେ ପ୍ରଥମ ମୃତ୍ୟୁ ଅଭିଯୋଗ

ବାରିପଦା,୩।୪: ଚଳିତ ବର୍ଷରେ ଅଂଶୁଘାତରେ ପ୍ରଥମ ମୃତ୍ୟୁ ଅଭିଯୋଗ ଆସିଛି। ଧାନ ବିଲରେ କାମ କରୁଥିବା ବେଳେ ଅଂଶୁଘାତରେ ଜଣେ ଚାଷୀଙ୍କ ଜୀବନ ଯାଇଥିବା ସ୍ଥାନୀୟ ସାଧାରଣରେ ଅଭିଯୋଗ ହୋଇଛି । ମୃତକ ହେଲେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବନ୍ଧମୁଣ୍ଡି ଗ୍ରାମର ରଘୁନାଥ ମାହାନା। ପ୍ରଚଣ୍ଡ ଖରା ଯୋଗୁଁ ଧାନ ବିଲରେ କାମ କରୁଥିବା ସମୟରେ ସେ ଢଳି ପଡ଼ିଥିଲେ । ଉଦ୍ଧାପ ଏତେ ଥିଲା ଯେ, ବିଲର ତଳା ପାଣିରେ ପଡ଼ି ତାଙ୍କ ଗୋଡ଼ ସିଝି ଯାଇଥିଲା । ଏହାକୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଛି । ଏଭଳି ଏକ ଦୁଃଖ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

କୋଟି କୋଟି ଟଙ୍କାର ଠକେଇ ମାମଲା
ଅବସରପ୍ରାପ୍ତ ଏଏସ୍‌ଆଇ ଓ କନିଷ୍ଠ କିରାଣି ଗିରଫ

ସମ୍ବଲପୁର, ୩।୪(ନିପ୍ର): ସମ୍ବଲପୁର ଅବକାରୀ ବିଭାଗରେ କୋଟି କୋଟି ଟଙ୍କାର ଠକେଇ ମାମଲାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ୩ କୋଟି ୬୭ ଲକ୍ଷ ଟଙ୍କାର ହେରଫେର୍ ନେଇ ଅଙ୍ଗଠାପାଲି ଥାନାରେ ଅଭିଯୋଗ ପରେ ଅବସରପ୍ରାପ୍ତ ଏଏସ୍‌ଆଇ ଶରତ ଚନ୍ଦ୍ର ବେହେରା ଓ ଅବକାରୀ ବିଭାଗର କନିଷ୍ଠ କିରାଣି ସନ୍ଦୀପ କୁମାର ପଟ୍ଟନାୟକଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କ ନିକଟରୁ ୨୩ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ ହୋଇଛି । ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୪୪ ଲକ୍ଷ ଟଙ୍କା ଫ୍ରିଜ କରାଯାଇଛି। ଅଙ୍ଗଠାପାଲି ଥାନାରେ ରୁକୁ ହୋଇଥିବା ମାମଲା ଅନୁସାରେ, ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ ନଭେମ୍ବର ୨୦୨୨ ଠାରୁ ଅକ୍ଟୋବର ୨୦୨୫

ମଧ୍ୟରେ ଏହି ଅନିୟମିତତା ଘଟିଥିଲା । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସନ୍ଦୀପ କୁମାର ପଟ୍ଟନାୟକ (ଜୁନିୟର ଅସିଷ୍ଟାଣ୍ଟ) ଓ ଶରତ ଚନ୍ଦ୍ର ବେହେରା (ଅବସରପ୍ରାପ୍ତ ଏଏସଆଇ) । ଉଭୟେ ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ସହିତ ମିଳିତ ଭାବେ ସରକାରୀ ଧନ ଆତ୍ମସାତ୍ କରିଥିବା ଅଭିଯୋଗ ରହିଛି । ତଦନ୍ତରେ ପ୍ରକାଶ ପାଇଛି ଯେ, ଆଇଏଫଏମଏସ ପୋର୍ଟାଲ ମାଧ୍ୟମରେ ଭୁଲ୍ ଅନୁମୋଦନ ଆଦେଶ ସୃଷ୍ଟି କରି ପେନସନ ଓ ବେତନ ବକେୟା ନାମରେ ଧନ ଉଠାଯାଇଥିଲା । ସରକାରୀ ରେକର୍ଡରେ ମଧ୍ୟ ହେରାଫେର୍ କରାଯାଇଥିବା ଜଣାପଡ଼ିଛି । ଏହି ମାମଲାରେ ଅଭିଯୁକ୍ତଙ୍କ ଠାରୁ ନଗଦ ୨୩,୪୬, ୫୦୦/ ତଥା ୧୪ ଲକ୍ଷ ଡିଡିଓ ଖାତାରେ ଜମା, ୨୦ ଲକ୍ଷ ଓ ୧୦ ଲକ୍ଷ ବ୍ୟାଙ୍କ ଖାତାରେ ବ୍ଲକ୍ । ବ୍ୟାଙ୍କ ତଦନ୍ତରେ ଅନେକ ସନ୍ଦେହଜନକ ଟ୍ରାଞ୍ଜାକ୍ସନ ଓ ଧନ ହସ୍ତାନ୍ତର ଘଟଣା ମଧ୍ୟ ଧରାପଡ଼ିଛି । ପୋଲିସ କହିଛି ଯେ, ଏହି ଘଟଣାରେ ଆହୁରି ଲୋକଙ୍କ ସମ୍ପୃକ୍ତି ଥାଇପାରେ, ତେଣୁ ଏବେ ଏହା ତଦନ୍ତାଧୀନ ରହିଛି ।

ଜନ ବିଶ୍ୱାସ ବିଲ୍ ଏକ ବୈପ୍ଲବିକ ପଦକ୍ଷେପ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୪: ଜନ ବିଶ୍ୱାସ (ସଂଶୋଧନ) ବିଲ୍ ଏକ ବୈପ୍ଲବିକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବିଶ୍ୱାସ ଆଧାରିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ 'ଜନ ବିଶ୍ୱାସ (ସଂଶୋଧନ) ବିଲ୍, ୨୦୨୬' ଏକ ବୈପ୍ଲବିକ ପଦକ୍ଷେପ। ଏହା କେବଳ ଏକ ଆଇନଗତ ସଂଶୋଧନ ନୁହେଁ, ବରଂ ଏହା ନାଗରିକ ଓ ଶାସନ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସରଳ ଓ ସୁଦୃଢ଼ କରିବାର ଏକ ନୂତନ ମାର୍ଗ। ୭୯ଟି କେନ୍ଦ୍ରୀୟ ଆଇନରେ ୭୮୪ଟି ବ୍ୟବସ୍ଥାର ସଂଶୋଧନ ଏବଂ ୧୦୦୦ରୁ ଅଧିକ ସାମାନ୍ୟ ବୈଷୟିକ ତ୍ରୁଟିକୁ ଅପରାଧମୁକ୍ତ କରିବା ନିଶ୍ଚିତ ଭାବେ 'ଇଜ୍ ଅଫ୍ ଲିଭିଂ' ଓ 'ଇଜ୍ ଅଫ୍ ଡୁଇଂ ବିଜନେସ୍ ' କୁ ନୂତନ ଶକ୍ତି ପ୍ରଦାନ କରିବ। ୨୩ଟି ମନ୍ତ୍ରାଳୟରେ ଏହି ସଂସ୍କାରର ବିସ୍ତାର ସାଧାରଣ ଜନତାଙ୍କ ପାଇଁ ପ୍ରଶାସନିକ ପ୍ରକ୍ରିୟାକୁ ଅଧିକ ସୁଗମ ଓ ସ୍ୱଚ୍ଛ କରିବ।ଏକ ସଶକ୍ତ ଏବଂ ପ୍ରଗତିଶୀଳ ଭାରତ ଗଠନ ଦିଗରେ ଏହି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅଶେଷ ଧନ୍ୟବାଦ।

ଶିବଙ୍କ ରଙ୍ଗ କାହିଁକି ନୀଳ

ଶିବଙ୍କ ନୀଳ ରଙ୍ଗ ସମୁଦ୍ର ମନ୍ଥନ ସମୟରେ ବିଷ ସେବନ ସହ ଜଡ଼ିତ। ଏହା ବିଶ୍ୱକୁ ରକ୍ଷା କରିବା ପାଇଁ କରାଯାଇଥିବା ବଳିଦାନର ପ୍ରତୀକ। ତାଙ୍କର ନୀଳ ଶରୀର ଧୈର୍ଯ୍ୟ, ନିଃସ୍ୱାର୍ଥପରତା ଏବଂ ପରିବର୍ତ୍ତନର ଏକ ରୂପକ ଭାବରେ କାର୍ଯ୍ୟ କରେ। ଏହା ଭକ୍ତମାନଙ୍କୁ ମନେ ପକାଇ ଦିଏ ଯେ ଦିବ୍ୟ ଶକ୍ତି ପ୍ରାୟତଃ ଦାୟିତ୍ୱ ଏବଂ ଦୁଃଖ ଭୋଗ କରିଥାଏ, ତଥାପି ଅନନ୍ତ ଏବଂ ଅସୀମ ରହିଥାଏ। ଶିବଙ୍କ ନୀଳ ସ୍ୱରୂପର ଦର୍ଶନ, ଆମକୁ ଧୈର୍ଯ୍ୟ ଏବଂ ଜୀବନର ଆହ୍ୱାନ ଗୁଡ଼ିକୁ ଗ୍ରହଣ କରିବାକୁ ପ୍ରେରଣା ଦିଏ। ସେହିପରି ମା' କାଳୀ ବି ଅସତ୍ୟ ଉପରେ ସତ୍ୟର ବିଜୟ। ଦୁଷ୍ଟର ସଂହାର ଓ କୁପ୍ରବୃତ୍ତି ନାଶର ପ୍ରତୀକ। ଅସୀମ ପ୍ରଭାବର ଦେବୀ ସେ... ସେ ବି ନୀଳ ରଙ୍ଗର... ଅର୍ଥାତ୍ ଏହି ରଙ୍ଗରେ ପ୍ରେମ, ଶକ୍ତି ,ସମୃଦ୍ଧି, ସଂହାର, ଭକ୍ତି ଏବଂ ଇତି ସବୁ କିଛି ନିହିତ... ନୀଳ ରଙ୍ଗ ଆମକୁ ମନେ ପକାଇ ଦିଏ ଯେ ଅନନ୍ତ ଆମ ଚାରିପାଖରେ ବାସ କରନ୍ତି - ପ୍ରେମ, ତ୍ୟାଗ ଏବଂ ଦାୟିତ୍ୱ ଭାବରେ । ଦିବ୍ୟଶକ୍ତି ମାନବ ସମାରେ ଆବଦ୍ଧ ନୁହେଁ; ଏହା ପ୍ରତୀକାତ୍ମକ, ଅନନ୍ତ ଏବଂ ଅସୀମ ଶକ୍ତିଶାଳୀ। ହିନ୍ଦୁ ଧର୍ମରେ, ନୀଳ ରଙ୍ଗ କେବଳ ଏକ ରଙ୍ଗ ନୁହେଁ; ଏହା ଏକ ଦର୍ଶନ। ଆମକୁ ବୁଝିବାକୁ ହେବ ଯେ, କିଛି ସତ୍ୟ କେବଳ ଦେଖା ଯାଇପାରିବ ନାହିଁ, ବରଂ କିଛି ସତ୍ତାକୁ ଅନୁଭବ କରିବାକୁ ପଡିବ।

ସମତ୍ୱ ହେଉଛି ଈଶ୍ୱର ପ୍ରାପ୍ତିର ମାର୍ଗ

ଗୀତା ବାଣୀ

ସୁଖ-ଦୁଃଖ, ଲାଭ-କ୍ଷତି, ଜୟ-ପରାଜୟକୁ ସମାନ ଭାବେ ଗ୍ରହଣ କରିବା ସହ ସକାମ କର୍ମ (ଯେଉଁ କାମ ବିଶେଷ ଫଳ ପାଇବା ଉଦ୍ଦେଶ୍ୟରେ କରାଯାଇଥାଏ) ନକରିବାକୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ପରାମର୍ଶ ଦେଇ ଯୁଦ୍ଧ ପାଇଁ ପ୍ରବର୍ତ୍ତାଇଛନ୍ତି । କିନ୍ତୁ ଏହି ପ୍ରବର୍ତ୍ତାଇବା ସଫଳ ନ ହେବାରୁ ପୁନର୍ବାର ପରାମର୍ଶ ଦେବାକୁ ଆରମ୍ଭ କରିଥିଲେ ଓ କହିଥିଲେ, ''ସମତ୍ୱ' ରୂପକ ବୁଦ୍ଧିଯୋଗ ଅପେକ୍ଷା ସକାମ କର୍ମ ଅତ୍ୟନ୍ତ ନିମ୍ନମାନର'' । ତେଣୁ ହେ, ଧନଞ୍ଜୟ, ନିଜର ସମତ୍ୱ (କର୍ମଫଳ ଉପରେ ସମଭାବ) ରକ୍ଷାକରି କର୍ମ କରିବାର ନିଷ୍ପତ୍ତି ନିଅ । ଯେଉଁମାନେ କର୍ମ ଫଳ ଉପରେ ଆଶା ରଖନ୍ତି ସେହି ଲୋକମାନେ ଅତ୍ୟନ୍ତ ଦୀନ । ସମବୁଦ୍ଧିଯୁକ୍ତ ପୁରୁଷ ପୂଣ୍ୟ ଓ ପାପକୁ ଇହଲୋକରେ ତ୍ୟାଗ କରିଦିଅନ୍ତି । ଅର୍ଥାତ ସମବୁଦ୍ଧିଯୁକ୍ତ ମନୁଷ୍ୟ କର୍ମବନ୍ଧନରୁ ମୁକ୍ତି ପାଇପାରିବେ । ସମବୁଦ୍ଧିଯୁକ୍ତ ଶ୍ରେଣୀର ବ୍ୟକ୍ତିମାନେ କର୍ମ ଦ୍ୱାରା ଉତ୍ପନ୍ନ ହେଉଥିବା ଫଳକୁ ତ୍ୟାଗ କରି ଜନ୍ମ ବନ୍ଧନରୁ ମୁକ୍ତ ହୋଇ ପରମପାଦ ପ୍ରାପ୍ତ ହୁଅନ୍ତି ।

ହେ ପାର୍ଥ, ତୁମେ ମୋହ ତ୍ୟାଗ କରିପାରିଲେ ଇହଲୋକ ଓ ପରଲୋକରେ ପ୍ରାପ୍ତ ହେଉଥିବା ସମସ୍ତ ପ୍ରକାର ଭୋଗ ପ୍ରତି ବୈରାଗ୍ୟ ଆସିଥାଏ । ବିଭିନ୍ନ ପ୍ରକାର କଥା ଶୁଣି ବିଚଳିତ ହେଉଥିବା ମନୁଷ୍ୟର ବୁଦ୍ଧି ଯେତେବେଳେ ପରମାତ୍ମାଙ୍କ ଠାରେ ଅଚଳ ଓ ସ୍ଥିର ହୋଇଯିବ ସେତେବେଳେ ପରମାତ୍ମାଙ୍କ ଠାରେ ମନୁଷ୍ୟର ନିତ୍ୟ ସଂଯୋଗ ହୋଇଯାଏ । ଅର୍ଥାତ କର୍ମଫଳକୁ ଆଶା ନରଖି ନିଷ୍କାମ କର୍ମ କରିଚାଲିଲେ ଈଶ୍ୱର ପ୍ରାପ୍ତି ହୋଇଥାଏ । ଭଗବାନଙ୍କର ଏହି ଉପଦେଶ ଶୁଣିବା ପରେ ଅର୍ଜୁନ ଅଧିକ ଜିଜ୍ଞାସୁ ହୋଇ ପରମାତ୍ମାପ୍ତ ହୋଇଥିବା ସ୍ଥିର ବୁଦ୍ଧିଯୁକ୍ତ ପୁରୁଷଙ୍କ ଲକ୍ଷଣ କ'ଣ ବୋଲି ଅର୍ଜୁନ ଭଗବାନଙ୍କୁ ପଚାରିଥିଲେ । ଅର୍ଜୁନଙ୍କ ପ୍ରଶ୍ନର ଉତ୍ତର ଦେଇ ଭଗବାନ କହିଲେ ଯେତେବେଳେ କୌଣସି ବ୍ୟକ୍ତିର ମନରେ ଥିବା ସମସ୍ତ କାମନା ସମ୍ପୂର୍ଣ୍ଣ ଭାବେ ଦୂର ହୋଇଯାଏ ଓ ଆତ୍ମ ସନ୍ତୁଷ୍ଟି ହୋଇଯାଏ ସେତେବେଳେ ସେ ସ୍ଥିତପ୍ରଜ୍ଞ ହୋଇଯାଏ । ଅର୍ଥାତ କାମନାର ବିନାଶରେ ହିଁ ଦୁଃଖର ବିନାଶ ହୋଇଥାଏ ବୋଲି ଭଗବାନ ଅର୍ଜୁନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ।

ଯୋଗସ୍ଥ କୁରୁ କର୍ମାଣି ସଙ୍ଗମ୍ ତ୍ୟୋତ୍ୱା ଧନଞ୍ଜୟ
ସିଦ୍ଧ୍ୟସଦ୍ଧ୍ୟୋ ସମୋଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।।

ସେହିପରି ଯାହାଙ୍କ ମନରେ ଉଦ୍‌ବେଗ ଜାତ ହୁଏନାହିଁ, ସୁଖ ସମୟରେ ନିଃସ୍ପୃହ ରୁହନ୍ତି, କ୍ରୋଧ, ଭୟ ଠାରୁ ଯେ ଦୂରରେ ରହିପାରନ୍ତି, ସେମାନଙ୍କ ବୁଦ୍ଧି ସ୍ଥିର ହୋଇଯାଏ । ଅନ୍ୟ ଅର୍ଥରେ କହିଲେ ଯେଉଁ ବ୍ୟକ୍ତି ଶୁଭ ବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ କି ଅଶୁଭ ବସ୍ତୁରେ ଦ୍ୱେଷ କରନ୍ତି ନାହିଁ ତାଙ୍କ ବୁଦ୍ଧି ସ୍ଥିର ଥାଏ ବୋଲି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଥିଲେ ।

ଚରିତ୍ର

ଗୋଟିଏ ଗାଁରେ ଜଣେ ପଣ୍ଡିତ ରହୁଥିଲେ । ସେ ବେଦ ଏବଂ ଶାସ୍ତ୍ରରେ ପାରଙ୍ଗମ ହୋଇଥିଲେ ବି ତାଙ୍କ ନିକଟରେ ଧନର ଅଭାବ ରହିଥିଲା । ସେ ଭିକ୍ଷାଟନ କରି ପେଟ ପୋଷୁଥିଲେ । ଦିନେ ସେହି ପଣ୍ଡିତ ନିକଟସ୍ଥ ଏକ ଗ୍ରାମକୁ ଭିକ୍ଷା ମାଗିବାକୁ ଗଲେ । ସେ ଚିରାଫଟା ପୋଷାକ ପିନ୍ଧିଥିଲେ । ପଣ୍ଡିତ ସେହି ଗାଁର ଜଣେ ବ୍ୟକ୍ତିଙ୍କ କବାଟ ବାଡ଼େଇଲେ । ଶବ୍ଦ ଶୁଣି ଘର ଭିତରୁ ଜଣେ ବ୍ୟକ୍ତି ବାହାରି ଆସିଲେ । ସେ ଚିରାଫଟା ବସ୍ତ୍ର ପିନ୍ଧି ଛିଡ଼ା ହୋଇଥିବା ପଣ୍ଡିତଙ୍କୁ ଦେଖି ଘୃଣା କଲେ ଏବଂ ଧକ୍କା ମାରି ଘରୁ ବାହାର କରିଦେଲେ । ପଣ୍ଡିତ ସେଠାରୁ ଫେରିଆସି ରାସ୍ତାରେ ଆଗେଇ ଚାଲିଲେ । ଏହି ସମୟରେ ଜଣେ ଧନୀବ୍ୟକ୍ତି ତାଙ୍କୁ ଦେଖିଲେ । ଚିରାଫଟା କପଡ଼ା ପିନ୍ଧିଥିବା ପଣ୍ଡିତଙ୍କୁ ଦେଖି ଧନୀବ୍ୟକ୍ତିଙ୍କ ମନରେ ଦୟା ହେଲା । ସେ ତାଙ୍କୁ ନୂତନ ବସ୍ତ୍ର ଦେଲେ । ପରଦିନ ପଣ୍ଡିତ ମହାଶୟ ପୁଣିଥରେ ସେହି ବ୍ୟକ୍ତିଙ୍କ ଘର ସମ୍ମୁଖରେ ଛିଡ଼ା ହୋଇ ଭିକ୍ଷା ମାଗିଲେ । ବ୍ୟକ୍ତି ଜଣକ କବାଟ ଖୋଲି ବାହାରକୁ ଆସି ଦେଖିଲେ ଯେ ନୂତନ ବସ୍ତ୍ର ପିନ୍ଧି ପଣ୍ଡିତ ଜଣେ ଛିଡ଼ା ହୋଇଛନ୍ତି । ସେ ତାଙ୍କୁ ଭିତରକୁ ପାଛୋଟି ନେଲେ ଏବଂ ଭଲ ଭଲ ଜିନିଷ ଖାଇବାକୁ ଦେଲେ । ପଣ୍ଡିତ କିନ୍ତୁ ଥରେ ହେଲେ ସେହି ସବୁ ଜିନିଷ ଖାଇଲେ ନାହିଁ । ଓଲଟି ସବୁଠକ ଖାଦ୍ୟ ଦ୍ରବ୍ୟ ନିଜ ନୂଆ କପଡ଼ାରେ ବୋଳିବାକୁ ଲାଗିଲେ । ଏହାଦେଖି ସେହି ବ୍ୟକ୍ତି ଜଣକ ଚକିତ ହୋଇପଡ଼ି ପଣ୍ଡିତଙ୍କୁ ଏହାର କାରଣ ପଚାରିଲେ । ପଣ୍ଡିତ କହିଲେ, କାଲି ତୁମେ ମୋତେ ଚିରାଫଟା ପୋଷାକରେ ଦେଖି ଧକ୍କା ମାରି ବାହାର କରିଦେଇଥିଲ । ଆଜି ତୁମେ ମୋର ନୂଆ ପୋଷାକ ଦେଖି ଖାଇବାକୁ ଦେଉଛ । ତେଣୁ ତୁମେ ମୋତେ ଏହି ଖାଦ୍ୟ ଦେଇନାହଁ, ମୋର ନୂଆ ପୋଷାକକୁ ଦେଉଛ । ଏଥର ବ୍ୟକ୍ତିଜଣକ ନିଜର ଭୁଲ୍ ବୁଝିପାରି ଲଜ୍ଜିତ ହେଲେ । ଏହି କଥାର ସାରମର୍ମ ହେଉଛି, ପୋଷାକ କୌଣସି ବ୍ୟକ୍ତି ପରିଚୟ କିମ୍ବା ସମ୍ମାନ ହୋଇନପାରେ । ବ୍ୟକ୍ତିର ଚରିତ୍ର ଏବଂ ଜ୍ଞାନ ହିଁ ତା'ର ପରିଚୟ ଏବଂ ସମ୍ମାନ ହେବା ଆବଶ୍ୟକ ।

ମା'ବୁଢ଼ୀ ଠାକୁରାଣୀ

ମା ବୁଢ଼ୀ ଠାକୁରାଣୀ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ । ସେ ସୁନାଶଗଡ଼ ପାହାଡ଼ ଉପରେ ବିରାଜିତା । ମା'ଙ୍କର ଆବିର୍ଭାବ ବିଷୟରେ ସଠିକ ସୂଚନା ନାହିଁ, କିନ୍ତୁ ସେ ପ୍ରାକ୍ ଐତିହାସିକ କାଳରୁ ବିଦ୍ୟମାନ । ଅଷ୍ଟମ ଶତାବ୍ଦୀ ସୁଳକୀ ରାଜତ୍ୱ ସମୟରୁ ହୁଲୁରୁସିଙ୍ଗାର ଦଳପତି ସୁନାଶ ମା ବୁଢ଼ୀଙ୍କର ପୂଜାର୍ଚ୍ଚନା କରୁଥିବାର ଉଲ୍ଲେଖ ରହିଛି । ସୁନାର ପାହାଡ଼ ସୁନା ଶଗଡ଼ । ଏଠାରେ ଥିବା ଗୁମ୍ଫା ଦ୍ୱାରରେ ମା ବୁଢ଼ୀଙ୍କର ଆସ୍ଥାନ । ଗୁମ୍ଫା ଦ୍ୱାରକୁ ଦେବୀଙ୍କ ବାହନ ସିଂହ ଜଗି ରହିଛି । ମୂର୍ତ୍ତି କଳା ବିକାଶର ବହୁ ପୂର୍ବରୁ ଦେବୀ ସମ୍ବେଶ୍ୱରୀଙ୍କ ଉପାସନା ପ୍ରଚଳିତ ଥିଲା । ନରବପୁ ବିଗ୍ରହ ଉପାସନା ସେତେବେଳେ ପ୍ରଚଳିତ ନଥିଲା । ମା'ଙ୍କର ବିଗ୍ରହରେ ବିଭିନ୍ନ ମୁଖ ଅଳଙ୍କାର ଆରୋପଣ କରି ତାଙ୍କ ମୂର୍ତ୍ତି ବିଗ୍ରହ ପରିକଳ୍ପନା କରାଯାଇଛି । ଭାଦ୍ରବ କୃଷ୍ଣ ଦ୍ୱିତୀୟା ମା ବୁଢ଼ୀଙ୍କର ଆବିର୍ଭାବ ତିଥି । ମା'ଙ୍କର ସେବାପୂଜା ସ୍ଥାନୀୟ ହୁଲୁରୁସିଙ୍ଗାର ଦେହୁରୀମାନେ ବଂଶାନୁକ୍ରମେ କରି ଆସୁଛନ୍ତି ।

ସଂଧ୍ୟାରେ ଚାଲିବା

- ଓଜନ ନିୟନ୍ତ୍ରିତ ହୋଇ ରହିଥାଏ
- ହୃଦୟ ଜନିତ ରୋଗରୁ ଦୂରେଇ ରଖିଥାଏ
- ଆବଶ୍ୟକ ଅମ୍ଳଜାନ ମିଳିଥାଏ।
- କୋଲେଷ୍ଟେରାଲ ନିୟନ୍ତ୍ରଣ ହୋଇ ରହିଥାଏ

ସ୍ୱାସ୍ଥ୍ୟ ପାଇଁ ମିଳେ ଏସବୁ ଲାଭ..

ଦୀର୍ଘାୟୁ,ସୁସ୍ଥ ରହିବା ପାଇଁ, ରୋଗ ଠାରୁ ଦୂରେଇ ରହିବା ପାଇଁ ସବୁଠାରୁ ସହଜ ଉପାୟ ହେଉଛି ନିୟମିତ ଚାଲିବା। ଏହା ଶରୀର ସହ ମସ୍ତିଷ୍କକୁ ସୁସ୍ଥ ରଖିଥାଏ। କିଛି ଲାକେ ପ୍ରାତଃ ଭ୍ରମଣକୁ ତ କିଛି ଲାକେ ସଂଧ୍ୟା ସମୟରେ ଭ୍ରମଣ କରିବାକୁ ପସନ୍ଦ କରିଥାଆନ୍ତି। ମାତ୍ର ସଂଧ୍ୟା ସମୟରେ ଚାଲିବା ଦ୍ୱାରା କି କି ଲାଭ ମିଳିଥାଏ,ଜାଣନ୍ତୁ.. ଏକ ରିପୋର୍ଟ ଅନୁଯାୟୀ, ସଂଧ୍ୟା କିମ୍ବା ରାତିରେ ଚାଲିବା ଦ୍ୱାରା ଶରୀରକୁ ଆଶ୍ଚର୍ଯ୍ୟଜନକ ଲାଭ ମିଳିଥାଏ। ବିଶେଷ କରି ଯେଉଁମାନଙ୍କର ହଜମ ଜନିତ ସମସ୍ୟା ରହିଛି,ସେମାନେ ସଂଧ୍ୟା ସମୟରେ ଚାଲିବା ବେଶ ଉପକାରୀ। ଏହାସହ ରାତ୍ରି ଭୋଜନ କରିବାର କିଛି ସମୟରେ ପରେ ଚାଲିବା ଦ୍ୱାରା ଖାଦ୍ୟ ସଠିକ୍ ଭାବେ ହଜମ ହେବା ସହ ଗ୍ୟାଷ୍ଟ୍ରିକ,ବାନ୍ତି, ବଦହଜମି ସମସ୍ୟା ଦୂର ହାଇଥାଏ। ଦିନ ଯାକର ଥକ୍କାପଣ ପରେ ସଂଧ୍ୟାରେ କିଛି ସମୟ ଚାଲିବା ଦ୍ୱାରା ଖୁବ ଆରାମ ଅନୁଭବ ହାଇଥାଏ। ଏହାଦ୍ୱାରା ଶରୀରର ମାଂସପେଶୀ ସକ୍ରିୟ ହେବା ସହ ଶରୀରକୁ ଆରାମ ମିଳିଥାଏ। ଦିନଯାକର ଥକ୍କାପଣ ପରେ ସଂଧ୍ୟାରେ ଚାଲିବା ଦ୍ୱାରା ଶରୀକୁ ଶକ୍ତି ମିଳିବା ସହ ଖୁବ ଆରାମ ଅନୁଭବ ହୋଇଥାଏ। ମାନସିକ ଶାନ୍ତି ମିଳିଥାଏ। ଚିନ୍ତା ଦୂର ହୋଇଥାଏ। ସଂଧ୍ୟାରେ କିମ୍ବା ରାତ୍ରି ଭୋଜନ ପରେ କିଛି ସମୟ ଚାଲିବା ଦ୍ୱାରା ଉତ୍ତମ ନିଦ ହେବା ସହ ଅନିଦ୍ରା ସମସ୍ୟା ଦୂର ହାଇଥାଏ। ଚାଲିବା ଦ୍ୱାରା ଶରୀରକୁ ଆବଶ୍ୟକୀୟ ଅମ୍ଳଜାନ ମିଳିଥାଏ। ଫଳରେ ରାତିରେ ଶୋଇବା ସମୟରେ ଅଧିକ ଆରାମ ଅନୁଭବ ହେବା ସହ ଭଲ ନିଦ ହୋଇଥାଏ। ସଂଧ୍ୟା ସମୟରେ ଚାଲିବା ଦ୍ୱାରା ମନ ଓ ମସ୍ତିଷ୍କରୁ ନକରାତ୍ମକ ଚିନ୍ତା ଦୂର ହୋଇଥାଏ। ସକରାତ୍ମକ ଶକ୍ତି ଅନୁଭବ ହାଇଥାଏ। ଦୁଃଖିନ୍ତା ସମସ୍ୟାକୁ ଦୂର କରିଥାଏ। ମସ୍ତିଷ୍କ ସୁସ୍ଥ ରହିଥାଏ। ସଂଧ୍ୟାରେ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରିତ ହାଇ ରହିଥାଏ। ସଂଧ୍ୟାରେ ଚାଲିବା ଦ୍ୱାରା ଫ୍ୟାଟ୍ ହ୍ରାସ ହୋଇ ଥାଏ। ସଂଧ୍ୟାରେ ଚାଲିବା ଦ୍ୱାରା କୋଲେଷ୍ଟେରାଲ ନିୟନ୍ତ୍ରଣ ହୋଇ ରହିଥାଏ।ଏହା ରକ୍ତରେ ଶର୍କରା ଓ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରି ରଖିବାରେ ସହାୟକ ହୋଇଥାଏ। ହୃଦୟ ଜନିତ ରୋଗରୁ ଦୂରେଇ ରଖିଥାଏ। ତେଣୁ ସଂଧ୍ୟାରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଉପକାରୀ।

ସକରାତ୍ମକ ଶକ୍ତି ଅନୁଭବ ହାଇଥାଏ। ଦୁଃଖିନ୍ତା ସମସ୍ୟାକୁ ଦୂର କରିଥାଏ। ମସ୍ତିଷ୍କ ସୁସ୍ଥ ରହିଥାଏ। ଓଜନ ନିୟନ୍ତ୍ରିତ ହୋଇ ରହିଥାଏ।

ଶନିଦେବ

ଶନିବାର ବିଶେଷ କରି ପ୍ରଭୁ ଶନିଦେବଙ୍କୁ ସମର୍ପିତ। ଏହି ଦିନ ପ୍ରଭୁଙ୍କ ପୂଜା-ଉପାସନା କରାଯାଏ। ଶନିଦେବଙ୍କୁ ନ୍ୟାୟର ଦେବତା ଓ କର୍ମଫଳ ଦାତା ବାଲି କୁହାଯାଏ। ଜ୍ୟୋତିଷ ଶାସ୍ତ୍ରର ଅନୁଯାୟୀ, ଶନିଦେବ କର୍ମ ଅନୁଯାୟୀ ଫଳ ପ୍ରଦାନ କରିଥାଆନ୍ତି। ଶନିଦେବଙ୍କ କୃପା ପ୍ରାପ୍ତି ପାଇଁ ଆପଣାନ୍ତୁ ଏହି ଉପାୟ.. ଶନିଦେବଙ୍କୁ ପ୍ରସନ୍ନ କରିବା ପାଇଁ ଶନିବାର ଦିନ କୁକୁରଙ୍କୁ ନିଶ୍ଚୟ ଖାଇବାକୁ ଦିଅନ୍ତୁ। କଳା କୁକୁରକୁ ଖାଇବାକୁ ଦେଲେ ଖୁବ ଭଲ। ନଚେତ୍ ଅନ୍ୟ ରଙ୍ଗର କୁକୁରକୁ ମଧ୍ୟ ଖାଇବାକୁ ଦେଇ ପାରିବେ। ଏହା ଦ୍ୱାରା ଶନିଦେବ ପ୍ରସନ୍ନ ହେବା ସହ ବିଶେଷ କୃପା ମିଳିବ। ଶନିଦେବଙ୍କୁ କର୍ମଫଳ ଦାତା କୁହାଯାଏ। ତେଣୁ ଶନିବାର ଦିନ କୌଣସି ଭୁଲ କାମ ଆଦୌ କରନ୍ତୁ ନାହିଁ। ଏହି ଦିନ ଅସହାୟଙ୍କୁ ନିଶ୍ଚୟ ଭାଜନ ଦାନ କରାନ୍ତୁ। ଔଷଧ ସହ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ମଧ୍ୟ ଦାନ କରି ପାରିବେ। କର୍ମକ୍ଷେତ୍ର ଓ ବ୍ୟବସାୟରେ ଉନ୍ନତି ପାଇଁ ଶନିବାର ଦିନ ସ୍ନାନ ପରେ ଅଶ୍ୱତ୍ଥ ବୃକ୍ଷ ମୂଳରେ କଳା ରାଶି ମିଶ୍ରିତ ଜଳ ଅର୍ପଣ କରନ୍ତୁ। ଏହାସହ ଶୁଦ୍ଧ ଘିଅର ଦୀପ ଲଗାଇ ସୁଖ,ସମୃଦ୍ଧି କାମନା କରନ୍ତୁ। ଶନିଦେବଙ୍କ ମନ୍ତ୍ରର ଜପ କରନ୍ତୁ। ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ହେଉଥିଲେ,ଶନିବାର ବିଧିପୂର୍ବକ ପ୍ରଭୁ ହନୁମାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଘରେ ସୁନ୍ଦରାକାଣ୍ଡ ମଧ୍ୟ ପାଠ କରାଇ ପାରିବେ। ଶନିବାର ପ୍ରଭୁ ହନୁମାନଙ୍କ ପୂଜାର୍ଚ୍ଚନା କରିବା ଦ୍ୱାରା ଶନି ଦୋଷ ଦୂର ହାଇଥାଏ।

ବଳି

ପଶୁ ହିଂସା ଦ୍ୱାରା ତୁମ ପାପର ବୃଦ୍ଧି ହେବ, ହ୍ରାସ ପାଇବ ନାହିଁ ।

ପଶୁ ଯଜ୍ଞର ବିଶାଳ ଆୟୋଜନ ହେଉଥାଏ । ଚକ୍ ଚକ୍ କରୁଥିବା ଖଣ୍ଡା ଧରି କ୍ରୁର କଂସେଇ ଆଦେଶକୁ ଅପେକ୍ଷା କରିଥାଏ । ଏହି ସମୟରେ ଭଗବାନ ଗୌତମ ବୁଦ୍ଧ ଯଜ୍ଞସ୍ଥଳରେ ପହଞ୍ଚିଲେ । ରାଜା ଅଜାତଶତ୍ରୁ ତାଙ୍କୁ ପ୍ରଣାମ କଲେ । ତଥାଗତ ବୁଦ୍ଧ ତାଙ୍କୁ ଗୋଟିଏ ଭଙ୍ଗା କାଠି ଦେଇ କହିଲେ, ରାଜନ୍- ଏହାକୁ ଦୁଇ ଖଣ୍ଡ କରି ଦିଅନ୍ତୁ । ରାଜା କହିଲେ, ମହାଭାଗ ଏହା କିପରି ସମ୍ଭବ ? ଏଥର ବୁଦ୍ଧ କହିଲେ ଯେପରି ଭଙ୍ଗା କାଠିକୁ ପୁଣି ଥରେ ଭାଙ୍ଗିବା ଅସମ୍ଭବ, ସେପରି ନିରୀହ, ନିର୍ଘୋଷ ଏବଂ ମୁକ ପ୍ରାଣୀଙ୍କୁ ବଳି ଦେଇ ନିଜ ପାପ ମୋଚନ କରିବା ଅସମ୍ଭବ । ପଶୁ ହିଂସା ଦ୍ୱାରା ତୁମ ପାପର ବୃଦ୍ଧି ହେବ, ହ୍ରାସ ପାଇବ ନାହିଁ । ଆମ ଭିତରେ ଯେଉଁ ପ୍ରଣ ରହିଛି, ଏମାନଙ୍କ ମଧ୍ୟରେ ସେହି ପ୍ରଣ ରହିଛି । ପ୍ରାଣୀ ମାତ୍ରଙ୍କେ ସମାନ ଭାବି ବ୍ୟବହାର କରିବା ଆବଶ୍ୟକ । ଏହା ହିଁ ଧର୍ମ । ଯଦି ତୁମେ କାହାକୁ ଜୀବନଦାନ ଦେଇ ନପାରୁଚ, କାହାର ପ୍ରାଣ ନେବାର ଅଧିକାର ତୁମ ନିକଟରେ ନାହିଁ । ଅଜାତଶତ୍ରୁ ପଶୁ ଯଜ୍ଞରେ ବଳି ଦେବା ଲାଗି ଆଣିଥିବା ପଶୁମାନଙ୍କୁ ମୁକ୍ତ କରି ଦେଲେ ।

CMYK

ପିଣ୍ଡି ନିର୍ମାଣର ୧୦ ବର୍ଷ ବିତିଲା, କାମରେ ଆସୁନାହିଁ

ସେଠାକୁ ଯିବାକୁ ମଙ୍ଗୁନାହାନ୍ତି ଡ଼ଙ୍ଗରିଆ

ରାୟଗଡା,(ନିପ୍ର): ରେଳବାଇ ଷ୍ଟେସନ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ରହିଛି ନିର୍ମାଣ କରାଯାଇଥିବା ଆଦିବାସୀ ବଜାର। କିନ୍ତୁ ସେଠାକୁ ଯିବା ପାଇଁ ମଙ୍ଗୁ ନାହାନ୍ତି ଡଙ୍ଗରିଆ ମାନେ। ଏଥି ପୂର୍ବରୁ ଯେମିତି ଷ୍ଟେସନ ସାମ୍ନାରେ ବସି ନିଜ ବେପାର କଥା ବା ବିକ୍ରିବଟା କରୁଥିଲେ ସେମିତି କରୁଛନ୍ତି। ସପ୍ତାହକୁ ଥରେ ପ୍ରତି ବୁଧବାରେ ହାଟ ଲାଗେ। ଏହି ହାଟ ଡଙ୍ଗରିଆଙ୍କ ଜୀବନ ଜୀବିକାର ମୁଖ୍ୟ।ଡଙ୍ଗରିଆ ମାନେ ନିଜ ଉତ୍ପାଦିତ ଦ୍ରବ୍ୟ ବା ସାମଗ୍ରୀକୁ ଏହି ହାଟକୁ ଆଣି ବିକ୍ରି କରି ଦୁଇ ପଇସା ରୋଜଗାର କରିଥାଆନ୍ତି। କଳାହାଣ୍ଡି ସମେତ ପଡୋଶୀ ରାଜ୍ୟର ବ୍ୟବସାୟୀ ହାଟକୁ ଆସି ଡ଼ଙ୍ଗରିଆଙ୍କ ଉତ୍ପାଦ କିଣିସାରିଲା ପରେ ରେଳରେ ଅନ୍ୟତ୍ର ନେଇଥାନ୍ତି। ଏହାଛଡା ଆଉକିଛି ବେପାରୀ ମୋଟର ଭ୍ୟାନ ଯୋଗେ ମଧ ଅନ୍ୟ ସ୍ଥାନକୁ ସାମଗ୍ରୀ ନେଇ ଯାଇଥାନ୍ତି।

ନୂଆ ପିଣ୍ଡି ନିର୍ମାଣ ହୋଇଥିବା ସ୍ଥାନରେ ହାଟ ବସେଇବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରୟାସ କରାଯାଉଥିଲେ ମଧ କିଛି ସୁଫଳ ମିଳୁନାହିଁ। ଏହି ଡଙ୍ଗରିଆମାନେ ଷ୍ଟେସନରୁ ୨ କିମି ଦୂରରେ ଥିବା ପିଣ୍ଡିକୁ ଯିବା ପାଇଁ ସହଜେ ରାଜି ହେଉନାହାନ୍ତି। ଜନବସତି ଠାରୁ ଦୂରରେ ଆଉ ପାହାଡ଼ ତଳେ ନିର୍ମାଣ କରାଯାଇଥିବାରୁ, ଏତେଦୂର ଯାଇ ଜିନିଷପତ୍ର କିଣିବା ପାଇଁ ଲୋକେ ଯିବା ପାଇଁ ଇଚ୍ଛୁକ ନ ଥିବାରୁ ଏବଂ ନ ଯିବା ଭୟରେ ଡଙ୍ଗରିଆ ରାସ୍ତା ଉପରେ ବସି କାରବାର କରୁଛନ୍ତି। ତତ୍କାଳିନ ଜିଲ୍ଲାପାଳ ଗୁହାପୁନମ ତାପସ କୁମାର ନୂତନ ପିଣ୍ଡି କାର୍ଯ୍ୟକାରୀ କରିବା ପାଇଁ ଏକ ୧୫ ଜଣିଆ ଟିମ୍ ଗଠନ କରି ପ୍ରୟାସ କରିଥିବା ସତ୍ତ୍ୱେ ଡଙ୍ଗରିଆ ମାନେ ନିଜ ଜିଦରେ ଅଟଳ ରହି ଖୋଲା ଆକାଶ ତଳେ ରାସ୍ତା କଡରେ ଚାଲିଛି ହାଟ। ଇତି ମଧ୍ୟରେ ଆଇଟିଡିଏ ଅଧିକାରୀ କହିଛନ୍ତି ଯେ,ଉକ୍ତ ସାପ୍ତାହିକ ହାଟର ପୁନଃରୁଦ୍ଧାର ପାଇଁ ଏକ ଯୋଜନା ଖୁବ ଶୀଘ୍ର କାର୍ଯ୍ୟକାରୀ କରାଯିବ, ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ। ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ଅନେକ ପ୍ରକଳ୍ପ ଜନହିତରେ କାର୍ଯ୍ୟରେ ଆସୁନଥିବା ଅଭିଯୋଗ ହେଉଛି। ପ୍ରକଳ୍ପ କାର୍ଯ୍ୟ ସରି ବିଲ ଉଠିଯିବା ପରେ ତାହା କାର୍ଯ୍ୟକାରୀ ନେଇ କେହିହେଲେ ଗୁରୁତ୍ୱ ଦେଉନଥିବାରୁ ଆଜି ଏଭଳି ପରିସ୍ଥିତି ଉପୁଜି ଥିବା ନେଇ ଆଲୋଚନା ଚାଲିଛି। ସହସ୍ରାଧିକ ଟଙ୍କା ଖର୍ଚ୍ଚ ହେଉଛି,ମାତ୍ର କାର୍ଯ୍ୟକ୍ଷମ ନ ହୋଇ ସେମିତି ପଡ଼ିରହିଥିବା ସାଧାରଣରେ ଆଲୋଚନା ହେଉଛି।

ଛତ୍ରପତି ଶିବାଜୀ ମହାରାଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ରାଜ୍ୟପାଳ

ଭୁବନେଶ୍ୱର,(ହି.ସ.) ଛତ୍ରପତି ଶିବାଜୀ ମହାରାଜଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ବୀରତାର ଜ୍ୱାଳା, ସାହସର ଦୃଷ୍ଟାନ୍ତ ଏବଂ ସ୍ୱାଭିମାନର ପରିଚୟ, ହିନ୍ଦବୀ ସ୍ୱରାଜ୍ୟର ଅମର ଶିଳ୍ପକାର ଛତ୍ରପତି ଶିବାଜୀ ମହାରାଜଙ୍କୁ ତାଙ୍କ ପୁଣ୍ୟତିଥିରେ ଶତ-ଶତ ନମନ ଏବଂ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି। ମା' ଭାରତୀଙ୍କ ବୀର ସପୁତଙ୍କ ପରାକ୍ରମ ଏବଂ ତ୍ୟାଗ ଯୁଗେ-ଯୁଗେ ରାଷ୍ଟ୍ରକୁ ପ୍ରେରିତ କରୁଥିବ।

ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହେବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଅପିଲ୍

ସୁବର୍ଣ୍ଣପୁର, (ହି.ସ.): ଭାରତ ସରକାରଙ୍କ ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହେବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି । ଯାହାକି ୱେବସାଇଟକୁ ଯାଇ ନିଜେ ପଞ୍ଜିକରଣ କରିପାରିବେ । ଏହା ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ବେଳେ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଆସନ୍ତା ୧୬ ତାରିଖରୁ ମେ' ମାସ ୧୫ ପର୍ଯ୍ୟନ୍ତ ଜନଗଣନା ଅଧିକାରୀମାନେ ଘରକୁ ଘର ଯାଇ ଜନଗଣନା କରିବେ। ଏହି ଅଧିକାରୀ ମାନଙ୍କୁ ସଠିକ୍ ବିବରଣୀ ପ୍ରଦାନ କରିବେ। କାରଣ ଏହା ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନର ଭିତ୍ତିଭୂମି ଭାବରେ କାମ କରିବ । ତେଣୁ ଏହି ଜନଗଣନା କାର୍ଯ୍ୟକ୍ରମରେ ଆମ ଜିଲ୍ଲାବାସୀ ସାମିଲ ହୋଇ ସଫଳ କରିବାକୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି ।

ଆଠଗଡ଼ରେ ଓଡ଼ିଶା ଦିବସ

ଆଠଗଡ଼,(ନିପ୍ର): ଆଠଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ୯୦ ତମ ଓଡ଼ିଶା ଦିବସ. ପାଳିତ ହୋଇଯାଇଛି। ଦିବସର ପ୍ରତ୍ୟୁଷରୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ବିଜ୍ଞାପିତ ଅଞ୍ଚଳରେ ରାମଧୂନ ପରିବେଷଣ କରାଯାଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷ ଦ ପକ୍ଷରୁ ଅଞ୍ଚଳର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଉପଜିଲ୍ଲାପାଳ କାର୍ଯ୍ୟାଳୟ ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା , ସମ୍ମାନିତ ଅତିଥି ଭାବରେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ କୁମାର ପଣ୍ଡା, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଶ୍ୱଜିତ ମହାନ୍ତି ଏବଂ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ନାରାୟଣ ପଣ୍ଡା ଯୋଗ ଦେଇ ଅଭିଭାଷଣରେ ଉତ୍କଳ ଦିବସର ଐତିହ୍ୟ ଓ ଓଡ଼ିଆ ଜାତିର ଗୌରବମୟ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ।

'ଆମ ପୋଷାକ ଆମ ପରିଚୟ'

ସୁନ୍ଦରଗଡ଼.(ନିପ୍ର): 'ଓଡ଼ିଆ ପକ୍ଷ' ପାଳନର ଦ୍ୱିତୀୟ ଓ ତୃତୀୟ ଦିବସ ହେଉଛି ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ 'ଆମ ପୋଷାକ ଆମ ପରିଚୟ'। ଏହି କ୍ରମରେ ଗୁରୁବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି ।

ଏହି ଅବସରରେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡାକ୍ତର

ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ଜିଲ୍ଲାସ୍ତରୀୟ ଅସେହିଭଳି ସମସ୍ତ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ସମସ୍ତ ତହସିଲ, ସମସ୍ତ ପୌର ପରିଷଦ ଅଞ୍ଚଳ ସହିତ ଅନ୍ୟାନ୍ୟ ଅଞ୍ଚଳରେ ମଧ ପାରମ୍ପରିକ ପୋଷାକ ପରିଧାନ କରାଯିବା ସହିତ 'ଆମ ପୋଷାକ ଆମ ପରିଚୟ ' ସ୍ଲୋଗାନ ଦିଆଯାଇଥିଲା।

ଚିତ୍ରକୋଣ୍ଡା ଶିବାନନ୍ଦ ଆଶ୍ରମରେ ଅଖଣ୍ଡ ରାମାୟଣ ପାଠ

ମାଲକାନଗିରି,(ହି.ସ.)- ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ଥିତ ଶିବାନନ୍ଦ ଆଶ୍ରମରେ ଅଖଣ୍ଡ ରାମାୟଣ ପାଠ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର ଅବସରରେ ବାବା ରାମଦାସ ରାମାୟଣୀ ବାବାଙ୍କ ଦ୍ୱାରା ରାମାୟଣ ପାଠ କରାଯାଇଥିଲା। ସକାଳ ୬ଟାରୁ ଗୁରୁ ପାଦପୂଜା ଓ ସତସଙ୍ଗ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଅଖଣ୍ଡ ରାମାୟଣ ପାଠ ଶୃଙ୍ଖଳାବଦ୍ଧ ଭାବେ ଚାଲିଥିଲା ଓ ପ୍ରାୟ ସକାଳ ୧୦ଟା ୩୦ ମିନିଟ ସମୟରେ ସମାପ୍ତ ହୋଇଥିଲା।ଏହି କାର୍ଯ୍ୟକ୍ରମକୁ ଦିବ୍ୟଜୀବନ ସଂଘର ସଭାପତି ଲକ୍ଷ୍ମଣ ବେହେରା ଓ ସମ୍ପାଦକ ଶଙ୍କର ଦାସଙ୍କ ନେତୃତ୍ୱରେ ସୁଚାରୁ ଭାବେ ପରିଚାଳନା କରାଯାଇଥିଲା। ଭକ୍ତମାନଙ୍କ ପାଇଁ ସକାଳେ ବାଲଭୋଗ ସହ ମଧ୍ୟାହ୍ନ ସମୟରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି ଧାର୍ମିକ ଅନୁଷ୍ଠାନରେ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ ଆଧ୍ୟାତ୍ମିକ ଲାଭ ଅନୁଭବ କରିଥିଲେ।

ମହିଳା କୃଷକଙ୍କ ଦ୍ୱାରା ସଜନା ଚାଷକୁ ପ୍ରୋତ୍ସାହନ

ବଲାଙ୍ଗିର,(ହି.ସ.): ସଜନା (ଡ୍ରମଷ୍ଟିକ୍) ଚାଷ ଓ ବିପଣନ ଗ୍ରାମୀଣ ମହିଳାମାନଙ୍କ ପରିବାରିକ ଆୟ ଓ ଜୀବିକାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ବୃଦ୍ଧି କରିଛି । ଏହି ପ୍ରୟାସଟି ମିଲିତ୍ ଉତ୍ଥାନ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍‌ଙ୍କ ସାମୁହିକ ପ୍ରୟାସର ଫଳ, ଯାହାକୁ ଓଡିଶା ସରକାର, ଭାରତ ରୁରାଲ୍ ଲିଭଲିହୁଡ୍ସ ଫାଉଣ୍ଡେସନ୍ (ବି: ଆର୍:ଏଲ୍: ଏଫ୍) , ପ୍ରଦାନ ଏବଂ ସ୍ଥାନୀୟ ସଂଗଠନ ଜନମୁକ୍ତି ଅନୁଷ୍ଠାନ ସମର୍ଥନ କରୁଛନ୍ତି ।

ବଲାଙ୍ଗିର ଜିଲ୍ଲାର ମୁରିବାହାଲ ବ୍ଲକରେ ଅବସ୍ଥିତ ମିଡିତ୍ ଉତ୍ଥାନ ମହିଳା ଫାର୍ମର୍ ପ୍ରଡ୍ୟୁସର୍ କମ୍ପାନୀ ଲିମିଟେଡ୍କୁ ଜନମୁକ୍ତି ଅନୁଷ୍ଠାନଙ୍କ ମାଧ୍ୟମରେ ଏପିସି ପ୍ରକଳ୍ପ ଅଧୀନରେ ପ୍ରୋତ୍ସାହନ ଦିଆଯାଇଛି । ଏହି କମ୍ପାନୀ ପ୍ରଡ୍ୟୁସର୍ ଗ୍ରୁପ୍ (ପି: ଜି) ସଦସ୍ୟମାନଙ୍କ ମଧ୍ୟରେ ସଜନା ଚାଷକୁ ପ୍ରୋତ୍ସାହନ ଦେଇଥିବା ସହିତ, ଉଚ୍ଚ ଉତ୍ପାଦନ ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ଷେତ୍ରରେ ସାମୁହିକ ବିପଣନ ବ୍ୟବସ୍ଥା କରିଛି । ପି:ଜି ସଦସ୍ୟାମାନେ ସଜନା ଫସଲ ଉତ୍ପାଦନ କରି ନିର୍ଦ୍ଧାରିତ କେନ୍ଦ୍ରଗୁଡ଼ିକରେ ଆଣି ଜମା କରିଥିଲେ । ଯାହାକୁ ପ୍ରଡ୍ୟୁସର୍ କମ୍ପାନୀ ପରିଚାଳନା କରୁଥିଲା । ଏହି ସାମୁହିକ ବିପଣନ ପ୍ରକ୍ରିୟା ୨୦୨୬ମସିହାର ଫେବୃଆରୀ ମାସର ଶେଷ ସପ୍ତାହରୁ ଆରମ୍ଭ ହୋଇ ମାର୍ଚ୍ଚ ମାସର ମଝିଭାଗ ପର୍ଯ୍ୟନ୍ତ ଚାଲିଥିଲା । ଏପର୍ଯ୍ୟନ୍ତ ପ୍ରଡ୍ୟୁସର୍ କମ୍ପାନୀ ୧୪ଗୋଟି ପ୍ରଡ୍ୟୁସର୍ ଗ୍ରୁପ୍ର ୨୦୨ ଜଣ କୃଷକଙ୍କ ଠାରୁ ମୋଟ ୫୨୭.୪୨ କ୍ୱିଣ୍ଟାଲ୍ ସଜନା ସଂଗ୍ରହ କରିଛି ।

ଏହି ସାମୁହିକ ଉତ୍ପାଦକୁ କଲିକତା ବଜାରକୁ ବିଭିନ୍ନ ବ୍ୟବସାୟୀଙ୍କ ମାଧ୍ୟମରେ ଦଳଗତ ଭାବେ ବିକ୍ରୟ କରାଯାଇଥିବାରୁ ମୋଟ ଟ:୫୨,୧୬,୮୪୦ଙ୍କା ଆୟ ହୋଇଛି । ଏହି ପ୍ରୟାସ ମାଧ୍ୟମରେ କୃଷକମାନଙ୍କ ପାଇଁ ନିଶ୍ଚିତ ଓ ସଂଗଠିତ ବଜାର ପାଇଁ ନିଶ୍ଚିତ ଓ ସଂଗଠିତ ବଜାର ସୁବିଧା ସୃଷ୍ଟି ହୋଇଛି । ଯେଉଁଥିରେ ଓଜନ ଆଧାରିତ ପାରଦର୍ଶୀ ବିପଣନ ପ୍ରଣାଳୀ ଅନୁସରଣ କରାଯାଉଛି । ମଧ୍ୟସ୍ଥମାନଙ୍କ ଶୋଷଣକୁ କମାଇବା ସହିତ ସାମୁହିକ ସଂଗ୍ରହ ମାଧ୍ୟମରେ କୃଷକମାନଙ୍କ ବାର୍ଗେନିଂ କ୍ଷମତା ବୃଦ୍ଧି ପାଇଛି । ଏହା ଫଳରେ ପି:ଜି ସଦସ୍ୟାମାନଙ୍କ ଆୟରେ ଲକ୍ଷଣୀୟ ବୃଦ୍ଧି ଘଟିଥିବା ସହିତ ସ୍ଥାୟୀ ଜୀବିକା ବିକାଶକୁ ସହଯୋଗ ମିଳିଛି । ଏହାରି ମାଧ୍ୟମରେ ଚାଷୀର ଆୟ ଦ୍ୱିଗୁଣିତ ହେବା ସହ ସେମାନଙ୍କ ଆର୍ଥିକ ମାନଦଣ୍ଡ ଉନ୍ନତ ହୋଇପାରୁଛି ବୋଲି ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁ ପ୍ରକାଶ କରିଛନ୍ତି ।

ମାଲକାନଗିରି : ନାକାମାମୁଡ଼ି ପଞ୍ଚାୟତର ଗୋପୀଗୁଡା ଗାଁ

ଚୁଆ ପାଣିରେ ମେଣ୍ଟୁଛି ଶୋଷ

ମାଲକାନଗିରି,(ହି.ସ.)- ଜଳ ପାଇଁ ନାନାଦି ସମସ୍ୟା । ପାଣି ବୁନ୍ଦାଏ ପାଇଁ ମହିଳାଙ୍କୁ ଯିବାକୁ ପଡୁଛି ଗାଁ ପାଖ ଚୁଆକୁ । ଅନ୍ୟପଟେ ଦୂଷିତ ଜଳ ବ୍ୟବହାର ଦ୍ୱାରା ରୋଗରେ ପୀଡିତ ହେଉଛନ୍ତି ଲୋକେ । ଏହି ଦୃଶ୍ୟ ହେଉଛି କୋରୁକୁଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡ଼ି ପଞ୍ଚାୟତର ଗୋପୀଗୁଡା ଗାଁ ର । ଏହି ଦୃଶ୍ୟ ବୟାନ କରୁଛି, ଜଳ ସମସ୍ୟା ଏଠିକାର ମୁଖ୍ୟ ସମସ୍ୟା ବୋଲି । ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରିନିଅନ୍ତି, କିନ୍ତୁ ଜଳ କଷ୍ଟ କଥା କହିଲେ ନସରେ। ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନଙ୍କୁ ଜଣେଇଲା ପରେ ବି ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଛି ଗାଁ । ଗାଁରେ ମୋଟ୍ ୨୦ ରୁ ଉର୍ଦ୍ଧ ପରିବାର ରହୁଥିବା ବେଳେ ଚୁଆ ପାଣି ହିଁ ଏକମାତ୍ର ଭରଷା ।

ଦୁଇ ବର୍ଷ ପୂର୍ବରୁ ଗାଁରେ ନଳକୂଅ ଖୋଳାଯାଇ ସୋଲାର ପାଣି ଦିଆଯାଇଥିଲା ତାହା ଗୋଟିଏ ମାସ ଚାଲିବା ପରେ ମୋଟର ପୋଡ଼ିଗଲା । ହେଲେ ଠିକାଦାର ମୋଟର ତିଆରି କରିବା ପାଇଁ ନେଇ ଆଜି ପର୍ଯ୍ୟନ୍ତ ଦେଖାନାହିଁ। ବର୍ତ୍ତମାନ ସମୟରେ ନିକଟସ୍ଥ ଚୁଆ ପାଣିକୁ ଆଣି ବ୍ୟବହାର କରୁଛନ୍ତି ଗାଁ ଲୋକେ । ତାହାବି ବ୍ୟବହାର ପାଇଁ ଉପଯୋଗ ନଥିବା ବେଳେ, ବାଧ ହୋଇ ଦୂଷିତ ଜଳକୁ ରୋଷେଇ ଠାରୁ ଆରମ୍ଭ କରି ଗାଧୋଇବା, ଲୁଗା ସଫା ପାଇଁ ବ୍ୟବହାର କରିଥାନ୍ତି । ଫଳରେ ବର୍ଷ ସାରା ନାନାଦି ରୋଗରେ ପୀଡିତ ଥିବା କହିଛନ୍ତି ଗାଁ ବାସିନ୍ଦା ।

ଏହି ସମସ୍ୟା ବିଷୟରେ ସରପଞ୍ଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରି ପରେ କୌଣସି ଫଳପ୍ରଦ ହୋଇନାହିଁ । ଖରା ଓ ଶୀତ ପାଗରେ ଗୋଟିଏ ସ୍ଥାନରୁ ଓ ବର୍ଷା ପାଗରେ ଆଉ ଗୋଟିଏ ସ୍ଥାନରୁ ପାଣି ସଂଗ୍ରହ କରି ଆଣିବାକୁ ପଡେ ଗୋପିଗୁଡା ବାସିନ୍ଦାଙ୍କୁ । ଶୁଖିଲା ପାଗରେ ଯେନତେନ ପ୍ରକାରେଣ କରି ଚଳିଯାନ୍ତି, କିନ୍ତୁ ବର୍ଷା ୪ ମାସ ନାହିଁ ନଥିବା ସମସ୍ୟାକୁ ସାମ୍ନା କରିବାକୁ ପଡେ । ଗାଁ ଠାରୁ ୬୦୦ ମିଟର ଦୂରକୁ ଯାଇ ମୁଣ୍ଡରେ ପାଣି ଭର୍ତ୍ତି ହାଣ୍ଡି ଧରି ବହୁ କଷ୍ଟରେ ତଳୁ ଉପରକୁ ଆସିବାକୁ ପଡେ । ତୁରନ୍ତ ବ୍ଲକ କର୍ତ୍ତୃପକ୍ଷ ପକ୍ଷରୁ ଏହାର ସମାଧାନ କରିବା ପାଇଁ ଅଞ୍ଚଳ ବାସୀ ଦାବୀ କରିଛନ୍ତି।

ଗ୍ୟାସ ଡିପୋ ସ୍ଥାନାନ୍ତରିତ ଯୋଗୁଁ ହିତାଧିକାରୀ ହଇରାଣ

ପୁରୀ,(ନିପ୍ର)ପୁରୀ ସହରର ମୋଚିସାହି ନିକଟରେ ଗତ କିଛିଦିନ ତଳେ ଏକ ଗ୍ୟାସ ସଂସ୍ଥା ନାମରେ ଭାରତ ଗ୍ୟାସ ଯୋଗାଇ ଦିଆଯାଉଥିଲା। କିନ୍ତୁ ହଠାତ ଉକ୍ତ ସଂସ୍ଥା ନାମ ପରିବର୍ତ୍ତନ କରି ସହର ଠାରୁ ୨୫କିଲୋମିଟର ଦୂରବର୍ତ୍ତୀ କାଳିକା ବାଡ଼ି ଠାରେ ଡିପ ଖୋଲିଲେ। ଫଳରେ ଉପଭୋକ୍ତା ମାନେ ଗ୍ୟାସ ପାଇବାଲାଗି ହଇରାଣ ହେଉଛନ୍ତି।ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁରୀ ସହରର ଭାରତ ଗ୍ୟାସର ଉପଭୋକ୍ତା ମାନେ କିପରି ଗ୍ୟାସ ସୁବିଧାରେ ପାଇପାରିବେ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଉପଭୋକ୍ତାମାନଙ୍କ ପକ୍ଷରୁ ଦାବି ହେଉଛି ।

ମନ୍ଦିର ପ୍ରଶାସନର ବହୁମୂଲ୍ୟ ସମ୍ପତ୍ତିକୁ ହଡପ କରିବା ଉଦ୍ୟମ !

ପୁରୀ,(ନିପ୍ର)ଶ୍ରୀମନ୍ଦିର ପ୍ରଶାସନର ବହୁ ମୂଲ୍ୟ ସମ୍ପତ୍ତି ତାଳବଣିଆ ମୌଜା ସମେତ ବିଭିନ୍ନ ଅଞ୍ଚଳରେ ରହିଛି। ତାଳବଣିଆ ମୌଜାରେ ଥିବା ଜଗନ୍ନାଥଙ୍କ ସମ୍ପତ୍ତି ଶ୍ରୀମନ୍ଦିର ପ୍ରଶାସନ ଗତ କିଛିଦିନ ତଳେ ନିଜ ଦଖଲକୁ ନେବା ପରେ ସେଠାରେ ମନ୍ଦିର ପ୍ରଶାସନର ନାମ ଫଳକ ଓ ନାଲି ପତକା ମାରିବା ସହ ଉକ୍ତ ଅଞ୍ଚଳକୁ ତାରବାଡ଼ ଘେରାଇ ରଖିଥିଲେ । କିନ୍ତୁ ଗତ କିଛିଦିନ ହବ କେତେକ ଜମି ମାଫିଆ ଉକ୍ତ ଅଞ୍ଚଳରେ ଲୁକ୍କାୟିତ ଭାବେ ପଶି ଉକ୍ତ ଜମିକୁ ପୁନରାଏ ଦଖଲ ନେବାପାଇଁ ଉଦ୍ୟମ କରୁଥିବା କୁହାଯାଉଛି। କିନ୍ତୁ ପୁଲିସ ଆସିଲେ ଏହି ଜମି ମାଫିଆ ମାନେ ଖସି ପଳାଇଯାଉଥିବା କୁହାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଉକ୍ତ ଅଞ୍ଚଳରେ ମନ୍ଦିର ପ୍ରଶାସନ ପକ୍ଷରୁ ଜଗୁଆଳି ରଖିବାପାଇଁ ଜଗନ୍ନାଥ ପ୍ରେମୀ, ଭକ୍ତ ଓ ସାଧାରଣ ଲୋକଙ୍କ ପକ୍ଷରୁ ଦାବି ହେଉଛି।

ବାଇଦେଇ ମହୋତ୍ସବ ଉଦ୍‌ଯାପିତ

ଚାରିଛକ,(ନିପ୍ର) : ଚାରଛକ ନିକଟସ୍ଥ ତୁଳସୀପୁର ପଂଚାୟତ ଗଡ ଅମରପ୍ରସାଦ ଠାରେ ୮ମ ବାର୍ଷିକ ମା' ବାଇଦେଇ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ମୁଖ୍ୟବକ୍ତାଭାବେ ଭୁବନେଶ୍ୱରର ଓୟୁଏଟି ଅଧକ୍ଷ ପ୍ରଫେସର ଡଃ ସୁଶେନ କୁମାର ପଣ୍ଡା,ସମ୍ମାନୀତ ଅତିଥିଭାବେ କଣ୍ଠଶିଳ୍ପୀ ସରିତା ଆଚାର୍ଯ୍ୟ,ଏମବିବିଏସ୍ ଏମଡି ପାଥୋଲୋଜି ଅଭୟଜିତ ସାହୁ,ଅସ୍ତରଂଗ ବନ୍ୟପ୍ରାଣୀ ବନାଂଚଳ ଅଧିକାରିଣୀ ମୋନାଲିସା ମହାପାତ୍ର,ସମାଜସେବୀ ସୁରେଶ ଚନ୍ଦ୍ର ସାହୁ,ସମାଜସେବୀ ଆଶୁତୋଷ ମହାନ୍ତି,ସାଂସଦଙ୍କ ନିମାପଡା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ପୁରୀଜିଲ୍ଲା ଭାଜପା ଉପ-ସଭାନେତ୍ରୀ ମୀନଲତା ମହାନ୍ତି,ପୂର୍ବତନ

ସରପଂଚ ଭଗବାନ ମିଶ୍ର,ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ସ୍ୱାଇଁ,ତୁଳସୀପୁର ଭାଜପା ସଭାପତି କୈଳାଶ ଚନ୍ଦ୍ର କର,ନାରୀନେତ୍ରୀ ଝିଲିଲତା ଦାସ,ଚାରିଛକ ଭାଜପା ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ,ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରାଜକିଶୋର ସାହୁ,କ୍ରୀଡା ଶିକ୍ଷକ ମୂରଲୀଧର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ଅଂଚଳରୁ ଆସିଥିବା ସୁନାମଧନ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ ଦ୍ୱାରା ଗ୍ରାମାଂଚଳରେ ଲୁଚି ହଜି ଯାଉଥିବା କଳାକୁ ଉଦ୍‌ଜୀତ କରେ। ମା'ବାଇଦେଇ ମହୋତ୍ସବ କମିଟିର ସମସ୍ତ ସଦସ୍ୟ,ଗଡ ଅମରପ୍ରସାଦ ଗ୍ରାମବାସୀ ଓ ଆଖପାଖ ଅଂଚଳର ଜନସାଧାରଣଙ୍କ ମିଳିତ ସହଯୋଗରେ ୮ ବର୍ଷଧରି ଏହି ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିବାରୁ କମିଟିର ସଭାପତି ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି ।

ରାୟଗଡ଼ରେ ଓଡ଼ିଆ ପକ୍ଷ ପାଳନ

ରାୟଗଡ,(ନି:ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ପାରମ୍ପରିକ ପୋଷାକ ପରିଧାନ ଦିବସ ଭାବରେ ପାଳିତ ହୋଇଯାଇଛି। ସମସ୍ତ କର୍ମଚାରୀ ମାନେ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରି କାର୍ଯ୍ୟରେ ଯୋଗଦାନ କରିଥିଲେ ।ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ସାଧାରଣ, ନବୀନ ଚନ୍ଦ୍ର ନୟାକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ନିହାର ରଞ୍ଜନ କହଁର ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ କାର୍ଯ୍ୟକ୍ରମର ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଏଲିଜାବେଥ ଗୋରଡା,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ,ଜିଲ୍ଲା ପଂଚାୟତ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାରଣା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ସିଛୁଆନ , ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ,ଯୋଗଦେଇ ପାରମ୍ପରିକ ପୋଷାକ ପରିଧାନ ଓ ବୁଣାକାର ମାନଙ୍କ ଜୀବନ ଧାରଣର ମାନ ବୃଦ୍ଧି କରିବା ସହ ଆଞ୍ଚଳିକ ପରିଚୟ ପରିପ୍ରକାଶ କରିଥାଏ ବୋଲି ଅତିଥି ମାନେ କହିଥିଲେ ।କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗଦେଇଥିବା ଡେପୁଟି କଲେକଟର ଓଡ଼ିଆ ସହକାରୀ ଜିଲ୍ଲାପାଳ ଅରବିନ୍ଦ ପ୍ରଧାନ, ପ୍ରିୟଦର୍ଶିନୀ, ଭଡାଲ ରାଣୀ, କଳିଙ୍ଗ କୁମାର ପୂଜାରୀ, ବରିଷ୍ଠ ସାମ୍ବାଦିକ ବି ନାଗରନ୍ତୁ, ରଞ୍ଜନ ମହାନ୍ତି, ରାଜସ୍ୱ ସହାୟକ ମାନସ ସାହୁ, ଦେବାନନ୍ଦ ରଥ କେରକେଟା, ସମ୍ରାଟ ସାହୁ ଆଦି ବହୁ କର୍ମଚାରୀ ଯୋଗଦେଇଥିଲେ ।

ପୂର୍ବତଟ ରେଳକୁ ପଙ୍ଗୁ କରିବାକୁ ଚାଲିଛି ଚକ୍ରାନ୍ତ : ବିଜେଡି

ଭୁବନେଶ୍ୱର,(ହି.ସ.)- ଓଡିଆ ଅସ୍ମିତାକହି ବିଜେପି ସରକାର ଆସିଛି । ଡବଲ ଇଞ୍ଜିନ ସରକାର ଠିକ ଭାବରେ କାମ କରୁନାହିଁ। ଓଡ଼ିଶାର ବିକାଶ ସରକାରଙ୍କ ଦାୟିତ୍ୱ ହେବା କଥା। ହେଲେ ସେ କିପରି ଓଡିଶାର ସମ୍ପତ୍ତି ବଢାଇଛନ୍ତି ନା କମାଉଛନ୍ତି ତାହା ଉତ୍କଳ ଦିବସରୁ ଆରମ୍ଭ ହୋଇଛି ବୋଲି ଅଭିଯୋଗ ଆଣିଛି ବିଜେଡି । ପୂର୍ବତଟ ରେଳ ଜୋନ ଆରମ୍ଭହୋଇଥିଲା ଓଡ଼ିଶାର ରେଳ ସହ ସାମାଜିକ ବିକାଶ ହେବା ଲକ୍ଷ୍ୟ ନେଇ। ରେଳ ବିଭାଗର ଗଠନ ହେବା ୧୯ ଟି ଜୋନରୁ ଅଧିକ ରେଭିନ୍ୟୁ ଦେଉଥିବାଜୋନ ହେଉଛି ପୂର୍ବତଟ ରେଳ। ତାହାକୁ ପଙ୍ଗୁ କରିବାକୁ ଚକ୍ରାନ୍ତ ଚାଲିଛି ବୋଲି ବିଜେଡି ନେତା କହିଛନ୍ତି । ପୂର୍ବତଟ ରେଳର ସୀମା ସଙ୍କୁଚିତ କରାନଯାଉ। ନବୀନ ବାବୁ ଏହାକୁ ବିରୋଧ କରିଥିଲେ ।ପୂର୍ବତଟ ରେଳରୁ ପଲାସା ଏବଂ ଇଚ୍ଛାପୁରମ୍‌କୁ କଢ଼ାଯାଉଛି। ସାଉଥ ଜୋନରେ ଯୋଡ଼ା ହେବ। ଏହିପୂର୍ବ ତଟ ରେଳ ଜୋନରୁ ୨୫ ହଜାର କୋଟି ଭାରତ ସରକାରଙ୍କ ପାଖକୁ ଯାଉଥିଲା। ଯାହା ଏବେ ୧୨ ହଜାର କୋଟି କମିବ, ମାନବ ସମ୍ବଳ କମିବ,ଜୋନ ପଙ୍ଗୁ ହେବ। ପଲାସା ଏବଂ ଇଚ୍ଛାପୁରମ ତାହା ଆନ୍ଧ୍ରକୁ ଗଲା। ଏହାଦୁର୍ଭାଗ୍ୟର ବିଷୟ। ୨୦ ଜଣ ସାଂସଦ ଯାଇଛନ୍ତି କଣ କରୁଛନ୍ତି । ଡବଲ ଇଞ୍ଜିନ ସରକାର କଣ କରୁଛି । ଓଡ଼ିଶାର ସ୍ୱାଭିମାନ ଆନ୍ଧ୍ର ପାଖରେ ବନ୍ଧା ପଡ଼ିଛି। ରେଳ ମାନଚିତ୍ରରେ ଓଡ଼ିଶାକୁ ହଟାଇବାକୁ ଉଦ୍ୟମ କରାଯାଉଛି। ବିଜେଡ଼ି ଏହାକୁ ପ୍ରତିବାଦ କରୁଛି ।ଏ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରୁଛି।

ଓଡ଼ିଆ ପକ୍ଷ ପାଳନ ଅବସରର ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

ପାରଳାଖେମୁଣ୍ଡି,(ନିପ୍ର): ରାଜ୍ୟ ବ୍ୟାପୀ ଓଡ଼ିଆ ପକ୍ଷ ପାଳିତ ଅବସରରେ ଗଜପତି ଜିଲ୍ଲାସ୍ତରୀୟ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଦୟାମୟ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗିତା ରଇତ, ସହକାରୀ ଜିଲ୍ଲାପାଳ ଜଗନ୍ନାଥ ପାଢ଼ୀ, ଉତ୍କଳ ବାଲାଶ୍ରମର କର୍ମଚାରୀ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି।

ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଦିବସ ୧ ଅପ୍ରେଲ ଠାରୁ ମହାବିଷୁବ ସଂକ୍ରାନ୍ତି ୧୪ ଅପ୍ରେଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ଏହି ଅବସରରେ ପ୍ରତ୍ୟେକ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ଗୁଡ଼ିକ ସ୍ଥିର କରାଯାଇଛି। ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ। ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧ ରହିଛି। ଏଣୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ଆମେ ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବା। କେବଳ ଆଜି ନୁହେଁ, ସବୁ ଦିନ ପିନ୍ଧିବା ଏବଂ ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା।

ହୀନମନ୍ୟତାକୁ ଦୂରେଇ ଐକ୍ୟବଦ୍ଧତାକୁ ଗୁରୁତ୍ୱ ଦେବାକୁ ହେବ : ଡ. ବେହେରା

ରାଉରକେଲା,(ନିପ୍ର): ନିଖିଳ ଉତ୍କଳ କୈବର୍ତ୍ତ ସମାଜ ରାଉରକେଲା ତରଫରୁ ୨୬ତମ ବାର୍ଷିକ ସମ୍ମିଳନୀ ତଥା ଚୈତ୍ର ମହୋତ୍ସବ ସ୍ଥାନୀୟ ଭଞ୍ଜଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅର୍ଜୁନ ଚରଣ ସାହୁଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ଭ୍ରମରବର ବେହେରାଙ୍କ ଆବାହକତ୍ୱ ତଥା କାର୍ଯ୍ୟକାରୀ ସଭାପତି ନଟବର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭାର ସଭାପତି ତଥା ଶିକ୍ଷାବିତ ଡ଼ ଦେବେନ୍ଦ୍ରନାଥ ବେହେରା ମୁଖ୍ୟଅତିଥି, ରାଉରକେଲା ଇସ୍ପାତ କାରଖାନା ଅଫିସର ସଂଘର ସଭାପତି ତଥା ଆରଏସପିର ମହାପ୍ରବନ୍ଧକ ଇଂ ଅବକାଶ ବେହେରା ମୁଖ୍ୟବକ୍ତା ତଥା ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ଏବଂ କବି କୁଞ୍ଜବିହାରୀ ରାଉତ, ରାଉରକେଲା ଯୁକୋ ବ୍ୟାଙ୍କର ମୁଖ୍ୟ ପରିଚାଳକ ଜଗନ୍ନାଥ ବରିହା, ଆରଏସପି ସହାୟକ ମହାପ୍ରବନ୍ଧକ ଦୀନବନ୍ଧୁ ସେଠି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ଅନ୍ୟାନ୍ୟ ଅତିଥିଙ୍କ ମଧ୍ୟରେ ପ୍ରାକ୍ତନ ପୁଲିସ ଅଧିକାରୀ ଡ ସୁମନ ଦତ୍ତ, କୈବର୍ତ୍ତ ସମାଜର ପ୍ରାକ୍ତନ ସଭାପତି ଜଗବନ୍ଧୁ ବେହେରା ଓ ଜଗନ୍ନାଥ ବେହେରା, କୁମୁଦ ବେହେରା, ପ୍ରମୋଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ମୁଖ୍ୟଅତିଥି ଡ଼ ବେହେରା ତାଙ୍କ ବକ୍ତବ୍ୟରେ କୈବର୍ତ୍ତ ସମାଜକୁ ଏକ ସାହାସିକ ଜାତି ଭାବେ ଅବହିତ କରି ମହର୍ଷି ପରାଶର,ମତ୍ସଗନ୍ଧା, ବ୍ୟାସଦେବଙ୍କ ସୃଷ୍ଟି,କଳିଙ୍ଗ ଯୁଦ୍ଧରେ କାରୁବାକୀଙ୍କ ଭୂମିକା,ନୌବାଣିଜ୍ୟ ରେ କୈବର୍ତ୍ତ ମାନଙ୍କ ଭୂମିକା ସହ ହୀନମନ୍ୟତା ନରଖି ଐକ୍ୟବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ରାଉତ କୈବର୍ତ୍ତ ସମାଜର ସହରରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଇଂ ବେହେରା କୈବର୍ତ୍ତ ସମାଜର ଐକ୍ୟବଦ୍ଧତା ପାଇଁ ସେ ନିର୍ବାଚନରେ ବିଜୟୀ ହୋଇଥିବାରୁ ସାଧୁବାଦ ଦେବାସହ ସମାଜର ପରମ୍ପରା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସେହିପରି ଶ୍ରୀରାମଚନ୍ଦ୍ରଙ୍କ ସହ କୈବର୍ତ୍ତଙ୍କ ଉପାଖ୍ୟାନ କହି ସମସ୍ତଙ୍କ ମନ ମୋହି ଥିଲେ। ପ୍ରାକ୍ତନ ସଭାପତି ଜଗନ୍ନାଥ ବେହେରା ଅନୁଷ୍ଠାନକୁ ଅଧିକ ସଂଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କ ପରିଚୟ ଓ ସାଧାରଣ ସମ୍ପାଦକ ଶ୍ରୀ ବେହେରା ସମ୍ପାଦକୀୟ ବିବରଣୀ ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜର ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟାମାନଙ୍କ ଦ୍ୱାରା ଉତ୍କଳର ଜାତୀୟ ସଂଗୀତ ଓ ସମାଜର ଆରାଧ୍ୟା ଦେବୀ ମା ବାଶେଳୀଙ୍କ ଉଦ୍ଦେଶ୍ୟରେ ସଂଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର କିଛି ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା।

ତିଥି :(ଦ୍ୱିତୀୟା): (ସ୍ୱାତୀ ତୁଳା)
ଅମୃତ ବେଳା:ରାତ୍ରୀ ଘ ୭।୧୮ ମଧ୍ୟେ ଘ ୮।୬ ଗତେ

ଆଜିର ଅନୁଚିନ୍ତନ

ହେ ଭରତବଂଶଜ ଅର୍ଜୁନ! ସମସ୍ତ କ୍ଷେତ୍ରରେ ତୁମେ ମୋତେ ହିଁ କ୍ଷେତ୍ରଜ୍ଞ ବୋଲି ଜାଣ, ଏବଂ କ୍ଷେତ୍ର କ୍ଷେତ୍ରଜ୍ଞ ବିଷୟକ ଜ୍ଞାନ ହିଁ ମୋ ମତରେ ଜ୍ଞାନ।। - ଶ୍ରୀମଦ୍ ଭଗବଦ୍ ଗୀତା

ଆମେରିକାର ଆତ୍ମପ୍ରତାରଣା

ଇତିମଧ୍ୟରେ ଆମେରିକା ଇରାନର ସବୁଠୁ ବଡ଼ ସେତୁକୁ ଧ୍ୱଂସ କରିଛି। ଯାହା ଦିନେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଥିଲା। ଆମେରିକା ରାଷ୍ଟ୍ରପତି ନିକଟରେ କହିଥିଲେ ଯୁଦ୍ଧର ଅବସାନ ଲାଗି ଆଉ ଦୁଇରୁ ତିନି ସପ୍ତାହ ଲାଗିପାରେ। ଏହା ପୂର୍ବରୁ ଯୁଦ୍ଧ ବନ୍ଦ ସଂକ୍ରାନ୍ତରେ ଯେଉଁ ବିବୃତି ସେ ରଖିଥିଲେ, ବସ୍ତୁତଃ ତାହା ମୂଲ୍ୟହୀନ ହୋଇଛି। ଆମେରିକାର ଯୁଦ୍ଧ ଆଭିମୁଖ୍ୟରୁ ତାହା ସହଜରେ ଜଣାପଡ଼େ। ଏହି ରାଷ୍ଟ୍ର ପ୍ରମୁଖ ବାଣିଜ୍ୟିକ ସାମୁଦ୍ରିକ ପଥ ହର୍ମୁଜକୁ ନିଶାଣ କରିଥିଲା। ଏହା ନ ଖୋଲିଲେ ଇରାନକୁ ଛାରଖାର୍ କରିଦିଆଯିବ ବୋଲି ଟ୍ରମ୍ପ ଧମକ ଦେଇଥିଲେ ହେଁ ତାହା ବାସ୍ତବରେ ପରିଣତ କରିବା କଷ୍ଟକର ବୋଲି ସେ ନିଶ୍ଚୟ ବୁଝିପାରିଥିଲେ ବୋଲି ତାହାକୁ ଆଉ ଦୋହରାଇ ନାହାନ୍ତି।

ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ତୈଳ ଓ ଇନ୍ଧନ ଗ୍ୟାସ ପରିବହନ ହେଉଥିବା ଏହି ସାମୁଦ୍ରିକ ପଥକୁ ଇରାନ ଆଂଶିକ ଭାବରେ ଅବରୋଧ କରିଛି। ଏହି ଅବରୋଧ ଫଳରେ ସମଗ୍ର ବିଶ୍ୱକୁ ଶକ୍ତିସଂକଟ ଯେଭଳି ଉପୁଜିଛି ତାହା ପୂର୍ବରୁ କେବେ ଦେଖାଯାଇନଥିଲା। ବ୍ରିଟେନ ପକ୍ଷରୁ ନିକଟରେ ହର୍ମୁଜ ଖୋଲିବାକୁ ୩୫ ରାଷ୍ଟ୍ରକୁ ଏକାଠି କରିଥିଲା। ଯେବେ ଏନେଇ ସମ୍ମିଳନୀ ବସିଲା ତାହା ୬୦ ରାଷ୍ଟ୍ରକୁ ବୃଦ୍ଧି ପାଇବା ଏକ ବିଶେଷ ସଂକେତ ବହନ କରେ। ତାହା ହେଉଛି ହର୍ମୁଜ ଖୋଲାଯିବା ନେଇ ବହୁମତ। ଭାରତ ପକ୍ଷରୁ ବାସ୍ତବବାଦୀ ଆଭିମୁଖ୍ୟ ଏଥିରେ ରଖାଯାଇଥିଲା। ଏଥିରେ କୁହାଯାଇଛି ଅନ୍ତର୍ଜାତୀୟ ନିୟମ ଅନୁସାରେ ହର୍ମୁଜ ବାଣିଜ୍ୟିକ ଜାହାଜ ଚଳାଚଳ ନିମିତ୍ତ ମୁକ୍ତ ତଥା ସୁରକ୍ଷିତ ରଖାଯାଉ। ବଳପୂର୍ବକ ଏହା ଖୋଲିବାକୁ ପ୍ରୟାସ କଲେ ତାହା ଅବାସ୍ତବ ହେବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନଙ୍କ ବିବୃତି ବର୍ତ୍ତମାନର ଯୁଦ୍ଧ ପ୍ରେକ୍ଷାପଟ୍ଟରେ ଗୁରୁତ୍ୱ ବହନ କରେ। କାରଣ ହର୍ମୁଜ ଏବେ ଇରାନର ରଣକୌଶଳ ଆଧାରିତ ଅସ୍ତ୍ର ପାଲଟିଛି। ତେବେ ଫ୍ରାନ୍ସର କହିବା କଥା ଆଲୋଚନା ମାଧ୍ୟମରେ ଏହାର ସମାଧାନ ଯଥାର୍ଥ ହେବ। ଏପରି ବିବୃତି ହିଁ ବର୍ତ୍ତମାନର ପ୍ରେକ୍ଷାପଟ୍ଟରେ ବାସ୍ତବତା ଆଡ଼କୁ ଇଙ୍ଗିତ କରେ। କାରଣ ଆଲୋଚନା ବ୍ୟତିରେକ ଯୁଦ୍ଧ ଜରିଆରେ ଏହାକୁ ହାସଲ କରାଯିବା ଯୁକ୍ତିଯୁକ୍ତ ନୁହେଁ। ଇରାନ ବିରୋଧରେ ଟ୍ରମ୍ପ ୟୁରୋପର ସହଯୋଗୀ ରାଷ୍ଟ୍ରମାନେ ସାମରିକ ସହାୟତା ଯୋଗାଇ ଦିଅନ୍ତୁ ବୋଲି ଆହ୍ୱାନ କରୁଥିଲେ। ମାତ୍ର ଏଥିରୁ ବିଫଳତା ପାଇଲେ। ଫଳରେ ସେ ହତୋତ୍ସାହିତ ହୋଇଛନ୍ତି।

ଟ୍ରମ୍ପ ହୁଏତ ମନେ କରୁଥିଲେ ଇରାନ ଉପରେ ହମ୍ଲା କାରଣରୁ ଏହା ଆତ୍ମସମର୍ପଣ କରିପାରେ। ୧୫ ସୂତ୍ରୀ ପ୍ରସ୍ତାବ ଗ୍ରହଣ କରିପାରେ। କିନ୍ତୁ ତାହା ହେଉନାହିଁ। ଯାହା ମନେ କରାଯାଉଛି ଇରାନ ପଛରେ ଆଗକୁ ହୁଏତ ରୁଷିଆ, ଚୀନ ପରି ରାଷ୍ଟ୍ର ଆମେରିକାର ଆଣ୍ଡପଣକୁ ଭାଙ୍ଗିବା ପାଇଁ ସହାୟତା କରିପାରନ୍ତି। ଯଦି ଏପରି ଘଟେ, ତେବେ ଯୁଦ୍ଧ ଦୀର୍ଘକାଳୀନ ହେବ। କେବେ ଶେଷ ହେବ ଆକଳନ କରିହେବନାହିଁ। ଏବେ ଶକ୍ତିସଂକଟରୁ ଧୀରେ ଧୀରେ ବାଣିଜ୍ୟ ଓ ଖାଦ୍ୟ ଉତ୍ପାଦନ ଉପରେ ପ୍ରଭାବ ପଡ଼ିସାରିଲାଣି। ଆଗକୁ ମାନ୍ଦାବସ୍ଥା ଓ ମୁଦ୍ରାସ୍ଫୀତି ଆଡ଼କୁ ସ୍ଥିତି ମୁହାଁଇବା ଆଶଙ୍କା ଜଳଜଳ। ଯାହା ମନେ କରାଯାଉଛି ଆମେରିକା ଯେଉଁ ଯୁଦ୍ଧ ଆରମ୍ଭ କରିଥିଲା, ତାହା ଶେଷ କରିବା ପାଇଁ ବାଟ ନ ପାଇ ପୁଣି ଯୁଦ୍ଧ କରୁଛି। ଏହା ଏକ ବଡ଼ ଆତ୍ମପ୍ରତାରଣା କହିଲେ କିଛି ଭୁଲ୍ ହେବନାହିଁ।

ଖାର୍ଗ ଦ୍ୱୀପ ଅଧିକାର କରିପାରେ ଆମେରିକା

ଡ. ପ୍ରମୋଦ କୁମାର ପଣ୍ଡା

"ଖାର୍ଗ ଦ୍ୱୀପ ପୃଥିବୀର ଅତି ଛୋଟିଆ ଦ୍ୱୀପଗୁଡ଼ିକ ମଧ୍ୟରୁ ଅନ୍ୟତମ। ପାରସ୍ୟ ମହାସାଗରରେ ଅବସ୍ଥିତ ଏହି ଦ୍ୱୀପ ଇରାନ ପାଇଁ ନାହିଁନଥିବା ଗୁରୁତ୍ୱ ରଖେ। ଏହା ଇରାନରୁ ୨୫ କିଲୋମିଟର ଓ ହର୍ମୁଜ ପ୍ରଣାଳୀରୁ ୪୮୩ କିଲୋମିଟର ଦୂରରେ ଅବସ୍ଥିତ। ଏହାର ଲମ୍ବା ୮ କିଲୋମିଟର, ଚଉଡା ସାଢେ ଚାରି କିଲୋମିଟର ଓ କ୍ଷେତ୍ରଫଳ ୨୨ କିଲୋମିଟର। ଲୋକସଂଖ୍ୟା ୧୦,୦୦୦ ପାଖାପାଖି। ଏଠିକାର ଅଧିକାଂଶ ଲୋକେ ଆଇଆର୍‌ଜିସିରେ କାମ କରନ୍ତି। ଇରାନର ଦକ୍ଷିଣରେ ସ୍ଥିତ ପାରସ୍ୟ ସମୁଦ୍ର ତଟ ଆବଡ଼ଖାବଡ଼ ଓ ଅଗଭୀର।ଏଠି ତୈଳ ଟ୍ୟାଙ୍କର ପହଞ୍ଚିବା ଖୁବ୍ କଷ୍ଟକର। ଜାହାଜରେ ତେଲ ଲୋଡ଼ କରିବା ଅସମ୍ଭବ ପ୍ରାୟ। ତେଣୁ ଇରାନ ସରକାର ୨୫ କିଲୋମିଟର ଦୂରରେ ଅବସ୍ଥିତ ବିଚ୍ଛିନ୍ନ ଖାର୍ଗ ଦ୍ୱୀପକୁ ତୈଳଭଣ୍ଡାର ରୂପେ ବ୍ୟବହାର କରେ। ଇରାନରୁ ପାଞ୍ଚଟି ପାଇପଲାଇନ ଯୋଗେ ଏହି ଦ୍ୱୀପକୁ କଞ୍ଚା ତେଲ ପଠାଯାଏ ଓ ସେଠି ମହଜୁଦ ରଖାଯାଏ। ଖାର୍ଗ ଇରାନର ତେଲ ବିକ୍ରୟ କେନ୍ଦ୍ର।"

ପାକିସ୍ତାନ ମାଧ୍ୟମରେ ପ୍ରେରିତ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସର୍ତ୍ତମୂଳକ ଯୁଦ୍ଧବିରତି ପ୍ରସ୍ତାବରେ ଇରାନ ନିଜର ଗଭୀର ଅସହମତି ପ୍ରକାଶକରି ଓଲଟା ଏଥିପାଇଁ ଆମେରିକା ଆଗରେ ପାଞ୍ଚଗୋଟି ସର୍ତ୍ତ ରଖିଲା। ଟ୍ରମ୍ପଙ୍କ ପନ୍ଦର ଗୋଟି ସର୍ତ୍ତ ମଧ୍ୟରେ ଇରାନ ତାର ପରମାଣୁ କାର୍ଯ୍ୟକ୍ରମ ସୀମିତ ରଖିବ, କେବେହେଲେ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବା ପ୍ରଚେଷ୍ଟା କରିବନାହିଁ, ନିଜ ୟୁରାନିୟମ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିକୁ ହସ୍ତାନ୍ତର କରିବ, ନତାଞ୍ଜ, ଇସଫାନ ଓ ଫେର୍ଦ୍ଦି ପରମାଣୁ କେନ୍ଦ୍ର ନଷ୍ଟ କରିବ, ହମାସ, ହିଜବୁଲ୍ଲାହ ଓ ହୁତି ସଂଗଠନକୁ ଆର୍ଥିକ ସହାୟତା, ଅସ୍ତ୍ର ଓ ପ୍ରଶିକ୍ଷଣ ଦେବା ବନ୍ଦ କରିବ, ହର୍ମୁଜ ପ୍ରଣାଳୀକୁ ସୁରକ୍ଷିତ ସାମୁଦ୍ରିକ ମାର୍ଗ ବନାଇବ, ମିସାଇଲ ରେଞ୍ଜ ସୀମିତ କରିବ ଇତ୍ୟାଦି ପ୍ରମୁଖ। ଇରାନ ସର୍ତ୍ତମୂଳକ ପ୍ରସ୍ତାବରେ ସହମତ ହେଲେ ଯୁଦ୍ଧବିରତି ସହ ଆମେରିକା ଇରାନ ଉପରେ ଲାଗିଥିବା ସମସ୍ତ ପ୍ରତିବନ୍ଧକ ପ୍ରତ୍ୟାହାର କରିନେବ। ଇରାନ ଓଲଟ ଆମେରିକା ଆଗରେ ରଖିଥିବା ପାଞ୍ଚଗୋଟି ସର୍ତ୍ତ ହେଲା, ଇରାନର ଶୀର୍ଷ ନେତାଙ୍କ ହତ୍ୟା

ବନ୍ଦ ହେବ, ଇରାନକୁ ଗ୍ୟାରେଣ୍ଟି ମିଳିବା କଥା ଯେ ଭବିଷ୍ୟତରେ ତା'ଉପରେ ହମଲା ହେବନାହିଁ, ଯୁଦ୍ଧ ସମୟରେ ନଷ୍ଟ ହୋଇଥିବା ସମସ୍ତ ଧନଜୀବନର ଇରାନକୁ କ୍ଷତିପୂରଣ ମିଳିବ, ଯୁଦ୍ଧ ସମସ୍ତ ପକ୍ଷରୁ ବନ୍ଦ ହେବ ଓ ହର୍ମୁଜ ପ୍ରଣାଳୀରେ ଇରାନର କାନୁନୀ ଅଧିକାର ରହିବ। ପାଞ୍ଚଦିନିଆ ସାମୟିକ ଯୁଦ୍ଧବିରତି ପରେ ରାଷ୍ଟ୍ରପତି ଟ୍ରମ୍ପ କହିଥିଲେ ଯେ ଇରାନର ଶୀର୍ଷ ନେତାଙ୍କ ସହ ଆମେରିକାର ମୂଲ୍ୟବାନ ଓ ଉପଯୋଗୀ ଆଲୋଚନା ଚାଲିଛି। ଅନ୍ତଃରାଷ୍ଟ୍ରୀୟ ମିଡ଼ିଆ ସଂସ୍ଥାର ଦାବି ମୁତାବକ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାକର ଘାଲୀବାଫ ଆମେରିକା ସହ କଥାବାର୍ତ୍ତା କରୁଛନ୍ତି। କିନ୍ତୁ ଘାଲୀବାଫ ଏହି ଖବରକୁ ମିଛ କହିଛନ୍ତି। ସି.ଏନ୍.ଏନ୍. ଖବର ସରବରାହ ସଂସ୍ଥା ଅନୁସାରେ ଟ୍ରମ୍ପଙ୍କ ବିଶେଷ ଦୂତ ଜାରେଡ଼ କୁଶନର ଓ ଷ୍ଟିଭ ଉଆଟକୋଫ ସହ ଆଲୋଚନା କରିବାକୁ ଇରାନ ପ୍ରସ୍ତୁତ ନୁହେଁ। ଇରାନୀ ସରକାରୀ ମିଡ଼ିଆର ଦାବି ଅନୁସାରେ ଆମେରିକା ସହିତ ଇରାନର କୌଣସି କଥାବାର୍ତ୍ତା ହୋଇନାହିଁ। ଇରାନରେ ଆମେରିକା କ୍ଷମତା ପରିବର୍ତ୍ତନ ଚାହୁଁଥିଲା। କିନ୍ତୁ ଏବେ ଲାଗୁଛି ଇରାନ ଆମେରିକାର ସତ୍ତା ପରିବର୍ତ୍ତନ କରିଦେଲା। ଟ୍ରମ୍ପଙ୍କ ଗୋଟିଏ ବାକ୍ୟ ବଳରେ "ଇରାନ ସହିତ ସକାରାତ୍ମକ କଥାବାର୍ତ୍ତା ଚାଲିଛି" ସେୟାର ବଜାରରେ ସୁଧାର ଓ କଞ୍ଚା ତୈଳଦର ବୃଦ୍ଧିରେ ହ୍ରାସ ଘଟିଥିଲା। ବ୍ୟାରେଲ ପ୍ରତି ୧୧୨ ଡାଲାରରୁ ୧୦୦ ଡଲାରକୁ ଖସି ଆସିଥିଲା। ତା' ପରଦିନ ଡୋନାଲଡ ଟ୍ରମ୍ପ ଇରାନରୁ ଯୁଦ୍ଧ ନୁହଁ, ତେଲ ଓ ଗ୍ୟାସ ସମ୍ପର୍କିତ ଅମୂଲ୍ୟ ଉପହାର ମିଳିଥିବା ବିଷୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ । ଫଳରେ ଦ୍ୱିତୀୟ ଦିନ ବି ତେଲ ଦର ବ୍ୟାରେଲ ପିଛା ୧୦୦ ଡ଼ଲାରରୁ ୯୪ ଡଲାରକୁ ଖସିଆସିଥିଲା। ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଟ୍ରମ୍ପ ତାଙ୍କ ଅର୍ଥନୀତିକୁ ସୁଦୃଢ଼ କରିବାକୁ ଓ ବଜାରରେ ତୈଳ ଦର ସ୍ଥିର ରଖିବାକୁ କିଛି ମଧ୍ୟ କରିପାରିବେ।

ଇରାନକୁ ୪୮ ଘଣ୍ଟାର ମହଲତ ଦେଇଥିବା ଆମେରିକା ନିଜେ ୧୨୦ ଘଣ୍ଟାର ମହଲତ ନେଇଛି। ଯୁଦ୍ଧବିରତିର ସର୍ତ୍ତମୂଳକ ପ୍ରସ୍ତାବ ପଠାଇ ଇରାନ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚୁଛି। ଓ୍ୱାରସିପ ଡିପ୍ଲୋମେସି ଚଳେଇଛି। ଯାହାକୁ ମୁଖ ମେଁ ରାମ, ବଗଲ ମେଁ ଛୁରୀ କୁହାଯାଏ। ପୂର୍ବରୁ ଇରାନ ପଟକୁ ତିନୋଟି ଯୁଦ୍ଧପୋତ ୟୁଏସଏସ ବକ୍ସର, ୟୁଏସଏସ ପୋର୍ଟଲ୍ୟାଣ୍ଡ ଓ ୟୁଏସଏସ କୋମଷ୍ଟକ ସମେତ ୪୫୦୦ ମେରିନ କମାଣ୍ଡର ପଠାଇସାରିଛି। ଏସବୁ ପଛରେ ଆମେରିକାର ଦୁଇଟି ସ୍ୱାର୍ଥ ନିହିତ। ପ୍ରଥମ ସେ ହର୍ମୁଜ ପ୍ରଣାଳୀକୁ ଅକ୍ତିଆରରେ ନେଇପାରେ। ଦ୍ୱିତୀୟ ଇରାନର ଖାର୍ଗ ଦ୍ୱୀପକୁ ଅଧିକାର କରିପାରେ। ହର୍ମୁଜ ପ୍ରଣାଳୀ ଅକ୍ତିଆର କରିବା ଏତେ ସହଜ ନୁହଁ, ବିପଜ୍ଜନକ ମଧ୍ୟ। ଏଠାରେ ନେଭାଲ ମାଇନ୍ସ ବିଛାଯାଇଥାଇପାରେ। ସମୁଦ୍ର ତଟରେ ଚବିଶ ଘଣ୍ଟା ଇରାନୀ ନୌସେନା ମୁତୟନ। ତେଣୁ ଖାର୍ଗ ଦ୍ୱୀପ ହଡେଇବା ଯୋଜନା କରୁଥାଇପାରେ ଆମେରିକା। ପାରାଟ୍ରୁପରସ ବଡ଼ ବିମାନ ସାହାଯ୍ୟରେ ନିଜର ଲକ୍ଷ୍ୟସ୍ଥଳ ଉପରେ ପହଞ୍ଚନ୍ତି। ଆକାଶମାର୍ଗରୁ ପାରାଚ୍ୟୁଟ ଦ୍ୱାରା ତଳକୁ ଲମ୍ଫ ପ୍ରଦାନ କରି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଥାନ୍ତି। ତଳେ ଓହ୍ଲାଇବା ପରେ ମେରିନ କମାଣ୍ଡରମାନଙ୍କ ପାଖକୁ ଖବର ଯାଏ। ସେମାନେ ସେଠି ପହଞ୍ଚିବା ପରେ ମିଳିତ ଅଭିଯାନ ଆରମ୍ଭ ହୋଇଥାଏ ଓ ଇପ୍ସିତ ଭୂଖଣ୍ଡ ଅଧିକାର କରିନିଅନ୍ତି। ଖାର୍ଗ ଦ୍ୱୀପ ପାଇଁ ଆମେରିକା ଏଭଳି ଗୋପନୀୟ ଯୋଜନା ଓ ଅଭିଯାନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏଠି ପ୍ରଶ୍ନ ଉଠେ ଯେ ବିଶ୍ୱର ଏମିତି ଏକ କ୍ଷୁଦ୍ର ଦ୍ୱୀପ ଅଧିକାର କରି ଆମେରିକାକୁ କଣ ମିଳିବ?

ଖାର୍ଗ ଦ୍ୱୀପ ପୃଥିବୀର ଅତି ଛୋଟିଆ ଦ୍ୱୀପଗୁଡ଼ିକ ମଧ୍ୟରୁ ଅନ୍ୟତମ। ପାରସ୍ୟ ମହାସାଗରରେ ଅବସ୍ଥିତ ଏହି ଦ୍ୱୀପ ଇରାନ ପାଇଁ ନାହିଁନଥିବା ଗୁରୁତ୍ୱ ରଖେ। ଏହା ଇରାନରୁ ୨୫ କିଲୋମିଟର ଓ ହର୍ମୁଜ ପ୍ରଣାଳୀରୁ ୪୮୩ କିଲୋମିଟର ଦୂରରେ ଅବସ୍ଥିତ। ଏହାର ଲମ୍ବା ୮ କିଲୋମିଟର, ଚଉଡା ସାଢେଚାରି କିଲୋମିଟର ଓ କ୍ଷେତ୍ରଫଳ ୨୨ କିଲୋମିଟର। ଲୋକସଂଖ୍ୟା ୧୦,୦୦୦ ପାଖାପାଖି। ଏଠିକାର ଅଧିକାଂଶ ଲୋକେ ଆଇଆରଜିସିରେ କାମ କରନ୍ତି। ଇରାନର ଦକ୍ଷିଣରେ ସ୍ଥିତ ପାରସ୍ୟ ସମୁଦ୍ର ତଟ ଆବଡ଼ଖାବଡ଼ ଓ ଅଗଭୀର।ଏଠି ତୈଳ ଟ୍ୟାଙ୍କର ପହଞ୍ଚିବା ଖୁବ୍ କଷ୍ଟକର। ସମୁଦ୍ରୀ ଜାହାଜରେ ତେଲ ଲୋଡ଼ କରିବା ଅସମ୍ଭବ ପ୍ରାୟ। ତେଣୁ ଇରାନ ସରକାର ୨୫ କିଲୋମିଟର ଦୂରରେ ଅବସ୍ଥିତ ବିଚ୍ଛିନ୍ନ ଖାର୍ଗ ଦ୍ୱୀପକୁ ତୈଳଭଣ୍ଡାର ରୂପେ ବ୍ୟବହାର କରେ। ଇରାନରୁ ପାଞ୍ଚଟି ପାଇପଲାଇନ ଯୋଗେ ଏହି ଦ୍ୱୀପକୁ କଞ୍ଚା ତେଲ ପଠାଯାଏ ଓ ସେଠି ମହଜୁଦ ରଖାଯାଏ। ଖାର୍ଗ ଇରାନର ତେଲ ବିକ୍ରୟ କେନ୍ଦ୍ର। ଇରାନର ୯୦ପ୍ରତିଶତ ଅଶୋଧିତ ତେଲ ଏଠାରୁ ଜାହାଜରେ ବୋଝେଇ ହୋଇ ରପ୍ତାନି ହୁଏ।

ଖାର୍ଗ ଦ୍ୱୀପରେ ତିନି କୋଟି ବେରେଲ କଞ୍ଚା ତେଲ ଗଚ୍ଛିତ କରି ରଖିବାର ସୁବିଧା ରହିଛି। ସେଥିଯୋଗୁଁ ଖାର୍ଗ ଦ୍ୱୀପ ଉପରେ ଆମେରିକାର ନଜର। ଥରେ ଖାର୍ଗ ଦ୍ୱୀପ ଆମେରିକା ଅଧିକାରକୁ ଚାଲିଗଲେ ଇରାନର ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ ଏବଂ ସେ ଆତ୍ମସମର୍ପଣ କରିବାକୁ ବିବଶ ହେବ। ଟ୍ରମ୍ପଙ୍କ ଆଖି ଖାର୍ଗ ଦ୍ୱୀପ ଉପରେ ଏବେ ନୁହଁ, ବହୁତ ପୂର୍ବରୁ ରହିଛି।

୧୯୮୦ ରୁ ୧୯୮୮ ପର୍ଯ୍ୟନ୍ତ ଇରାନ ଓ ଇରାକ ମଧ୍ୟରେ ଦୀର୍ଘ ଆଠ ବର୍ଷ ଧରି ଯୁଦ୍ଧ ଲାଗିଥିଲା। ସେତେବେଳେ ଜିମି କାର୍ଟର ଆମେରିକାର ରାଷ୍ଟ୍ରପତି। ୧୯୮୮ ମସିହାରେ ଡୋନାଲଡ ଟ୍ରମ୍ପ ଏକ ସାକ୍ଷାତକାରରେ କହିଥିଲେ ସେ ଯଦି ଜିମି କାର୍ଟର ହୋଇଥାନ୍ତେ, ତେବେ ସେନା ପଠାଇ ସେ ଖାର୍ଗ ଦ୍ୱୀପକୁ କବ୍‌ଜା କରିଦିଅନ୍ତେ। ବୋଧହୁଏ ୩୮ ବର୍ଷ ତଳର ସେହି ଅଭୀଷ୍ଟ ପୂରଣ ପାଇଁ ଆଜି ଏଇ ପ୍ରସ୍ତୁତି।

ଇରାନ ବୋକା ନୁହଁ। ସିଏ ଡୋନାଲଡ ଟ୍ରମ୍ପଙ୍କୁ ଠିକ୍ ଚିହ୍ନିଛି, ଠିକ୍ ଜାଣିଛି ତାଙ୍କର ଷଡ଼ଯନ୍ତ୍ର, ଚାଲବାଜି। ତେଣୁ ତାର ପୂର୍ବ ପ୍ରସ୍ତୁତି ଆରମ୍ଭ କରୁଛି। ଧମକ ମଧ୍ୟ ଦଉଛି ଯଦି ଆମେରିକାର ଦୃଷ୍ଟି ହର୍ମୁଜ କିମ୍ବା ଖାର୍ଗ ଉପରେ ପଡେ ତେବେ ସେ ଆଉ ଏକ ସାମୁଦ୍ରିକ ଜଳପଥ ବାବ-ଇଲ-ମାନ୍ଦେବ ଯାହା ୟେମେନରେ ସ୍ଥିତ ତାକୁ ହୁତି ବିଦ୍ରୋହୀ ସଂଗଠନ ସହାୟତାରେ ଅବରୋଧ କରିବ। ଏପରି ହେଲେ ବିଶ୍ୱରେ ତୈଳ ସଙ୍କଟ ଆହୁରି ଉତ୍କଟ ହେବ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ- ୭୯୭୮୨ ୮୩୧୯୦

ଜନସଂଖ୍ୟା ଅନୁପାତରେ ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ କମ୍

ଡ.ଅରୁନ୍ଧତୀ ଦେବୀ

ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱର ସରକାର ଦାୟିତ୍ୱ ନେବା ପରେ ବିଶେଷକରି ଶିକ୍ଷା କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆଣିଛନ୍ତି। ରାଜ୍ୟରେ ଜାତୀୟ ଶିକ୍ଷା ନୀତି - ୨୦୨୦ ଲାଗୁ ହେବା ସହ ପିଏମଶ୍ରୀ ଯୋଜନାର ୭୬୨ଟି ଏବଂ ନିପୁଣ ଓଡ଼ିଶା ମିଶନରେ ୫୦୦୦ରୁ ଅଧିକ ସ୍କୁଲ ସାମିଲ। ଏହା ମାଧ୍ୟମରେ ଶ୍ରେଣୀ ଗୃହରୁ ବିକଶିତ ଓଡ଼ିଶାର ସ୍ୱପ୍ନ ଆଙ୍କିଛନ୍ତି ସରକାର। ସରକାର ଆକର୍ଷଣୀୟ ଶିକ୍ଷଣୀୟ ପରିବେଶ ସାଙ୍ଗକୁ, ଡ୍ରପଆଉଟ ହାର ରୋକିବାକୁ ଅନେକ ଯୋଜନା ଆପଣେଇଛନ୍ତି। ଉଜମାନର ଗୁଣାତ୍ମକ ଶିକ୍ଷା ପାଇଁ ପ୍ରାଥମିକ ସ୍ତରରୁ ଗୋଟିଏ ପରେ ଗୋଟିଏ ପରିବର୍ତ୍ତନ ଚାଲିଛି। ତେବେ ଏସବୁ ଭିତରେ ଏସ୍‌ଇବିସିଙ୍କ ପାଇଁ ସରକାରଙ୍କ ଯୋଜନା ଓ ଭୂମିକା ସମ୍ପର୍କରେ ଏଠାରେ ଛୋଟିଆ ଆଲୋଚନା।

ଏସ୍‌ଇବିସି ବର୍ଗଙ୍କ ପାଇଁ ଓଡ଼ିଶାରେ ସରକାରୀ ଚାକିରି କ୍ଷେତ୍ରରେ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଏହି ବର୍ଗର ଜନସଂଖ୍ୟା କିନ୍ତୁ ରାଜ୍ୟର ମୋଟ ଲୋକସଂଖ୍ୟାର ଅନ୍ୟୂନ ୪୦ ପ୍ରତିଶତ ବୋଲି ଅନୁମାନ କରାଯାଉଛି। ତେବେ ବେସରକାରୀ ଭାବେ ଏମାନଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ବୋଲି ଦାବି କରାଯାଉଛି। ଏବେ ରାଜ୍ୟ ସରକାର ଏହି ବର୍ଗଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ୧୧.୨୫ ପ୍ରତିଶତ ଆସନ ସଂରକ୍ଷଣ ଲାଗୁ କରୁଛନ୍ତି। ଏହାଛଡ଼ା ପୌର ଓ ପଞ୍ଚାୟତ ନିର୍ବାଚନରେ ଏହି ବର୍ଗଙ୍କ ପାଇଁ ଆସନ ସଂରକ୍ଷଣ ବ୍ୟବସ୍ଥା ଥିବାବେଳେ ଏଯାବତ୍ କିନ୍ତୁ ଓଡ଼ିଶା ସମେତ ସାରା ଦେଶରେ ବିଧାନସଭା ଓ ଲୋକସଭା ପାଇଁ ଏସଇବିସିଙ୍କ ଲାଗି ଆସନ ସଂରକ୍ଷଣ ବ୍ୟବସ୍ଥା କରାଯାଇନାହିଁ।

୨୦୨୩ ବର୍ଷରେ ଓଡ଼ିଶା ରାଜ୍ୟ ପଛୁଆ ବର୍ଗ କମିଶନ ପକ୍ଷରୁ ଏସ୍‌ଇବିସିଙ୍କ ସ୍ଥିତି ସଂକ୍ରାନ୍ତରେ ତଥ୍ୟ ଅନୁସନ୍ଧାନ କରାଯାଇଥିଲା। ଏହି ତଥ୍ୟ ମୁତାବକ ସେ ସମୟରେ ଏସ୍‌ଇବିସି ସର୍ଭେରେ ପାଖାପାଖି ୧ କୋଟି ୯୫ ଲକ୍ଷ ଲୋକ ଅଂଶ ଗ୍ରହଣ କରିଥିଲେ। ଏସ୍‌ଇବିସି ବର୍ଗର ଏହି ଲୋକମାନେ ୫୩,୯.୧୩୨ ଘର ବା ପରିବାରରେ ବସବାସ କରୁଥିବା ସେ ସମୟରେ ଜଣାପଡ଼ିଥିଲା। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଜନସଂଖ୍ୟା ଅନୁପାତରେ ସାରା ଦେଶରେ ଏସ୍‌ସି ଓ ଏସଟି ବର୍ଗଙ୍କ ଲାଗି ୨୨.୫ ପ୍ରତିଶତ ଆସନ ସଂରକ୍ଷଣ ରହିଛି। ସରକାରୀ ଚାକିରି, ନିର୍ବାଚନ ଓ ଶିକ୍ଷାନୁଷ୍ଠାନରେ ଏହି ବର୍ଗଙ୍କ ଲାଗି ସ୍ଥାନ ସଂରକ୍ଷଣ ପ୍ରଚଳିତ ରହିଛି। ତେବେ ଚାକିରି ଏବଂ ପଞ୍ଚାୟତ ଓ ପୌର ନିର୍ବାଚନ କ୍ଷେତ୍ରରେ ସଂରକ୍ଷଣ ସୀମା ୫୦ ପ୍ରତିଶତରୁ ଟପିପାରିବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ରୁଲିଂ ଯୋଗୁଁ ଗତ ଶତାବ୍ଦୀର ୯୦ ଦଶକରେ ଏସଇବିସିଙ୍କ ପାଇଁ ଜାତୀୟ ସ୍ତରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଥିଲା। ଏହା ଏବେ ବି ବଳବତ୍ତର ରହିଛି।

ଅନ୍ୟପକ୍ଷରେ ସେ ସମୟରେ ଓଡ଼ିଶା ସରକାର ଜଷ୍ଟିସ ନବକିଶୋର ଦାସ କମିଶନ ବସାଇଥିଲେ ଏବଂ ଏହି କମିଶନ ମଧ୍ୟ ସୁପ୍ରିମକୋର୍ଟଙ୍କ ରାୟ ମୁତାବକ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ସୀମା ୧୨ ପ୍ରତିଶତ ଭିତରେ ରଖିଥିଲେ। ଏଠାରେ ଉଲ୍ଲେଖନୀୟ ଯେ ସେତେବେଳେ ଓଡ଼ିଶାରେ ଏସସି ଓ ଏସଟି ବର୍ଗଙ୍କ ପାଇଁ ୩୮ ପ୍ରତିଶତ ସ୍ଥାନ ସଂରକ୍ଷଣ ଥିଲା। ପରବର୍ତ୍ତୀ ଜନଗଣନା ଆଧାରରେ ଏସସି ବର୍ଗଙ୍କ ପାଇଁ ୧୬.୨୫ ପ୍ରତିଶତ ଓ ଏସଟି ବର୍ଗଙ୍କ ପାଇଁ ୨୨.୫ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖାଯିବାରୁ ଏସଇବିସିଙ୍କ ଲାଗି ସଂରକ୍ଷଣ ୧୧.୨୫ ପ୍ରତିଶତ ରଖିବାକୁ ପଡ଼ିଥିଲା। ତେବେ ଓଡ଼ିଶା ସରକାର ଦୁଇଥର ଏହି ବର୍ଗଙ୍କ ପାଇଁ ସଂରକ୍ଷଣ ସୀମା ଜାତୀୟ ହାର ସହ ସମାନ କରି ୨୭ ପ୍ରତିଶତକୁ ବଢ଼ାଇଥିଲେ ମଧ୍ୟ ତାହା ଏକ ମାମଲାରେ କାଟ୍ ଖାଇଯିବାକୁ ପୁଣି ୨୦୧୪ ମସିହାରୁ ରାଜ୍ୟ ସରକାର ଏହାକୁ ୧୧.୨୫ ପ୍ରତିଶତକୁ ହ୍ରାସ କରିଛନ୍ତି। ତଥ୍ୟ ମୁତାବକ ନୟାଗଡ଼ ଜିଲ୍ଲାରେ ଏସ୍‌ଇବିସିଙ୍କ ସଂଖ୍ୟା ସର୍ବାଧିକ ୫୮ ପ୍ରତିଶତ ଥିବାବେଳେ ବୌଦ୍ଧ, ଗଞ୍ଜାମ, କେନ୍ଦ୍ରାପଡ଼ା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ଏହି ବର୍ଗଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ବୋଲି କୁହାଯାଉଛି। ଏହାଛଡ଼ା ଅନୁଗୁଳ, ଖୋର୍ଦ୍ଧା, କଳାହାଣ୍ଡି, ଯାଜପୁର, ବାଲେଶ୍ୱର, ବରଗଡ଼, କଟକ ଓ ଦେବଗଡ଼ ଆଦି ଜିଲ୍ଲାରେ ଏସଇବିସି ଜନସଂଖ୍ୟା ୩୦ରୁ ୪୫ ପ୍ରତିଶତ ହେବ ବୋଲି କୁହାଯାଉଛି। ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ବର୍ଗର ସଂଖ୍ୟା ୧୫ରୁ ୩୦ ପ୍ରତିଶତ ରହିଛି। ଏ ପରିପ୍ରେକ୍ଷୀରେ ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ ସୀମା ବୃଦ୍ଧି ହୋଇପାରିବ କି ନାହିଁ ତାହା ଏବେ ବି ଚର୍ଚ୍ଚାର ବିଷୟ ହୋଇ ରହିଛି।

କଟକ, ମୋ : ୯୯୩୭୧୭୨୮୧୦

ହିଂସା ଓ ପ୍ରତିହିଂସାର ବିଷ ବଳୟ

ଅଧ୍ୟାପକ ଗୋପବନ୍ଧୁ

"ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁଁ ଧାର୍ମିକ ମୌଳବାଦ ବଢ଼ୁଛି। ଧର୍ମ ଆଧାରରେ ମୋବ୍ ଲିନଚିଂ(ଭିଡ଼ ତନ୍ତ୍ର) ହେଉଛି। ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯାତନା ଦିଆଯାଉଛି। ତାଙ୍କୁ ହତ୍ୟା ମଧ୍ୟ କରାଯାଉଛି। ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ୍ୟ ଅଛି। ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି। ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ।"

ଧର୍ମ ଆଧାରିତ ହିଂସା ଏବେ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ଦେଶରେ ଧାର୍ମିକ ହିଂସା ଅନୁଷ୍ଠିତ ହେଲେ, ଅନ୍ୟ ଦେଶରେ ଏହାର ପ୍ରତିହିଂସା ଦେଖା ଦେଉଛି। କିଛିଦିନ ତଳେ ଆମ ପଡୋଶୀ ବାଂଲା ଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର, ତାଙ୍କୁ ହତ୍ୟା, ତାଙ୍କ ଘରପୋଡ଼ି, ମନ୍ଦିର ଭଙ୍ଗାଯିବା ପରି ନାରକୀୟ ଘଟଣା ସମ୍ମୁଖକୁ ଆସିଛି। ଏହିପରି ଘଟଣା ପାକିସ୍ଥାନରେ ମଧ୍ୟ ପୂର୍ବରୁ ଘଟିଛି। ଧର୍ମଭିତ୍ତିକ ହିଂସା କେବଳ ଏହି ଦେଶରେ ରହିଛି ଏବଂ ଭାରତରେ ନାହିଁ ବୋଲି କହି ହେବ ନାହିଁ। ଆମ ଦେଶରେ ମଧ୍ୟ ସଂଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାର ହେବାର ଅନେକ ଦୃଷ୍ଟାନ୍ତ ରହିଛି। ଉଭୟ ବାଂଲାଦେଶ ଓ ପାକିସ୍ଥାନରେ ହିନ୍ଦୁମାନେ ସଂଖ୍ୟାଲଘୁ। କିନ୍ତୁ ଭାରତରେ ମୁସଲମାନ, ଖ୍ରୀଷ୍ଟିୟାନ ଓ ହିନ୍ଦୁ ଧର୍ମ ବ୍ୟତୀତ ଅନ୍ୟ ଧର୍ମର ଲୋକମାନେ ସଂଖ୍ୟାଲଘୁ। ଏ ସମସ୍ତ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ଏକ ପୁରୁଣା ରୋଗ। ଏ ଦିଗରେ କେବଳ ଗୋଟିଏ ଦେଶକୁ ଦୋଷଦେଲେ ଚଳିବ ନାହିଁ। ଏହାର ଐତିହାସିକ ଓ ସାମାଜିକ ପୃଷ୍ଠଭୂମି ରହିଛି। ଗୋଟିଏ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର ହେଲେ ଅନ୍ୟ ଦେଶରେ ଏହାର ପ୍ରତିକ୍ରିୟା ପରିଲକ୍ଷିତ ହେଉଛି।

କେଇମାସ ତଳେ ଭାରତବର୍ଷରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବିରୋଧରେ ହିଂସା ପରିଲକ୍ଷିତ ହେଲା। ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାରେ ଗ୍ରାହାମ ଷ୍ଟେନ୍ ଓ ତାଙ୍କ ଦୁଇ ଶିଶୁପୁତ୍ରକୁ ପୋଡି ମାରିବାର ଦୃଷ୍ଟାନ୍ତ ରହିଛି ଯାହା ବିଶ୍ୱର ସମସ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀ ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ପୁଣି ଏବେକାର ଘଟଣା ଯୋଗୁଁ ବିଭିନ୍ନ ଦେଶରେ ପ୍ରତିକ୍ରିୟା ଦେଖାଦେଇଛି। ଫଳରେ ବିଭିନ୍ନ ଖ୍ରୀଷ୍ଟ ବହୁଳ ଦେଶରେ ଭାରତୀୟ ହିନ୍ଦୁମାନଙ୍କ ପ୍ରତି ନକାରାତ୍ମକ ଭାବନା ଜାଗ୍ରତ ହେଉଛି। ଘଟଣାର ପ୍ରତିକ୍ରିୟା ସ୍ୱରୂପ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ସାମ୍ବାଦିକ ଘୋଷଣା କରିଛନ୍ତି ଯେ ନୂଆବର୍ଷ ପରେ ହିନ୍ଦୁ ମନ୍ଦିର ଓ ବାଛି ବାଛି ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଯିବ। ଆଶା କରିବା ଏପରି କିଛି ନ ହେଉ ଓ ସେଠାକାର ସରକାର ଏ ଦିଗରେ ସତର୍କ ରହନ୍ତୁ। ତଦ୍ରୂପଭାବେ ମୁସଲମାନମାନଙ୍କ ଉପରେ ଅତ୍ୟାଚାର ସମାନ ପ୍ରତିକ୍ରିୟା ସୃଷ୍ଟି କରିବ। ଭାରତରେ ଏପରି ଆକ୍ରମଣ ଓ ହିଂସା ବନ୍ଦ ହେବା ଉଚିତ। ଏପରି କରିବା ଦ୍ୱାରା ପାଶ୍ଚାତ୍ୟ ଦେଶରେ ତଥା ମୁସଲମାନ ଦେଶରେ କର୍ମନିଯୁକ୍ତି ପାଇଥିବା ଲକ୍ଷ ଲକ୍ଷ ଭାରତୀୟ ହିନ୍ଦୁଙ୍କୁ ବିପଦରେ ପକାଇବ। ଏହା ସହିତ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ଧର୍ମର ଯେଉଁ ଉଦାରବାଦୀ ଛବି ବିଦେଶରେ ତିଆରି କରିଛନ୍ତି ତାହା ମଧ୍ୟ ଧୂଳିସାତ୍ ହୋଇଯିବ। ଆମ ଆନ୍ତର୍ଜାତିକ ସମ୍ବନ୍ଧ ବିଗଡିଯିବ। ବଦଳରେ ଆମେ ନିଶ୍ଚିତ ଚାହିଁବା ଯେ ବିଶ୍ୱର କୌଣସି ଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ନ ହେଉ।

ହିଂସାରୁ ଜାତ ପ୍ରତିହିଂସା। ପ୍ରତିହିଂସା ହେଉଛି ହିଂସାର ପ୍ରତିକ୍ରିୟା। ଘୃଣା, ଦ୍ୱେଷ ଓ ଅସହିଷ୍ଣୁତାରୁ ହିଂସାଭାବ ଜାତ ହୁଏ। ପୁଣି ହିଂସାରୁ ପ୍ରତିହିଂସା ଜାତହୁଏ ଏବଂ ଏ ପ୍ରକ୍ରିୟା ଆଗକୁ ବଢ଼ିଚାଲେ। ଏହା ହଠାତ୍ ସମାପ୍ତ ହୁଏ ନାହିଁ। କ୍ରମେ ସଂକ୍ରମିତ ହୋଇ ଆହୁରି ବଢେ। ସାମାଜିକ ପରିବେଶ ଏପରି ଭାବନାକୁ ମନୁଷ୍ୟର ମନରେ ରୋପିତ କରେ। କ୍ରମେ ତାହା ଦାନା ବାନ୍ଧେ ଏବଂ ସମସାମୟିକ ପରିସ୍ଥିତି ଏହାକୁ ଆହୁରି ପରିବ୍ୟାପ୍ତ ଓ ପରିପକ୍ୱ କରେ। ହିଂସା ଓ ପ୍ରତିହିଂସା ଯେତେବେଳେ ସାମାଜିକ ଚେତନାର ରୂପନିଏ ଏହା ପିଢିପରେ ପିଢି ଉଦ୍‌ଜୀବିତ ରହେ। ଏପରି ଭାବନାକୁ ପବନ ଦେବାରେ ପରିବାର, ଜାତି, ଧର୍ମ ଓ କେତେକ କ୍ଷେତ୍ରରେ ଶିକ୍ଷାବ୍ୟବସ୍ଥା ଆଦୌ ଅବହେଳା କରେ ନାହିଁ। ରାଜନୈତିକ ପରିବେଶ ଯେତେବେଳେ ଏପରି ପରିସ୍ଥିତିରୁ ଫାଇଦା ନେବାକୁ ଚେଷ୍ଟାକରେ ସେତେବେଳେ ଏହା ରାଷ୍ଟ୍ରୀୟ ରୂପରେଖ ଧାରଣକରେ ଏବଂ ରାଷ୍ଟ୍ର ହିଂସାବାଦର ପୃଷ୍ଠପୋଷକ ବନିଯାଏ।

ପ୍ରାରମ୍ଭିକ ଅବସ୍ଥାରେ ଏପରି ପରିସ୍ଥିତି ରାଜନୈତିକ ଫାଇଦା ଦିଏ। ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ସେତେବେଳେ ଏହା ଭୟଙ୍କର ରୂପ ଧାରଣକରେ। ବାଘ ପିଞ୍ଜରା ଭିତରେ ଥିବା ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥାଏ। ପିଞ୍ଜରାରୁ ବାହାରିଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ। ଠିକ୍ ସେହିପରି ନିଜ ସ୍ୱାର୍ଥପାଇଁ ଯେଉଁ ହିଂସାର ମଞ୍ଜି ବୁଣାଯାଏ, ତାହା କ୍ଷୀପ୍ରଭାବେ ବଂଶ ବିସ୍ତାର କରେ ଓ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ। ପୁଣି ଏହାକୁ ନିୟନ୍ତ୍ରିତ କରିବାପାଇଁ କଷ୍ଟସାଧ୍ୟ ଓ ସମୟସାପେକ୍ଷ ହୁଏ। ଭାରତବର୍ଷରେ ଧାର୍ମିକ ଓ ଜାତିଗତ ବିଦ୍ୱେଷର ମଞ୍ଜି ବହୁପୂର୍ବରୁ ବୁଣା ହୋଇଛି। ସ୍ୱାଧୀନତାପରେ ଏହାର ମୂଳୋତ୍ପାଟନ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଏବେ ଏହା ନୂତନ ରୂପରେ ଓ ନୂତନ ଢଙ୍ଗରେ କାୟା ବିସ୍ତାର କରୁଛି। ରାଜନୀତି ଏ ଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛି। କେବଳ ଭାରତ ନୁହେଁ ଉଭୟ ବାଂଲାଦେଶ ଓ ପାକିସ୍ଥାନରେ ମଧ୍ୟ ସମାନ ଢଙ୍ଗରେ ରାଜନୀତି ଚାଲିଛି।

ଶାନ୍ତି, ମୈତ୍ରୀ, ସମାନତା, ମାନବତା, ପ୍ରଗତିଶୀଳତା ପ୍ରଭୃତି ମହନୀୟ ଗୁଣକୁ ଆଧାରକରି ରାଜନୀତି କରିବା ପରିବର୍ତ୍ତେ ହିଂସା-ପ୍ରତିହିଂସା, ଘୃଣା-ଦ୍ୱେଷ, ଭଙ୍ଗା-ରୁଜା, ଗାଳି-ଗୁଲଜ, ରାଗ-ପ୍ରତିଶୋଧର ରାଜନୀତି ଆରମ୍ଭ ହୋଇଛି।

ସମାଜରେ, ପରିବାରରେ, ଚା' ଖଟିରେ ବି ଧାର୍ମିକ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରାଯାଉଛି। ଶିଶୁଟି ଜନ୍ମରୁ ଭିନ୍ନଧର୍ମ ଓ ଜାତିପ୍ରତି ଧାର୍ମିକ ଓ ଜାତିଗତ ଘୃଣା ଶୁଣି ଶୁଣି ବଢୁଛି। ବାଂଲାଦେଶ ଓ ପାକିସ୍ତାନରେ ହିନ୍ଦୁ ବହୁଳ ଭାରତବର୍ଷ ବିରୋଧରେ ହିଂସାଭାବ ରହିଛି। ଏହା ବିନା ସେଠାରେ ରାଜନୀତି ଚାଲିବ ନାହିଁ।

ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁଁ ଧାର୍ମିକ ମୌଳବାଦ ବଢ଼ୁଛି। ଧର୍ମ ଆଧାରରେ ମୋବ୍ ଲିନଚିଂ(ଭିଡ଼ ତନ୍ତ୍ର) ହେଉଛି। ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯାତନା ଦିଆଯାଉଛି। ତାଙ୍କୁ ହତ୍ୟା ମଧ୍ୟ କରାଯାଉଛି। ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ୍ୟ ଅଛି। ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି। ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ। ଏବେ ଦେଶରେ ଯେଉଁ ଧାର୍ମିକ ହିଂସା ଅନୁଷ୍ଠିତ ହେଉଛି ତାହାର ସୃଷ୍ଟି ତତ୍‌କ୍ଷଣାତ ନୁହେଁ। ଏହା ଦୀର୍ଘ ମାନସିକତାର ପ୍ରତିଫଳନ। ଧର୍ମ ଓ ଜାତିକୁ ନେଇ ଯେଉଁ ହିଂସାତ୍ମକ ଚେତନା ସମାଜରେ ଘୂରିବୁଲୁଛି, ତାହା ବେଳେବେଳେ କର୍ମରେ ପ୍ରକାଶିତ ହୁଏ। ଫଳରେ ହତ୍ୟା, ଗଣହତ୍ୟା, ମୋବ୍ ଲିନଚିଂ, ସାମ୍ପ୍ରଦାୟିକ ଦଙ୍ଗା, ଧର୍ମାନୁଷ୍ଠାନ ପୋଡ଼ାଜଳା, ଧର୍ମ ଓ ଜାତିକୁ ନେଇ ଗାଳିଗୁଲଜ ଇତ୍ୟାଦି ଘଟଣା ସମ୍ମୁଖକୁ ଆସୁଛି। ସମସ୍ତ ବିଷୟ ଗୋଟିଏ ଲମ୍ବା ଶିକୁଳିର ଗୋଟିଏ ଗୋଟିଏ କଡି ମାତ୍ର ଯାହା ଅତୀତକୁ ଲମ୍ବିଛି।

ଏ ସମସ୍ତ ପାଇଁ କାହାକୁ ଦାୟୀ କରାଯିବା ଉଚିତ? ଯେଉଁ ରାଜନୈତିକ ଦଳ ଓ ସଂଗଠନଗୁଡିକ ଏହି ମାନସିକତାର ପୃଷ୍ଠପୋଷକତା କରିଆସିଛନ୍ତି ସେମାନେ ଅଧିକ ମାତ୍ରାରେ ଦାୟୀ। ଯେଉଁ ଗଣମାଧ୍ୟମଗୁଡିକ ବିଶେଷକରି ଦୂରଦର୍ଶନ ଚାନେଲଗୁଡିକ ଦିନରାତି ଘୃଣାର ମଞ୍ଜି ବୁଣି ଚାଲିଛନ୍ତି ସେମାନେ ମଧ୍ୟ ଖସିଯାଇ ପାରିବେ ନାହିଁ।ମନେ ରଖିବାକୁ ହେବ ଭାରତବର୍ଷରେ ଗଣତନ୍ତ୍ରର ଜଡ ମଜଭୂତ ଏବଂ ଗଣତନ୍ତ୍ରରେ ହିଂସାର ବିଜୟ ଅସମ୍ଭବ। କାରଣ ଗୋଟିଏ ହିଂସା ଆଉ ଗୋଟିଏ ହିଂସାକୁ ଜନ୍ମଦେବ। ପାକିସ୍ଥାନ ଓ ବାଂଲାଦେଶ ମଧ୍ୟ ହିଂସା ଉପରେ ପ୍ରତିଷ୍ଠିତ ନିଜ ରାଷ୍ଟ୍ରୀୟତାକୁ କେବେ ସୁଦୃଢ କରିପାରିବ ନାହିଁ। ଇତିହାସ ହେଉଛି ମୂକସାକ୍ଷୀ ଯେ ହିଂସା ସୃଷ୍ଟିକାରୀ ଦିନେ ନିଜେ ହିଂସାର ଶିକାର ହୁଏ। ରାଜନୈତିକ ଲାଭପାଇଁ ଧାର୍ମିକ ବିଦ୍ୱେଷର ଯେଉଁ ସାହାରା ନିଆଯାଉଛି ତାହା ଦିନେ ବୁମେରାଂ ହେବ। କାରଣ ବିଦ୍ୱେଷ ବିଭିନ୍ନ ରୂପରେ ତିଆରି ହେବ। ଯିଏ ବିଦ୍ୱେଷ ବାଣ୍ଟୁଛି ତା ବିରୋଧରେ ବି କାଲି ବିଦ୍ୱେଷ ତିଆରି ହେବ। ଏହା ଛଡା ନିଜର ଫାଇଦାପାଇଁ ଯେଉଁ ଭିଡତନ୍ତ୍ର ତିଆରି କରାଯାଉଛି ହିଂସାପାଇଁ, ଦିନ ଆସିବ ସେହି ଭିଡ ନିୟନ୍ତ୍ରଣର ବାହାରକୁ ଚାଲିଯିବ। ସେତେବେଳେ ଏମାନେ ହିଁ ଭସ୍ମାସୁର ବନିଯିବେ।

ତେଣୁ ବିଭିନ୍ନ ଦେଶରେ ଦେଖା ଦେଉଥିବା ଧର୍ମଭିତ୍ତିକ, ଜାତିଭିତ୍ତିକ, ସମ୍ପ୍ରଦାୟଭିତ୍ତିକ ଓ ଅଞ୍ଚଳଭିତ୍ତିକ ହିଂସାର ପ୍ରତିହତ ପାଇଁ ସହମତି ପ୍ରକାଶ ପାଉ ଏବଂ ଏଦିଗରେ ସମସ୍ତ ଦେଶ ସମୁଚିତ ପଦକ୍ଷେପ ନିଅନ୍ତୁ। ହିଂସା ହେଉଛି ବିନାଶର କାରଣ ଓ ହିଂସାର ଅନ୍ତରେ ରହିଛି ପ୍ରଗତି।

ମୋ- ୭୦୦୮୯୭୬୧୮୦

ଜନଗଣନା ନିମନ୍ତେ ରାୟଗଡ଼ା ପ୍ରସ୍ତୁତ

ରାୟଗଡ଼ା,୩।୪ (ନିପ୍ର); ରାୟଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ହେବାକୁଥିବା ଜନଗଣନା କାର୍ଯ୍ୟ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି । ଜନଗଣନା ନିମନ୍ତେ ଜିଲ୍ଲା ସ୍ତରରେ କ୍ଷେତ୍ର ତାଲିମଦାତାଙ୍କ ତାଲିମ ପରେ ପ୍ରତି ବ୍ଲକ, ଏନଏସି ଓ ପୌରାଞ୍ଚଳରେ ଗଣନାକାରୀ ଓ ପରିଦର୍ଶନକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି । ରାୟଗଡ଼ ତହସିଲଦାର ତଥା ଚାର୍ଜ ଅଧିକାରୀ ପ୍ରିୟଦର୍ଶିନୀ ସ୍ୱାଇଁ ରାୟଗଡ଼ ବ୍ଲକ ଅଞ୍ଚଳରେ ଜନଗଣନା ନିମନ୍ତେ ତିନିଶହ ଷୋହଳ ଜଣ ଗଣନାକାରୀ ଓ ସୁପରଭାଇଜରଙ୍କ ନିଯୁକ୍ତି ସହ ତାଲିମ ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିଛନ୍ତି । ତାଲିମ ଆସନ୍ତା ଏପ୍ରିଲ ପାଞ୍ଚ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ସ୍ତରରେ ତାଲିମ ପ୍ରାପ୍ତ କ୍ଷେତ୍ର ତାଲିମଦାତା ରୂପେ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ରମେଶ ଚନ୍ଦ୍ର ସାହୁ, ମନୋରଞ୍ଜନ ମିଶ୍ର ଓ ଗୌରୀ ପ୍ରାସାଦ ବେହେରା ସାତୋଟି ଦଳରେ ଏହି ତାଲିମ ପ୍ରଦାନ କରୁଛନ୍ତି । ସହକାରୀ ତହସିଲଦାର ସୀମନ୍ତ କୁମାର ସାହୁ ଓ ସହଯୋଗୀ ରଞ୍ଜନ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମରେ ଜନଗଣନାର ଆବଶ୍ୟକତା, ବିଲଡିଂ,ଗୃହ ଓ ପରିବାର ଗଣନା, ମୋବାଇଲ ଆପ୍ ମାଧ୍ୟମରେ ତେତିଶ ଗୋଟି ପ୍ରଶ୍ନର ଉତ୍ତର ସଂଗ୍ରହ କୌଶଳ ଓ ଆପ୍‌ର ବ୍ୟବହାର ଉପରେ ତାଲିମ ପ୍ରଦାନ କରାଯାଇଥିଲା ।

୧୯୮୩ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ

ରମ୍ଭା,୩।୪ (ନିପ୍ର): ୧୯୮୩ ମସିହା ରମ୍ଭା ଉଚ୍ଚ ବିଦ୍ୟାଳୟର ଗୁରୁ ଓ ଶିଷ୍ୟଙ୍କ ମିଳିତ ବନ୍ଧୁ ମିଳନ ମା ତାରାତାରିଣୀ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଶିକ୍ଷକ ହେଲେ ଗଣିତ ଓ ବିଜ୍ଞାନ ଶିକ୍ଷକ ବିଷ୍ଣୁଚରଣ ତ୍ରିପାଠୀ, ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଗଣିତ ଶିକ୍ଷକ ଗୋପାଳକୃଷ୍ଣ ପତି, ତ୍ରିନାଥ ପରିଡା ଓ ଇଂରାଜୀ ଶିକ୍ଷକ ରାମଚନ୍ଦ୍ର ବଡତ୍ୟା ଯୋଗଦାନ କରି ନିଜର ସଂଘର୍ଷ ମୟ ଜୀବନ ବିଷୟରେ କହିଥିଲେ । ଦୀର୍ଘ ୪୩ବର୍ଷ ର ଗାଥା ଅତୀତ କଥାକୁ ମନେ ପକାଇ ନିଜକୁ ଗୌରବାନ୍ୱିତ ମଣିଥିଲେ ।ଗୁରୁ ଛାତ୍ର ବାତ୍ସଲ୍ୟ ଅନାବିଳ ସ୍ନେହ ଉଭୟ ପ୍ରତିପାଦନ କରି ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ସମସ୍ତ ଶିକ୍ଷକ ପୁଣି ଛାତ୍ରଛାତ୍ରୀ ହିସାବରେ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ବନ୍ଧୁ ମିଳନ ଶିକ୍ଷକଙ୍କ ମନରେ ଶାନ୍ତି ଖୁସିର ବାତାବରଣ ଓ ଉଦ୍ରେକ ସୃଷ୍ଟି କରିଥିଲା ।

କନେଷ୍ଟବଲ ମନୋଜଙ୍କୁ ପୁରସ୍କୃତ କଲେ ଏସ୍‌ପି

ଭଦ୍ରକ,୩।୪ (ନିପ୍ର); ଭଦ୍ରକ ଜିଲା ପୁଲିସ୍ ପ୍ରଶାସନର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଜିଲାରେ କାର୍ଯ୍ୟ କରୁଥିବା ସହରାଂଚଳ ଥାନାର କନେଷ୍ଟବଲ ମନୋଜ କୁମାର ପ୍ରଧାନଙ୍କୁ ତାଙ୍କର ବିଶିଷ୍ଟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । କନେଷ୍ଟବଲ ମନୋଜ ନିଜର କେତେତକ ବିଶେଷ କାର୍ଯ୍ୟ ପାଇଁ ଏହି ସମ୍ମାନର ଅଧିକାର ହୋଇଛନ୍ତି । ଚୋରା ବାଇକ୍ ରାକେଟ ଠାବ, ବ୍ରାଉନସୁଗାର, ଗଂଜେଇ, ଛିନତାଇ, ଗୃହଚୋରି, କୋଇଲା ଚୋରି , ନାବାଳିକା କନ୍ୟା ଉଦ୍ଧାର, ଚୋରା ଦେଶୀ ଓ ବିଦେଶୀ ମଦ ଓ ଡକାୟତ

ଭଳି ବହୁ କେଶ୍‌ରେ ମନୋଜ ନିଜର ପାରଦର୍ଶିତା ଦେଖାଇ ପୁଲିସ୍‌କୁ ସଫଳତା ଦେଇଛନ୍ତି । ଦୀର୍ଘ ୧୮ ବର୍ଷ ଧରି ସେ ତିହିଡି ଓ ଭଦ୍ରକର ସହରାଂଚଳ ଥାନାରେ କାର୍ଯ୍ୟ କରିବା ମଧ୍ୟରେ ନିଷ୍ଠାର ସହ ସେ ପୁଲିସ୍‌କୁ ଏଭଳି ସଫଳତା ଆଣିଦେଇଥିବାରୁ ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତ ବିଭିନ୍ନ କ୍ଷେତ୍ରରେ ଏଭଳି କୃତିତ୍ୱ ଅର୍ଜନ କରିଥିବା ମନୋଜଙ୍କୁ ପୁଷ୍ପଗୁଚ୍ଛ ସହ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଉତ୍ସବରେ ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ସମ୍ବିତ କୁମାର ମାଝୀ, ଅରୂପ ଅଭିଷେକ ବେହେରାଙ୍କ ସମେତ ଜିଲାସ୍ତରୀୟ ବହୁ ବରିଷ୍ଠ ପୁଲିସ୍ ଅଧିକାରୀ ଉପସ୍ଥିତ ଥିଲେ । ଜଣେ ସଚ୍ଚୋଟ, ନିର୍ଭିକ ଓ କର୍ତବ୍ୟନିଷ୍ଠ ପୁଲିସ୍ କର୍ମଚାରୀ ଭାବେ ଶ୍ରୀ ପ୍ରଧାନ ପୁରସ୍କୃତ ହୋଇଥିବାରୁ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଭଦ୍ରକର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ

ବଣାଇ,୩।୪ (ନିପ୍ର):ବାଙ୍କୀ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ଡ଼ିଏଫଓ ଯଶବନ୍ତ ସେଠିଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ଫରେଷ୍ଟ ରେଞ୍ଜ ଅଫିସର କୈଳାଶ ଚନ୍ଦ୍ର କିଷାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ମାନ ବାଙ୍କୀ ବନାଞ୍ଚଳର ବିମଲାଗଡ଼ ହାଟ, ସମରଦରାଇ, ସାଲେଇପଲ୍ଲୀ ଗ୍ରାମ, ଚନ୍ଦ୍ରପୁର ହାଟ ଓ ଚାନ୍ଦିପୋଶ ହାଟ, ସାଲେଇପଲ୍ଲୀ ହାଟରେ ଅନୁଷ୍ଠିତ ହୋଇଥିଲା । ଡ୍ୱା.ଇ.ଏମ.ଏଫ.ଆଇ ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ କଳାକାର ବାପି ପଲାଇ, ରଶ୍ମିତା ବିଷୋୟୀ ଓ ଅଭୀପ୍ସା ପରିଡା । ବିଭିନ୍ନ କାର୍ଯ୍ୟକ୍ରମରେ ଫରେଷ୍ଟର ଗୋପାଳ ଓରାମ, ଏଚ. ସି. ଜେନା, ରାଜେଶ ଜ୍ୟୋତିଷ, ଫରେଷ୍ଟ ଗାର୍ଡ ମୋନାଲିସା ଲେଙ୍କା, ସୁନୀଲ ଶିଆଳ, ସୋହେଲ ରଞ୍ଜନ ଦାଶ, ବାସନ୍ତୀ ଓରାମ, ସେରଓ୍ୱାଜ ତାର୍କୀ, ଅର୍ନପୂର୍ଣ୍ଣା ଭୋଇ, ଏସ.ଏସ. ଡାଙ୍ଗ, କେଶବ ଚନ୍ଦ୍ର ଠାକୁର, ଡିଓ କୃପାନିଧି ପଶାୟତ, ଫରେଷ୍ଟ ସ୍କ୍ୱାଡ଼ ଚାଓ୍ୱା ଓରାମ, ଅର୍ଜୁନ ମାହାତୋ, ତ୍ରିନାଥ ଭାଙ୍ଗ୍ରା , ଫାୟାର ସ୍କ୍ୱାଡ଼, ଗଜସାଥି ପ୍ରମୁଖ ଉପସ୍ଥିତ ଥିଲେ । ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା । ଜଙ୍ଗଲ ନିଆଁ ଯୋଗୁଁ ସୃଷ୍ଟି ହେଉଥିବା ବିଭିନ୍ନ କୁପ୍ରଭାବ ସମ୍ପର୍କରେ ସୂଚିତ କରାଯାଇଥିଲା । ବିଶେଷ କରି ମହୁଲ ସଂଗ୍ରହ ପାଇଁ ଶୁଖିଲା ପତ୍ରରେ ନିଆଁ ନ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା । ବିଭିନ୍ନ କାର୍ଯ୍ୟକ୍ରମ ସ୍ଥଳରେ ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ । ବନ ବିଭାଗ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ବଜାୟୀ ରଖିବା କ୍ଷେତ୍ରରେ ଲୋକକଳା ଏକ ପ୍ରମୁଖ ମାଧ୍ୟମ ହୋଇଛି ।

ବାଜାବାଜଣା ପଟୁଆରରେ ଅବସରପ୍ରାପ୍ତ ଏସପିଙ୍କୁ ବିଦାୟ ଦେଲେ ଜନସାଧାରଣ

ପାରଳାଖେମୁଣ୍ଡି,୩।୪ (ନିପ୍ର): ଅବସରଗ୍ରହଣ କରିଥିଲେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା । ଯାହାକୁ ନେଇ ବିଭିନ୍ନ ସ୍ତରରେ ଶ୍ରୀ ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ଆଜି ଶ୍ରୀ ପଣ୍ଡା ଗଜପତି ଜିଲ୍ଲା ଛାଡୁଥିବାରୁ ତାଙ୍କୁ ପୋଲିସ୍ କର୍ମୀ ଓ ଜନସାଧାରଣ ବାଜାବାଜଣା ଓ ପଟୁଆରରେ ନଗର ପରିକ୍ରମା କରାଇ ବିଦାୟ ଦେଇଥିଲେ । ଯାହାକି ଏପରି କେବେ ବି ଜଣେ ଅଧିକାରୀଙ୍କୁ ଅବସରକାଳୀନ ବିଦାୟ ଦେବାର ନଜିର ନାହିଁ ।

ଆଜି ରାଣୀପେଣ୍ଠ ସ୍ଥିତ ଜିଲ୍ଲା ପୋଲିସ କାର୍ଯ୍ୟାଳୟରୁ ଏକ ବିରାଟ ପଟୁଆରରେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପଣ୍ଡାଙ୍କୁ ପାଛୋଟି ଅଣାଯାଇଥିଲା । ଆତସବାଜି, ବାଦ୍ୟବାଜଣା, ମୋଟରସାଇକେଲ ଶୋଭାଯାତ୍ରା କରି ନଗରପରିକ୍ରମା କରାଯାଇଥିଲା । ଏହି ସମୟରେ ଜନସାଧାରଣ ଶ୍ରୀ ପଣ୍ଡାଙ୍କୁ ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କାମନାଥିଲେ । ଶ୍ରୀ ପଣ୍ଡା ଗଜପତି ଜିଲ୍ଲାରେ ସ୍ୱଳ୍ପ ବର୍ଷର କାର୍ଯ୍ୟକାରୀ ସମୟରେ ସେ ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ । ଯାହାକି ଆଜି ଶୋଭାଯାତ୍ରା ଯାଉଥିବା ସମୟରେ ସହରର ବିଭିନ୍ନ ବର୍ଗର ଲୋକେ ସ୍ୱତପ୍ରବୃତ୍ତ ଭାବେ ଶ୍ରୀ ପଣ୍ଡାଙ୍କୁ ସାକ୍ଷାତ କରି ଆପଣ ଆଉ କିଛି ବର୍ଷ ପୂର୍ବରୁ ଏହି ଜିଲ୍ଲାକୁ ଆସିବାର ଥିଲା ବୋଲି କହୁଥିବାର ଲକ୍ଷ୍ୟ କରାଯାଇଥିଲା । ଲୋକଙ୍କ ଏଭଳି ଆତ୍ମୀୟତା କଥା ଶୁଣି ଶ୍ରୀ ପଣ୍ଡା ଭାବବିହ୍ୱଳ ହୋଇପଡୁଥିବାର ଦେଖିବାକୁ ମିଳିଥିଲା । ଏନେଇ ଶ୍ରୀ ପଣ୍ଡା କରିଥିଲେ ଯେ ମୁଁ ସମୟେ ସମୟେ ଗଜପତି ଗସ୍ତରେ ଆସୁଥିବି । ଦେଖା ସାକ୍ଷାତ ହେଉଥିବା ବୋଲି କହୁଥିଲେ । ଆଜିର ଏହି ଶୋଭାଯାତ୍ରାରେ ପୋଲିସ ବିଭାଗର ବରିଷ୍ଠ ପଦାଧିକାରୀଙ୍କ ସମେତ ଶତାଧିକ ପୋଲିସ କର୍ମଚାରୀ ଓ ଜନସାଧାରଣ ଯୋଗ ଦେଇଥିଲେ ।

ସଡ଼କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଅଭିଯାନ: ୧୭୬୫ ଚାଲାଣ କଟିଲା

କେନ୍ଦୁଝର,୩।୪ (ନିପ୍ର): ଗତ ମାର୍ଚ୍ଚ ମାସ ୨୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ନିୟମ ଅନୁପାଳନକୁ ଅଧିକ କଡାକଡି କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସାରା ରାଜ୍ୟରେ ଏହି ଅଭିଯାନ କରାଯାଇଥିଲା । ଏହି କ୍ରମରେ କେନ୍ଦୁଝର ଜିଲ୍ଲାରେ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ୧୭୬୫ ଜଣ ମୋଟର ଯାନ ନିୟମ ଉଲ୍ଲଘଂନକାରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏଥି ମଧ୍ୟରୁ ବିନା ଲାଇସେନ୍ସରେ ଗାଡି ଚଳାଉଥିବା ୮୬୧ ଜଣଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଉପରେ ଜରିମାନା କରାଯାଇଛି । ଏତେ ସଂଖ୍ୟାରେ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡି ଚାଳକ ଧରାପଡିବା ପରିବହନ ବିଭାଗର ମୁଣ୍ଡବିନ୍ଧାର କାରଣ ସାଜିଛି । କେନ୍ଦୁଝର ଆରଟିଓ ପକ୍ଷରୁ ୩ଟି ଟିମ ଏବଂ ବଡବିଲ ଏଆରଟିଓ ପକ୍ଷରୁ ୨ଟି ଟିମ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ମୋଟ ୪୯୭୮ ଟି ଗାଡି ଯାଂଚ କରିଥିଲେ । ଏହି ଅଭିଯାନରେ ମୋଟ ୧୭୬୫ ଟି ଚାଲାଣ ଆଦାୟ କରାଯାଇଛି ଏବଂ ୨୨ ଟି ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି । ସେହିପରି ଧାର୍ଯ୍ୟ ସୀମାଠୁ ଅଧିକ ବେଗରେ ଗାଡି ଚଳାଉଥିବା ୧୩୨ ଜଣ ଚାଳକଙ୍କୁ ଧରାଯାଇଛି । ଏଥିସହ ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା ପାଇଁ ୫ଟି ଇ-ଚାଲାଣ,ମାଲବାହୀ ଗାଡିରେ ଯାତ୍ରୀ ପରିବହନ ପାଇଁ ୨୮ଟି, ହେଲମେଟ ପିନ୍ଧି ନଥିବା ୧୧୭ଟି,ବିପରୀତ ପାର୍ଶ୍ୱରେ ଗାଡି ଚଳାଇ ଯାଉଥିବାବେଳେ ୫୫ ଜଣଙ୍କୁ ଧରାଯାଇ ଜରିମାନା କରାଯାଇଛି । ମୋଟର ଯାନ ଆଇନର ଅନ୍ୟାନ୍ୟ ନିୟମ ଉଲ୍ଲଘଂନ ପାଇଁ ୯୪୨ ଜଣ ଗାଡି ମାଲିକଙ୍କ ବିରୋଧରେ ଚାଲାଣ କରାଯାଇଛି । ଦୁଇଚକିଆ ଯାନରେ ଦୁଇ ଜଣରୁ ଅଧିକ ଜଣ ଯାଉଥିବା ଯୋଗୁଁ ୧୦୫ଜଣଙ୍କ ଉପରେ ଜରିମାନା କରାଯାଇଛି । ପାସେଞ୍ଜର ଗାଡିରେ ଅଧିକ ଯାତ୍ରୀ ପରିବହନ ପାଇଁ ୩ଟି,ମାଲବାହୀ ଗାଡିରେ ଓଭରଲୋଡ ପାଇଁ ୩୫ଟି,ଓଡିସି ପାଇଁ ୪ଟି ଓ ମଦ୍ୟପାନ କରି ଡ୍ରାଇଭିଂରେ ୩୬ଟି ମାମଲା ଚିହ୍ନଟ ହୋଇ ଜରିମାନା କରାଯାଇଛି । ଏଥିସହ ୫ଟି ଗାଡି ଜବତ କରାଯାଇଛି । ସାଧାରଣ ଲୋକଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ହେଲମେଟ

ପିନ୍ଧିବା,ସିଟ୍ ବେଲ୍ଟ ବ୍ୟବହାର,ଡ୍ରାଇଭିଂ ସମୟରେ ମୋବାଇଲ ବ୍ୟବହାର ନକରିବା ଓ ଯାନରେ ରିଫ୍ଲେକ୍ଟିଭ୍ ଟେପ୍ ବ୍ୟବହାର ବିଷୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅଭିଯାନରେ ଆଂଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ ଏବଂ ବଡବିଲ ଏଆରଟିଓ ବିଶ୍ୱ ରଞ୍ଜନ ସାହୁ ଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ । ଏହି ସ୍ୱତନ୍ତ୍ର ଅଭିଯାନ ଅପ୍ରେଲ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଦୁର୍ଘଟଣାପ୍ରବଣ ସ୍ଥାନ,ଜାତୀୟ ଓ ରାଜ୍ୟ ରାଜପଥ,ଖଣି ଓ ଶିଳ୍ପାଞ୍ଚଳ,ସହର ଓ ଗାଁର ମୁଖ୍ୟ ରାସ୍ତା,ପ୍ରମୁଖ ଛକ,ବଜାର ଅଂଚଳ ଏବଂ ବସ୍‌ଷ୍ଟାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ କରାଯାଇଥିଲା । ଦ୍ରୁତଗତି,ମଦ୍ୟପାନ କରି ଗାଡି ଚଳାଇବା,ବିନା ହେଲମେଟରେ,ଭୁଲ ଦିଗରେ ଗାଡି ଚଳାଇବା, ଓଭରଲୋଡିଂ, ମାଲବାହୀ ଗାଡିରେ ଯାତ୍ରୀ ପରିବହନ, ବୈଧ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡି ଚଳାଇବା, ନାବାଳକ ଗାଡି ଚାଳନା,ଦୁଇ ଚକିଆରେ ଦୁଇରୁ ଅଧିକ ଯିବା ଏବଂ ଅନ୍ୟାନ୍ୟ ଟ୍ରାଫିକ ନିୟମ ଉଲ୍ଲଘଂନ ବିରୋଧରେ କଡାକଡି ଯାଂଚ କରାଯାଇଥିଲା । ଏହା ସହିତ ଖଣି ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟିପ୍ପର,ଡମ୍ଫର, ହାଇଓ୍ୱା ଏବଂ ଅନ୍ୟାନ୍ୟ ଭାରୀ ଯାନଗୁଡିକର ଡ୍ରାଇଭିଂ ଲାଇସେନ୍ସ, ଓଭରଲୋଡିଂ ଏବଂ ଅନ୍ୟାନ୍ୟ ଆଇନଗତ ନିୟମର ଅନୁପାଳନ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା । ଏହି ଅଭିଯାନକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ପାଇଁ ପରିବହନ ବିଭାଗ ଦ୍ୱାରା ଜିଲ୍ଲା ପ୍ରଶାସନ ଓ ପୋଲିସ ସହଭାଗିତାରେ ଏହି ଅଭିଯାନ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା ।

ଆଇସିଏଆର୍-ସିଫା ତରଫରୁ ମତ୍ସ୍ୟଜ୍ଞାନ ଉତ୍ସବ ୨୦୨୬ ଆୟୋଜିତ

ଭୁବନେଶ୍ୱର,୩।୪: ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ସଂସ୍ଥା (ସିଫା) ତରଫରୁ ଏପ୍ରିଲ ୨ ତାରିଖ ଦିନ ମତ୍ସ୍ୟଜ୍ଞାନ ଉତ୍ସବ ୨୦୨୬ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର, ପୁରୀ ଓ ଏହାର ପାର୍ଶ୍ୱବର୍ତୀ ଅଂଚଳର ୧୨ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସେମାନଙ୍କର ଶିକ୍ଷକମାନେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଉପମହାନିର୍ଦ୍ଦେଶକ (ମତ୍ସ୍ୟବିଜ୍ଞାନ ଓ କୃଷିଶିକ୍ଷା) ଡ. ଜେ. କେ. ଜେନା ଉଦ୍‌ଘାଟନ କରି ଖାଦ୍ୟ ଓ ପୋଷଣ ସୁରକ୍ଷା ନିଶ୍ଚିତ କରିବାରେ ମାଛଚାଷର ଗୁରୁତ୍ୱ ଉପରେ ଯୋରଦେଇଥିଲେ । ଛାତ୍ରଛାତ୍ରୀମାନଙ୍କୁ ଜଳକୃଷି କ୍ଷେତ୍ରରେ ଥିବା ବିଭିନ୍ନ କ୍ୟାରିୟର ସୁଯୋଗ ସଂପର୍କରେ

ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ନିଜର ବୈଜ୍ଞାନିକ ଜିଜ୍ଞାସା ଉନ୍ନତ କରିବା ସହିତ ମତ୍ସ୍ୟ ଓ କୃଷି ବିଜ୍ଞାନ କ୍ଷେତ୍ରରେ ରହିଥିବା ସୁଯୋଗ ଖୋଜିବାକୁ ଉଦ୍ୟମ କରିବା ଉଚିତ । ସେ ଜଳକୃଷିରେ ବିଜ୍ଞାନ ଓ ପ୍ରଯୁକ୍ତିର ଅଗ୍ରଗତି, ଭବିଷ୍ୟତ ଚାହିଦା ପୂରଣ ପାଇଁ ମତ୍ସ୍ୟ ଉତ୍ପାଦନର ଅଭିବୃଦ୍ଧି ଆବଶ୍ୟକତା ରହିଛି ବୋଲି କହିଥିଲେ । ସିଫାର ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ସାହୁ କହିଥିଲେ ଯେ, ମତ୍ସ୍ୟଜ୍ଞାନ ଉତ୍ସବ ଛାତ୍ରଛାତ୍ରୀମାନଙ୍କ ମନରେ ଗବେଷଣାତ୍ମକ ଚିନ୍ତାଧାରା ବୃଦ୍ଧି କରିବ । ଏଥିସହିତ ଜଳକୃଷି ବିଜ୍ଞାନ ନିମନ୍ତେ ସେମାନଙ୍କର ଆଗ୍ରହ ସୃଷ୍ଟି ହେବ । ଏହା ମତ୍ସ୍ୟବିଜ୍ଞାନ, ବାୟୋଟେକ୍ନୋଲୋଜି ଓ ପରିବେଶ ବିଜ୍ଞାନରେ ଭବିଷ୍ୟତ ଜୀବିକା ପାଇଁ ପ୍ରେରଣା ଦେବ । ଏହି କାର୍ଯ୍ୟକ୍ରମ ସିଫାର ସାଇନ୍ସ ଆଉଟରିଚ ଫ୍ଲାଗସିପ୍ ପ୍ରୋଗ୍ରାମର ଅଂଶବିଶେଷ । ଏହାର ଲକ୍ଷ୍ୟ ଥିଲା ଛାତ୍ରଛାତ୍ରୀ ମାନଙ୍କୁ ଜଳକୃଷି ଜଗତ ସହିତ ପରିଚିତ କରାଇବା, ଖାଦ୍ୟ ସୁରକ୍ଷା, ଜୀବିକା ସୃଷ୍ଟି ଓ ପରିବେଶ ସ୍ଥିରତା ଓ ଧାରଣୀୟ ବିକାଶ ଉପରେ ସଚେତନ କରାଇବା ।

ଏହି ଅବସରରେ ଛାତ୍ରଛାତ୍ରୀମାନେ ଦିନବ୍ୟାପୀ ବିଭିନ୍ନ ଦଳରେ ବିଭକ୍ତହୋଇ ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏଥିରେ ବିଭିନ୍ନ ପ୍ରଜାତିର ଜୀବନ୍ତ ମାଛ ଅମଳ ପ୍ରଦର୍ଶନ, ରୋଗ ନିରୂପଣ ଯନ୍ତ୍ରପାତି, ମାଛ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ, ଡ୍ରୋନ୍ ଏବଂ ମାଟି ପାଣି ପରୀକ୍ଷା କୌଶଳ ଇତ୍ୟାଦି ବିଷୟରେ ଜାଣିଥିଲେ । ବୈଜ୍ଞାନିକ ଓ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସବୁଠାରୁ ଆକର୍ଷଣୀୟ ହୋଇଥିଲା ।

ଡିଜିଟାଲ ଜନଗଣନା ତାଲିମ ଶିବିର ଉଦ୍‌ଯାପିତ

ଭାପୁର,୩।୪ (ନିପ୍ର); ଭାପୁର ବ୍ଲକ ସଦର ମହକୁମାସ୍ଥ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ରେ ଗତ ୩ ଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ଡିଜିଟାଲ ଜନଗଣନା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି ।ଏହି ତାଲିମ ଶିବିରରେ ୨୨୮ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ କିପରି ଭାବରେ ଘରଘର ବୁଲି ଡିଜିଟାଲ ମାଧ୍ୟମରେ ଜନଗଣନା କରିବେ ସେ ସମ୍ପର୍କରେ ତାଲିମ ନେଇଥିଲେ । ତହସିଲଦାର ଲୋପାମୁଦ୍ରା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ ଶିବିରରେ ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ, ପଠାଣି ସାମନ୍ତ ମହାବିଦ୍ୟାଳୟ, ବାଇଗୁଣିଆର ଅଧ୍ୟାପକ ଅଶୋକ କୁମାର ସାହୁ, ଆଞ୍ଚଳିକ ମହାବିଦ୍ୟାଳୟ ଟିକିରିପଡା ର ଅଧ୍ୟାପକ ଲକ୍ଷ୍ମୀଧର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ମଣ୍ଡଳ ଜନମଙ୍ଗଳ ଅଧିକାରିଣୀ ତୁଳସୀ ବରାଳ, ଖଣ୍ଡପଡା ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ ଉଦ୍‌ଯାପନୀ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ, କେନ୍ଦୁପଲ୍ଲୀ ଗ୍ରାମର ବେତାର, ଦୂରଦର୍ଶନ ତଥା ରାଜ୍ୟ ସ୍ତରୀୟ ବିରିଷ୍ଠ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥଙ୍କ ଠାରୁ ପ୍ରଥମେ ଡିଜିଟାଲ ଜନଗଣନା ଆରମ୍ଭ କରାଯାଇଥିଲା ।

ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

ଭଦ୍ରକ,୩।୪ (ନିପ୍ର): ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ -୨୦୨୬ ସମାରୋହ ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ଅଧ୍ୟାପକ ଶୁକଦେବ ପଣ୍ଡା, ଅକ୍ଷୟ କୁମାର ପାଣିଗ୍ରାହୀ, ମଞ୍ଜୁଲତା ମହାପାତ୍ର, ମିଳନ ପଣ୍ଡା ଓ ପ୍ରଭାତୀ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଉତ୍କଳର ଐତିହ୍ୟ, ପରମ୍ପରା, ରୀତିନୀତି, ଚାଲିଚଳନ, ପର୍ବପର୍ବାଣି, ସଂସ୍କୃତି, ପିଠା ପଣା ଓ ବେଶପୋଷାକ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଆ ପକ୍ଷ ଏପ୍ରିଲ ଏକରୁ ଆରମ୍ଭ ହୋଇ ଚଉଦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ ବୋଲି ସଂଯୋଜକ ଘୋଷଣା କରିଛନ୍ତି । ଦ୍ୱିତୀୟ ଦିବସରେ ବେଶ ପୋଷାକ ସମ୍ପର୍କରେ ଆଲୋଚନା ଚକ୍ର ହୋଇଥିଲା । ଏଥିରେ ଛାତ୍ରଛାତ୍ରୀମାନେ ଭାଗ ନେଇ ନିଜର ଭାଷଣ ରଖିଥିଲେ । ଉକ୍ତ ସଭାକୁ ରଘୁନାଥ ନାୟକ, ଆଶୁତୋଷ ସିଂ ଓ ଗୌରାଙ୍ଗ ଦାସ ପ୍ରମୁଖ ସଂଚଳନା କରିଥିଲେ ।

ରାମଲୀଳାରେ ବ୍ୟବହୃତ 'କାଠ ମୁଖା' ଏବେ ଲୋପ ହେବାକୁ ବସିଛି

ଭାପୁର,୩।୪ (ନିପ୍ର); ଅତୀତର ସ୍ମୃତି ଧୀରେଧୀରେ ଲୋପ ହେବାକୁ ବସିଥିବା ବେଳେ ଭାପୁର ବ୍ଲକ ଅଞ୍ଚଳର ଗାଉଁଲି ପରିବେଶରେ ଅନୁଷ୍ଠିତ ହୋଇ ଆସୁଥିବା ରାମନବମୀ ଠାରୁ ପାରମ୍ପରିକ ପୌରାଣିକ ନାଚ 'ରାମଲୀଳା' ଏବେ ଲୋପ ହେବାକୁ ବସିଛି ।ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଏବଂ ଗଣିଆ ବ୍ଲକରେ ଅନୁଷ୍ଠିତ ରାମଲୀଳା ରାଜ୍ୟରେ ସୁନାମ ଆଣିଦେଇଛି ବିଶେଷକରୀ, ଲଙ୍କାପୋଡ଼ି ଯାତ୍ରା ଦେଖିବା ପାଇଁ ରାଜ୍ୟର କୋଣଅନୁକୋଣରୁ ରାମପ୍ରେମୀଙ୍କ ସୁଅ ଛୁଟିଥାଏ । ଭାପୁର ବ୍ଲକର ବିଜିପୁର, ବଡ଼ସହରା ଆଦି ବିଭିନ୍ନ ପଞ୍ଚାୟତ ରେ ଅନୁଷ୍ଠିତ ରାମଲୀଳା କେଉଁଠି ମଞ୍ଚସ୍ଥ ହେଉଥିବାବେଳେ ଅନ୍ୟ କେଉଁଠି ଗୀତ ଆକାରରେ ବୋଲା ହୋଇଥାଏ ଫଳରେ, ବର୍ତମାନ ସନ୍ଧ୍ୟା ହେଲେ ପ୍ରତ୍ୟେକ ଗ୍ରାମ ରାମଲୀଳାରେ ଉତ୍ସବ ମୁଖର ଦେଖାଯାଇଥାଏ । ରାମଲୀଳା ନାଟକ ମଞ୍ଚସ୍ଥ ତଥା ଗୀତ ବୋଲାହେବା ପାଇଁ ସ୍ୱତନ୍ତ୍ର ଭାବରେ ପକ୍କା

ପେଣ୍ଡାଲର ବ୍ୟବସ୍ଥା ଗ୍ରାମ ମାନଙ୍କରେ ରହିଥାଏ ।

ସନ୍ଧ୍ୟା ହେଲେ ବୟସ୍କ ତଥା ବରିଷ୍ଠ ମାନେ ସେ ସ୍ଥାନରେ ଶୁଦ୍ଧପୂତ ଭାବରେ ଉପବେଶନ କରି ପ୍ରଭୁ ଶ୍ରୀରାମଙ୍କୁ ଧୂପଦୀପ ଦେଇ ଗୀତ ବୋଲିବା ଆରମ୍ଭ କରିଥାନ୍ତି ଏବଂ ତାଙ୍କ ସହିତ ପାଳିଆ ମାନେ ବିଭିନ୍ନ ପାରମ୍ପରିକ ବାଦ୍ୟ ଗିନି, ମୃଦଙ୍ଗ ଇତ୍ୟାଦି ବଜେଇ ଗୀତ ର ପାଳି ଧରିଥାନ୍ତି । ଏହି ଗୀତ ରାମଜନ୍ମ ଠାରୁ ସବୁଦିନ ବୋଲାଯାଉଥିବା ବେଳେ 'ସୀତା ଚୋରୀ ' ବିଷୟ ବସ୍ତୁପରେ ପ୍ରତ୍ୟକ ଗୁରୁବାର ଦିନ ପୁରାଣ ପଢା ବନ୍ଦ ହୋଇଥାଏ କାରଣ କଥିତଅଛି,ଗୁରୁବାର ହିଁ ରାବଣ ଚୋରୀ କରିଥିଲା ସୀତାଙ୍କୁ ଫଳରେ ସେ ଦୁଃଖଦ ସ୍ମୃତିକୁ ମନେରଖିବା ପାଇଁ ଗୁରୁବାର ଦିନ ପୁରାଣ ପଢା ବନ୍ଦ ହୋଇଥାଏ । ବିଶେଷକରି, ଭାପୁର ବ୍ଲକର ବଡସହରା ଗ୍ରାମରେ ଅନୁଷ୍ଠିତ ରାମଲୀଳା ନାଟକରେ ଗ୍ରାମର ଛୋଟଛୋଟ ପିଲାଙ୍କ ଠାରୁ ବୟସ୍କ ବ୍ୟକ୍ତି ମାନେ ଏହି ରାମନାଟକ ପରିବେଷଣ କରିଥାନ୍ତି । ଏହି ରାମନାଟକର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଅର୍ଥାତ ହନୁମାନ, ରାବଣ, ବିଭୀଷଣ, ଇନ୍ଦ୍ରଜିତ, ସୂପଣଖା,ତାଡକି, ସୁବାୟୁ, ଶୁକସାରଣ, ଅକ୍ଷୟ, ବିରାଯୁଦ୍ଧ, ଠୁଳଜଙ୍ଗ ଆଦି ଚରିତ୍ରରେ ମୁଖା ପିନ୍ଧି ଅଭିନୟ କରିଲେ ତାହା ଜୀବନ୍ତ ଭାବରେ ପରିସ୍ଫୁଟିତ ହୋଇଥାଏ । ଏହି ମୁଖା ଅତି ହାଲୁକା ପାଳଧୁଆ କାଠରେ ନିର୍ମାଣ ହୋଇଥିବାରୁ କଳାକାର ମାନେ ପିନ୍ଧିଲେ କଷ୍ଟ ଜଣାପଡି ନ ଥାଏ କିନ୍ତୁ, ଭାପୁର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ରାମଲୀଳା ଅଭିନୟ ବନ୍ଦ ହୋଇଯିବାରୁ ଏହି ମୁଖା ରାମଲୀଳା ଘରେ ଥୁଆ ହୋଇ ଭଗ୍ନ ଅବସ୍ଥାକୁ ଚାଲିଆସିଲାଣି ଫଳରେ,ଆଉ କିଛି ବର୍ଷ ପରେ ଏହି ମୁଖା ଆଉ ଦେଖିବାକୁ ମିଳିବ ନାହିଁ ।

ପର୍ଶୁରାମ ଜୟନ୍ତୀ ପ୍ରସ୍ତୁତି

ଭବାନୀପାଟଣା, ୩/୪ (ନି.ପ୍ର)- ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଚଳିତ ଅପ୍ରେଲ ମାସ ୧୯ ତାରିଖରେ ଭବାନୀପାଟଣାରେ ଜିଲ୍ଲା ସ୍ତରୀୟ ପର୍ଶୁରାମ ଜୟନ୍ତୀ ପାଳନ କରିବା ନିମନ୍ତେ ହୋଟେଲ ଭାଗିରଥୀ ଇନ୍ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବରିଷ୍ଠ ଜିଲ୍ଲା ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, ସଂଗଠନ ସମ୍ପାଦକ ଭବେନ୍ଦ୍ର କୁମାର ପଣ୍ଡା, ଉପସଭାପତି ବିନୋଦ କୁମାର ଶର୍ମା, ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା,ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ଠାକୁର, ପ୍ରଜ୍ଞା ବାହିନୀ ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ, ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ଖମାରୀ, ପ୍ରଭାସ ଚନ୍ଦ୍ର ମିଶ୍ର ସମେତ ବହୁସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଷ୍ଟାଚ୍ୟୁଛକ ନିକଟସ୍ଥ ମ୍ୟାରେଜ୍ ପ୍ୟାଲେସରେ ଚଳିତ ବର୍ଷ ପର୍ଶୁରାମ ଜୟନ୍ତୀ ଆୟୋଜନ ନିମନ୍ତେ ବୈଠକରେ ସ୍ଥିର କରାଯାଇଥିଲା ।

ଶ୍ରମକୋଡ୍ ବାତିଲ ଦାବିରେ ଶ୍ରମିକଙ୍କ କଳା ଦିବସ

ବ୍ରହ୍ମପୁର,୩।୪ (ନିପ୍ର): ଶ୍ରମ କୋଡ଼ ମାଲିକ ସପକ୍ଷବାଦୀ । ଶ୍ରମିକଙ୍କ ଶହ ଶହ ବର୍ଷର ରକ୍ତକ୍ଷୟୀ ସଂଘର୍ଷ ଫଳରେ ହାସଲ କରିଥିବା ଅଧିକାର ଅକାମୀ ହୋଇଯିବ । ଏହି ନୀତି ଏପ୍ରିଲ ପହିଲାରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।ତେଣୁ ଏହା ବିରୋଧରେ ଶ୍ରମିକ କଳା ଦିବସ ପାଳନ କରୁଛନ୍ତି । ନୂଆ କୋଡ଼ କାର୍ଯ୍ୟକାରୀ ହେଲେ ମାଲିକମାନେ ଶ୍ରମିକମାନଙ୍କୁ ଗୋଟି ଶ୍ରମିକ ଭାବେ ବ୍ୟବହାର କରିବେ ।ସେହିଭଳି ଅସ୍ଥାୟୀ ଓ ଚୁକ୍ତି ଭିତ୍ତିକ ନିଯୁକ୍ତି,ଶହେ ପରିବର୍ତ୍ତେ ୩ ଶହ ପର୍ଯ୍ୟନ୍ତ ଶ୍ରମିକ କାର୍ଯ୍ୟ କରୁଥିବା ସଂସ୍ଥାରେ ବନ୍ଦ ପାଇଁ କୋହଳ ନୀତି ଗ୍ରହଣ ଯୋଗୁଁ ୮୦ ପ୍ରତିଶତ ଶ୍ରମିକ ଶ୍ରମ ଆଇନ ପରିସର ବାହାରକୁ ଚାଲିଯିବେ । ସେହିଭଳି ଶ୍ରମିକଙ୍କ ମୁଖ୍ୟ ହତିଆର ୟୁନିୟନ ଗଠନ ଓ ଧର୍ମଘଟକୁ ଅକାମୀ କରିବା ପାଇଁ ଯୋଜନା କରାଯାଇଛି । ଶ୍ରମିକ ମାନଙ୍କ ମଜୁରୀ, ବୋନସ ଓ ପେନସନଭଳି ସାମାଜିକ ସୁରକ୍ଷା କ୍ଷେତ୍ରରେ ଥିବା ପ୍ରଚଳିତ ବ୍ୟବସ୍ଥାକୁ ପରିବର୍ତ୍ତନ କରି

ମାଲିକ ମର୍ଜି ଉପରେ ଛାଡି ଦିଆଯାଇଛି । ଶ୍ରମିକମାନଙ୍କ କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା, ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ଚାକିରୀ ସର୍ତ୍ତାବଳି ଗୁଡିକୁ ମାଲିକ ଲାଭ ସର୍ବସ୍ୱ ନୀତିରେ ପରିବର୍ତ୍ତନ କରାଯାଇଛି । ସେହିଭଳି କୋଟି କୋଟି ଅସଙ୍ଗଠିତ ଶ୍ରମିକଙ୍କ ମଜୁରୀ ଓ ସାମାଜିକ ସୁରକ୍ଷା ଯୋଜନାକୁ ଦୁର୍ବଳ କରାଯାଇଛି । ମୋଟ ଉପରେ କେନ୍ଦ୍ର ସରକାର ଲେବର କୋଡ଼ ପ୍ରସ୍ତୁତ କଲାବେଳେ ଶ୍ରମିକ ଓ ମାଲିକ ଉଭୟଙ୍କ ପରାମର୍ଶ ଗ୍ରହଣ କରିବା ପରିବର୍ତ୍ତେ ମାଲିକଙ୍କ ନିର୍ଦ୍ଦେଶରେ ନୀତି ପ୍ରଣୟନ କରିଛନ୍ତି ।ତେଣୁ ଏହି ଶ୍ରମକୋଡ଼ ସମ୍ପୂର୍ଣ୍ଣ ଶ୍ରମିକ ବିରୋଧୀ ଓ ଶ୍ରମିକଙ୍କୁ ନିରୋଳା ଶୋଷଣର ଏକ ଅସ୍ତ୍ରରୂପେ କାର୍ଯ୍ୟ କରିବ ।ତେଣୁ ଶ୍ରମିକଙ୍କ ପାଇଁ ଏହା ଏକ କଳା ଆଇନ ।ଏହାକୁ ବାତିଲ କରିବା ପାଇଁ କେନ୍ଦ୍ରୀୟ ସଂଗଠନ ଗୁଡ଼ିକ ଆଜି କଳା ଦିବସ ପାଳନ କରିଛନ୍ତି । ବ୍ରହ୍ମପୁରସ୍ଥ ଯୁଗ୍ମ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ପାଟଯୋଶୀ,ପ୍ରବୀଣ ଦାସ, କାମଦେବ ନାହାକ , ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଭୋକଲି ସେଠି, ସୋମନାଥ ପାତ୍ର, ସତ୍ୟ ତ୍ରିପାଠୀ ଶ୍ରମିକ ନେତା ,ଅଳକ ମିଶ୍ର, ପ୍ରଫୁଲ ଜେନା, ରୋହିତ ବିଷୋୟୀ, ମହମ୍ମଦ ଉସ୍ମମାନ୍, ମାଗୁଣୀ ବିଷୋୟୀ, ରବୀନ୍ଦ୍ର ନାହାକ,ମଧୁ ବେହେରା, ନୀଳ ମାଧବ ରଥ ଓ ଗୋପାଳ ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।

ସମୁଦ୍ରରେ ବଢ଼ିବ ଭାରତର ଶକ୍ତି

ନୌସେନାରେ ସାମିଲ ହେଲା ଆଇଏନଏସ ଅରିଦମନ

ନୂଆଦିଲ୍ଲୀ,୦୩/୦୪: ଭାରତର ସାମୁଦ୍ରିକ ଶକ୍ତି ହେବ ଆହୁରି ମଜଭୁତ । ନୌସେନାରେ ସାମିଲ ହେଲା ସ୍ୱଦେଶୀ ପରମାଣୁ ବୁଡ଼ାଜାହାଜ ଆଇଏନଏସ ଅରିଦମନ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ଆଇଏନଏସ ଅରିଦମନକୁ ଭାରତୀୟ ନୌସେନାରେ ସାମିଲ କରିଛନ୍ତି । ସାମୁଦ୍ରିକ ଶକ୍ତି ଦୃଷ୍ଟିରୁ ଏହା ଭାରତ ପାଇଁ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଏହା ଭାରତର ତୃତୀୟ ସ୍ୱଦେଶୀ ନିର୍ମିତ ପରମାଣୁ ବାଲିଷ୍ଟିକ ବୁଡ଼ାଜାହାଜ । ଆଇଏନଏସ ଅରିଦମନକୁ ନୌସେନାରେ ସାମିଲ କରିବା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ଏକ୍ସ' ରେ ଏକ ପୋଷ୍ଟ କରିଛନ୍ତି । ଏହି ପୋଷ୍ଟରେ ସେ କହିଛନ୍ତି ଯେ, 'ଶବ୍ଦ ନୁହେଁ ଶକ୍ତି ହେଉଛି ଅରିଦମନ' । ଘରୋଇ କମ୍ପାନୀ ଦ୍ୱାରା ନିର୍ମିତ ଏବଂ ବିଶାଖାପାଟଣାର ଗୁପ୍ତ ଜାହାଜ ନିର୍ମାଣ କେନ୍ଦ୍ରରେ ତିଆରି ହୋଇଥିବା ଏହି ବୁଡ଼ାଜାହାଜର କିଛି ମାସ ଧରି ସମୁଦ୍ରରେ ପରୀକ୍ଷଣ ଚାଲିଥିଲା । ନୌସେନାରେ ସାମିଲ

ହେବା ପରେ ଏହା ଭାରତର ଟ୍ରାଇ-ସର୍ଭିସ୍ ନ୍ୟୁକ୍ଲିୟର ଡିଟରେଣ୍ଟ କମାଣ୍ଡ, ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଅଧୀନରେ ନିଜର ଦୁଇଟି ସହଯୋଗୀ ବୁଡ଼ାଜାହାଜ ସହିତ ଯୋଗଦେବ । ଅରିଦମନ ଶେଷ ପର୍ଯ୍ୟାୟର ଟ୍ରାଏଲକୁ ସଫଳତାର ସହ ଶେଷ କରିବା ପରେ ଆଜି ନୌସେନାରେ ସାମିଲ ହେବ । ଏହାପୂର୍ବରୁ, ସମାନ ଶ୍ରେଣୀର ଆଇଏନଏସ ଅରିହନ୍ତକୁ ୨୦୧୬ରେ ଏବଂ ଆଇଏନଏସ ଅରିଘାତକୁ ୨୦୨୪ରେ ନୌସେନାରେ ସାମିଲ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉନ୍ନତ ଯୁଦ୍ଧ ଜାହାଜ 'ତାରାଗିରି'କୁ ବିଶାଖାପାଟଣାରେ ନୌସେନାରେ ସାମିଲ କରିବାକୁ ଯାଉଛନ୍ତି । ପୂର୍ବ ନୌସେନା କମାଣ୍ଡର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନୌସେନା ଡକୟାର୍ଡରେ ବରିଷ୍ଠ ନୌସେନା ଅଧିକାରୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେ କହିଛନ୍ତି ଯେ ଏହାକୁ ନୌସେନାରେ ସାମିଲ କରିବା ଭାରତର ପୂର୍ବ ସାମୁଦ୍ରିକ ଉପକୂଳର ରଣନୈତିକ ଏବଂ ସାମୁଦ୍ରିକ ଗୁରୁତ୍ୱକୁ ଦର୍ଶାଉଛି । ଏହା ଭାରତୀୟ ନୌସେନାର ଯୁଦ୍ଧ କ୍ଷମତା ଏବଂ କାର୍ଯ୍ୟକାରୀ ଶକ୍ତିକୁ ମଜବୁତ କରିବାରେ ସହାୟକ ହେବ ।

ପୁଣି ଶୁଳ୍କ ଲଗାଇଲେ ଟ୍ରମ୍ପ

ଇସ୍ପାତ, ଆଲୁମିନିୟମ, ତମ୍ବା ଉପରେ ୫୦%

ୱାସିଂଟନ, ୩/୪: ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ସହ ସାରା ବିଶ୍ୱ ସଂଘର୍ଷ କରୁଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ତାଙ୍କ ଶୁଳ୍କ ଖେଳ ଆରମ୍ଭ କରିଛନ୍ତି । ଇସ୍ପାତ, ଆଲୁମିନିୟମ ଓ ତମ୍ବା ଉପରେ ସେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି । ତେବେ ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକାରେ ଉତ୍ପାଦ ବିକ୍ରି ହେବା ବେଳେ ଉକ୍ତ ଶୁଳ୍କ ଲାଗୁ ହେବ । କେଉଁ ପଦ୍ଧତିରେ ତାହା ଲାଗୁ କରାଯିବ ତାହା ଜଣାପଡ଼ିନାହିଁ । ଇସ୍ପାତ, ଆଲୁମିନିୟମ ଓ ତମ୍ବାରେ ତିଆରି ହୋଇଥିବା ଉତ୍ପାଦରେ ଯଦି ଓଜନ ଅନୁସାରେ ଧାତବ ପରିମାଣ ୧୫ ପ୍ରତିଶତରୁ କମ୍ ରହିଥିବ ତେବେ ତାହା ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ ନାହିଁ । ଏହା ଦ୍ୱାରା ପରଫ୍ୟୁମ ବୋତଲ ଓ ଡେଣ୍ଟାଲ୍ ଫ୍ଲସ୍ ଭଳି ଉତ୍ପାଦ ନିର୍ମାତାମାନେ ଲାଭବାନ ହେବେ । କାରଣ ଏକ ଫରଫ୍ୟୁମ୍ ବୋତଲରେ କେବଳ ତାହାର ଠିପି ଆଲୁମିନିୟମରେ ତିଆରି ହୋଇଥାଏ । ସେହିପରି ଡେଣ୍ଟାଲ୍ ଫ୍ଲସ୍‌ରେ ମଧ୍ୟ ଧାତବ ପରିମାଣ ନାଁକୁ ମାତ୍ର ରହିଛି । ସେଭଳି ଉତ୍ପାଦ ଉପରେ ଆମେରିକାର ୫୦% ଶୁଳ୍କ ଲାଗିବ ନାହିଁ । କେତେକ ଶିଳ୍ପ ଓ ବିଦ୍ୟୁତ୍ ଗ୍ରିଡ୍ ଉପକରଣ ଉପରେ ଶୁଳ୍କକୁ ୫୦ ପ୍ରତିଶତରୁ ହ୍ରାସ କରି ୧୫ ପ୍ରତିଶତ କରାଯାଇଛି । ସେହିପରି ଓଜନ ଅନୁସାରେ ୧୫ ପ୍ରତିଶତରୁ ଅଧିକ ଇସ୍ପାତ, ଆଲୁମିନିୟମ ଓ ତମ୍ବା ଥିବା ଉତ୍ପାଦ ଉପରେ ଶୁଳ୍କକୁ ୨୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ୱାସିଂ ମେସିନ୍ ଭଳି ଉତ୍ପାଦ ଉପରେ ଶୁଳ୍କ କମ୍ ହେବ । ଆମେରିକାରେ ଉତ୍ପାଦନ ହୋଇଥିବା ଇସ୍ପାତ, ଆଲୁମିନିୟମ ଓ ତମ୍ବାକୁ ବ୍ୟବହାର କରି ବିଦେଶରେ ଉତ୍ପାଦନ କରାଯାଇଥିବା ଉତ୍ପାଦ ଉପରେ ଶୁଳ୍କ ୧୦ ପ୍ରତିଶତକୁ ହ୍ରାସ ପାଇଛି ।

ଏଆଇଏମ୍ଆଇଏମ୍ ନେତା ଗିରଫ

କୋଲକାତା, ୩/୪: ମାଲଦା ଜିଲ୍ଲାରେ ନ୍ୟାୟିକ ଅଧିକାରୀଙ୍କୁ ଘେରଉ କରାଯିବା ମାମଲାର ମାଷ୍ଟରମାଇଣ୍ଡକୁ ପଶ୍ଚିମବଙ୍ଗ ପୁଲିସ ଶୁକ୍ରବାର ଗିରଫ କରିଛି । ଏଆଇଏମ୍ଆଇଏମ୍ ନେତା ଆଡଭୋକେଟ୍ ମୋଫାକ୍କରୁଲ ଇସଲାମ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ପୁଲିସ କହିଛି । ପଶ୍ଚିମବଙ୍ଗ ପୁଲିସ ଇସଲାମ ଓ ତା'ର ସହଯୋଗୀକୁ ସିଲିଗୁଡ଼ିର ବାଗଡୋଗ୍ରା ବିମାନବନ୍ଦରରୁ ଗିରଫ କରିଥିଲା । ପୁଲିସ ଏହି ମାମଲାରେ ଶୁକ୍ରବାର ୧୮ ଜଣଙ୍କୁ ଗିରଫ କରିଛି । ଇସଲାମ ୨୦୨୧ରେ ଇତହାରରେ ଏଆଇଏମ୍ଆଇଏମ୍‌ର ପ୍ରାର୍ଥୀ ଥିଲା । ଏବେବି ସେ ଦଳର ଜଣେ ସକ୍ରିୟ କର୍ମୀ ଅଛି । ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ କାଲିଆଛକ୍‌ଠାରେ ସାତଜଣ ନ୍ୟାୟିକ ଅଧିକାରୀଙ୍କୁ ବୁଧବାର ଘଣ୍ଟା ଘଣ୍ଟାଧରି ଅଟକ ରଖାଯାଇଥିଲା । ଏଡିଜି (ଉତ୍ତର ବେଙ୍ଗଲ) କେ ଜୟାରମନ କହିଛନ୍ତି, ମୋଫାକ୍କରୁଲ ଇସଲାମର ଘର ଉତ୍ତର ଦିନାଜପୁର ଜିଲ୍ଲାର ଇତହାରରେ ଓ ସେ ବର୍ତ୍ତମାନ କୋଲକାତାରେ ରହୁଛି ।

ପାକିସ୍ତାନରେ ଭୟଙ୍କର ବିସ୍ଫୋରଣ: ୫ ମୃତ

ପେଶାୱାର, ୩/୪: ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଗୁରୁବାର ବିଳମ୍ବିତ ରାତିରେ ଏକ ପୋଲିସ ଷ୍ଟେସନକୁ ଟାର୍ଗେଟ୍ କରି କରାଯାଇଥିବା ଭୟଙ୍କର ଆତ୍ମଘାତୀ କାର୍ ବୋମା ବିସ୍ଫୋରଣରେ ତିନିଜଣ ମହିଳା ଓ ଜଣେ ଶିଶୁଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ଘଟିଛି । ବାନ୍ନୁ ଜିଲ୍ଲାର ଡୋମେଲ ତହସିଲରେ ଥିବା ପୋଲିସ ଷ୍ଟେସନରେ ଏହି ବିସ୍ଫୋରଣ ଘଟିଥିବା ବେଳେ ଏଥିରେ ୪ ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଏହାର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯିବା ସହ ଆଖପାଖର ଅନେକ ଘର କ୍ଷତିଗ୍ରସ୍ତ ହୋଇଛି, ଯାହା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଆତଙ୍କ ସୃଷ୍ଟି କରିଛି । ପୋଲିସ ସୂଚନା ଅନୁଯାୟୀ, ଜଣେ ଆତ୍ମଘାତୀ ବିସ୍ଫୋରକ କାର୍ ସାହାଯ୍ୟରେ ପୁଲିସ ଷ୍ଟେସନକୁ ଧକ୍କା ଦେଇଥିଲା, ଯାହାଫଳରେ ଏହି ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ପରେ ତୁରନ୍ତ ସେହି ଅଞ୍ଚଳରେ ଗୁଳି ବିନିମୟ ମଧ୍ୟ ହୋଇଥିଲା, ଯାହା ଉତ୍ତେଜନାକୁ ଦ୍ୱିଗୁଣିତ କରିଦେଇଥିଲା ।

ଚୁପ୍ ଅଛି, ହାରିଯାଇ ନାହିଁ': ରାଘବଙ୍କ ଭିଡିଓ ବାର୍ତ୍ତା ଖୋଲିଲା ଆପ୍

ନୂଆଦିଲ୍ଲୀ, ୩/୪: ଆମ୍ ଆଦମୀ ପାର୍ଟି (ଆପ୍) ନେତା ତଥା ରାଜ୍ୟସଭା ସାଂସଦ ରାଘବ ଚଢ଼ା ଶୁକ୍ରବାର ରାଜ୍ୟସଭାରେ ଉପନେତା ପଦରୁ ବହିଷ୍କୃତ ହେବାର ଗୋଟିଏ ଦିନ ପରେ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଦଳକୁ ସମାଲୋଚନା କରିଛନ୍ତି । ଏକ୍ସରେ ଏକ ଭିଡିଓ ବାର୍ତ୍ତାରେ ଚଢ଼ା ଅଭିଯୋଗ କରିଛନ୍ତି ଯେ ତାଙ୍କୁ ସଂସଦରେ ଭାଷଣ ଦେବାରୁ ରୋକିବା ପାଇଁ ଏହା ଏକ ପ୍ରୟାସ ଏବଂ ସଂସଦରେ ଜନସାଧାରଣଙ୍କ ପ୍ରସଙ୍ଗ ଉଠାଇବା ଅପରାଧ କି? ସେ କହିଛନ୍ତି, ଯେତେବେଳେ ବି ମୁଁ ସଂସଦରେ କହିବାର ସୁଯୋଗ ପାଏ, ମୁଁ ସର୍ବସାଧାରଣ ପ୍ରସଙ୍ଗ ଉଠାଇଥାଏ । ମୁଁ ଏପରି ବିଷୟ ଉଠାଏ ଯାହା ସଂସଦରେ କ୍ୱଚିତ୍ ଚର୍ଚ୍ଚା ହୁଏ । ଲୋକଙ୍କ ପ୍ରସଙ୍ଗ ଉଠାଇବା ଅପରାଧ କି? ମୁଁ କିଛି ଭୁଲ୍ କରିଛି କି? ଗୁରୁବାର ଆମ୍ ଆଦମୀ ପାର୍ଟି ରାଜ୍ୟସଭା ସଚିବାଳୟକୁ ଚିଠି ଲେଖି ରାଘବ ଚଢ଼ାଙ୍କୁ ଗୃହର ଉପନେତା ପଦରୁ ହଟାଇ ତାଙ୍କ ସ୍ଥାନରେ ପଞ୍ଜାବ ସାଂସଦ ଅଶୋକ ମିତ୍ତଲଙ୍କୁ ଉପନେତା ମାନ୍ୟତା ଦେବାକୁ ଅନୁରୋଧ କରିଛି । ଏହାପରେ କ୍ଷୁବ୍ଧ ଚଢ଼ା କହିଛନ୍ତି, କେହି କାହିଁକି ମୋତେ କହିବାରୁ ଅଟକାଇବାକୁ ଚାହିବେ? ମୁଁ ସବୁବେଳେ 'ସାଧାରଣ ମଣିଷ' ପାଇଁ

କହିଥାଏ । ମୁଁ ବିମାନବନ୍ଦରରେ ବିକ୍ରି ହେଉଥିବା ମହଙ୍ଗା ଖାଦ୍ୟ ବିଷୟରେ କହିଥିଲି ଏବଂ ଗିଗ୍ ଶ୍ରମିକଙ୍କ ପ୍ରସଙ୍ଗ ଉଠାଇଥିଲି । ମୁଁ ଖାଦ୍ୟ ଅପମିଶ୍ରଣ ପ୍ରସଙ୍ଗ ଉଠାଇଥିଲି । ରାଜ୍ୟସଭାରେ ଟୋଲ୍ ପ୍ଲାଜା ଓ ବ୍ୟାଙ୍କ ଲୁଟ୍, ଟିକସଦାତା, ପ୍ରିପେଡ୍ ମୋବାଇଲ୍ ପ୍ଲାନ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉଠାଇଥିଲି । ଏହି ଆଲୋଚନା ସାଧାରଣ ଜନତାଙ୍କୁ ସାହାଯ୍ୟ କରିଥିଲା, କିନ୍ତୁ ଏହି ପ୍ରସଙ୍ଗଗୁଡ଼ିକ ଆମ୍ ଆଦମୀ ପାର୍ଟିକୁ କିପରି ପ୍ରଭାବିତ କରିଥିଲା ବୋଲି ଚଢ଼ା ପ୍ରଶ୍ନ କରିଛନ୍ତି । ରାଜ୍ୟସଭାରେ ଉପନେତା ପଦରୁ ତାଙ୍କ ବହିଷ୍କାର ପଛରେ ଥିବା ଲୋକଙ୍କୁ ଏକ କଡ଼ା ବାର୍ତ୍ତା ଦେଇ ଚଢ଼ା କହିଛନ୍ତି, 'ମୁଁ ଚୁପ୍ ଅଛି, ହାରିଯାଇ ନାହିଁ' । ଏକଦା ଅରବିନ୍ଦ କେଜ୍ରିୱାଲଙ୍କ ବିଶ୍ୱସ୍ତ ସହଯୋଗୀ ତଥା ଦେଶର ସର୍ବକନିଷ୍ଠ ସାଂସଦମାନଙ୍କ ମଧ୍ୟରୁ ଜଣେ ଭାବରେ ଦେଖାଯାଉଥିବା ରାଘବ ଚଢ଼ା ଦଳ ଭିତରେ, ବିଶେଷ କରି ପଞ୍ଜାବରେ ଓ ଦିଲ୍ଲୀରେ ଆପ୍ କାର୍ଯ୍ୟକାଳ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ଦଳର ସାଂସଦଙ୍କ କୋଟା ଅଧୀନରେ ଚଢ଼ାଙ୍କୁ ସଂସଦରେ କହିବାକୁ ବାରଣ କରାଯାଇଥିବା ଦାବିକୁ ଆପ୍ ନେତାମାନେ ଖଣ୍ଡନ କରିଛନ୍ତି । ସମସ୍ତେ ଆମ ଦଳରେ କହିବା ପାଇଁ ସମୟ ପାଆନ୍ତି; ଏହା ଏକ ଗଣତାନ୍ତ୍ରିକ ପ୍ରକ୍ରିୟା । ଭବିଷ୍ୟତରେ ରାଘବ ଚଢ଼ାଙ୍କୁ ମଧ୍ୟ ରାଜ୍ୟସଭାରେ ଭାଷଣ ଦେବା ପାଇଁ ସମୟ ଦିଆଯିବ ବୋଲି ମିତ୍ତଲ କହିଛନ୍ତି ।

ଲୋକସଭା ଆସନ ୮୧୬କୁ ବଢ଼ିବ

ନୂଆଦିଲ୍ଲୀ,୩।୪:ପାର୍ଲାମେଣ୍ଟର ବଜେଟ ଅଧିବେଶନ ସ୍ୱଳ୍ପକାଳୀନ ଅବକାଶ ପରେ ଏପ୍ରିଲ ୧୬ରୁ ପୁଣି ଚାଲିବ । ବିଶେଷକରି ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବା ସଂକ୍ରାନ୍ତ ବିଧେୟକକୁ ଏହି ସମୟରେ ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ । ମହିଳା ସଂରକ୍ଷଣ ଆଇନକୁ ଯଥାଶୀଘ୍ର ସମ୍ଭବ କାର୍ଯ୍ୟକାରୀ କରାଇବା ପାଇଁ ଆସନ ସଂଖ୍ୟା ବଢ଼ାଯାଉଥିବା ସୂତ୍ରରୁ ଜଣାପଡ଼ିଛି । ତେବେ ୪ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇପାରନ୍ତି । ସରକାର ମହିଳା ସଂରକ୍ଷଣ ବିଲ୍ ବା ନାରୀ ବନ୍ଦନ ଅଧିନିୟମ, ୨୦୨୩ରେ ସଂଶୋଧନ ସମେତ କେତେକ ବିଲ୍‌କୁ ଗୃହୀତ କରାଇବା ପାଇଁ ଆଗ୍ରହୀ । ତେବେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ରାଜନୈତିକ ଫାଇଦା ହାସଲ ପାଇଁ ଅତି ତରବରିଆ ଭାବେ ସଂଶୋଧନଗୁଡ଼ିକୁ ପାରିତ କରାଇବାକୁ ଉଦ୍ୟମ ଚଳାଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି । ସୂତ୍ରରୁ ଜଣାପଡ଼ିଛି ଯେ ପ୍ରସ୍ତାବିତ ଆଇନଗୁଡ଼ିକ ପାଇଁ ଏହି ଅଧିବେଶନ ୩ ଦିନ ଚାଲିବ ।



ଏନେଇ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ଜଣାଇ ଦିଆଯାଇଛି । ପ୍ରଥମେ ମହିଳା ସଂରକ୍ଷଣ ବିଧେୟକ ଆଗତ କରାଯିବ । ରାଜ୍ୟ ସଭାରେ ଗୁରୁବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସମ୍ବୋଧନ ବେଳେ ଏ ସଂକ୍ରାନ୍ତରେ ସଙ୍କେତ ଦେଇଥିଲେ । ତେବେ କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ, ବିଧାନସଭା ନିର୍ବାଚନ ଶେଷ ହେବା ପରେ ଏପ୍ରିଲ ୨୯ରେ ଏକ ସର୍ବଦଳୀୟ ବୈଠକ କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି ।

ଦିଲ୍ଲୀ-ଏନସିଆରରେ ଭୂକମ୍ପ

ନୂଆଦିଲ୍ଲୀ,୩।୪:ଶୁକ୍ରବାର ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ୫.୯ ତୀବ୍ରତାର ଭୂମିକମ୍ପ ହେବା ପରେ ଦିଲ୍ଲୀ-ଏନସିଆର ଏବଂ ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିଲା । ହଠାତ୍ ଝଟକା ଯୋଗୁଁ ଆତଙ୍କ ସୃଷ୍ଟି ହୋଇଥିଲା, ଅନେକ ସହରର ବାସିନ୍ଦା ଘର ଏବଂ ଅଫିସ କୋଠାରୁ ବାହାରକୁ ବାହାରି ଆସିଥିଲେ ।



ରାତି ପ୍ରାୟ ୯.୫୦ ରେ ରେକର୍ଡ ହୋଇଥିବା ଏହି ଭୂମିକମ୍ପଗୁଡ଼ିକ ନୋଏଡା, ଚଣ୍ଡିଗଡ଼, ପଞ୍ଜାବର ଲୁଧିଆନା ଏବଂ ଜମ୍ମୁ ଓ କାଶ୍ମୀରର ପୁଞ୍ଚ, ଶ୍ରୀନଗର ଏବଂ ଉଧମପୁର, ଡେରାଡୁନ ସମେତ ଅନେକ ସହରରୁ ଆସିଥିବା ସୂଚନା ମିଳିଛି ।

ଜଳୁଛି ବିଶ୍ୱର ସର୍ବବୃହତ୍ ଗ୍ୟାସ୍ ପ୍ରକ୍ରିୟାକରଣ ପ୍ଲାଣ୍ଟ୍

ତେହେରାନ/ୱାସିଂଟନ, ୩/୪: ମଧ୍ୟପ୍ରାଚ୍ୟ ଏବେ ଏକ ଭୟଙ୍କର ଅର୍ଥନୈତିକ ଯୁଦ୍ଧର ସମ୍ମୁଖୀନ ହୋଇଛି । ଇରାନ ପ୍ରତିରକ୍ଷା ବାହିନୀ ଆଜି କୁଏତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଶକ୍ତି କେନ୍ଦ୍ର ଏବଂ ଜଳ ବିଶୋଧନ କେନ୍ଦ୍ରଗୁଡ଼ିକୁ ଯୋଜନାବଦ୍ଧ ଭାବେ ଟାର୍ଗେଟ କରି ଭୀଷଣ କ୍ଷୟକ୍ଷତି ଘଟାଇଛନ୍ତି । ତେହେରାନର ଏକ ରଣନୈତିକ ପରିବର୍ତ୍ତନ ଉପସାଗରୀୟ ଅଂଚଳରେ ଆତଙ୍କ ଖେଳାଇ ଦେଇଛି । ଏହା କେବଳ ସାମରିକ ପ୍ରତିରୋଧ ନୁହେଁ, ବରଂ ପାରସ୍ପରିକ ବିନାଶ ପାଇଁ ଯୋଜନାବଦ୍ଧ ରଣନୀତି ବୋଲି ସାମରିକ ବିଶେଷଜ୍ଞମାନେ କହିଛନ୍ତି । ଇରାନ ଏହା ଦର୍ଶାଇବାକୁ ଚାହୁଛି ଯେ ଯଦି ଆମେରିକା ଇରାନର ଅର୍ଥନୀତିକୁ ପଙ୍ଗୁ କରିଦିଏ, ତେବେ କୌଣସି ପଡ଼ୋଶୀ ତୈଳ ରପ୍ତାନିକାରୀ ଦେଶ ମଧ୍ୟ ସୁରକ୍ଷିତ ରହିବେ ନାହିଁ । ଏହି ସଂଘର୍ଷ ଏବେ କେବଳ ହର୍ମୁଜ ପ୍ରଣାଳୀ ବା ପରମାଣୁ କାର୍ଯ୍ୟକ୍ରମରେ ସୀମିତ ନାହିଁ, ବରଂ ବିଶ୍ୱ ଶକ୍ତି ବଜାରର ମେରୁଦଣ୍ଡ କୁହାଯାଉଥିବା ଭିତ୍ତିଭୂମିକୁ ଛାରଖାର କରିବା ପାଇଁ ଏକ ସଂଗ୍ରାମରେ ପରିଣତ ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ବିଦ୍ୟୁତ୍ ଏବଂ ପରିବହନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଧମକ ଦେବା ପରେ ସଙ୍କଟ ଆହୁରି ଗମ୍ଭୀର ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଇରାନର ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କୁଏତର ମିନା ଅଲ-ଅହମ୍ମଦୀ ତୈଳ ବିଶୋଧନାଗାର ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ଜଳ ବିଶୋଧନ ପ୍ଲାଣ୍ଟକୁ କ୍ଷତିଗ୍ରସ୍ତ କରିଛି । ଆଜି ଆବୁ ଧାବିର ବିଶ୍ୱର ଅନ୍ୟତମ ବୃହତ୍ତମ ଗ୍ୟାସ୍ ପ୍ରକ୍ରିୟାକରଣ କେନ୍ଦ୍ର 'ହବଶାନ୍'ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଡ୍ରୋନ୍ ଓ କ୍ଷେପଣାସ୍ତ୍ରର ଧ୍ୱଂସାବଶେଷ ପଡ଼ିବା ପରେ ଏହି କେନ୍ଦ୍ରରେ ନିଆଁ ଲଗିଯାଇଛି ଏବଂ ଲିଭାଇବା ପ୍ରକ୍ରିୟା ଜାରି ରହିଛି । ମରୁଭୂମି ଅଞ୍ଚଳରେ ରହୁଥିବା ସାଧାରଣ ଜନତାଙ୍କ ପାଇଁ ଏହି ଜଳ ପ୍ରକଳ୍ପଗୁଡ଼ିକ ଜୀବନରେଖା ସଦୃଶ ହୋଇଥିବାରୁ ଏହି ଆକ୍ରମଣ ଗଲ୍ଫ ସହଯୋଗ ପରିଷଦ (ଜିସିସି) ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ସେହିପରି ୟୁଏଇରେ ଆମାଜନ ଏବଂ ଓରାକଲ୍ ଭଳି ପଶ୍ଚିମ ଟେକ୍ କମ୍ପାନିଗୁଡ଼ିକର ଡାଟା ସେଣ୍ଟର ଏବଂ ଏକ ପ୍ରମୁଖ ଗ୍ୟାସ ପ୍ଲାଣ୍ଟ ଉପରେ ପ୍ରଚଣ୍ଡ ଆକ୍ରମଣ ହୋଇଛି । ଅନ୍ୟପକ୍ଷରେ ଇସ୍ରାଏଲ ସହ ଯୁଦ୍ଧ ମଧ୍ୟ ଭୟଙ୍କର ରୂପ ନେଇଛି । ଇରାନର ବାଲିଷ୍ଟିକ ମିସାଇଲ ଇସ୍ରାଏଲର ପ୍ରତିରକ୍ଷା ବ୍ୟବସ୍ଥାକୁ ଭେଦ କରି ରମାତ୍ ଗନ୍ ଏବଂ ତେଲ୍ ଅଭିଭ୍ ସହରର ବିଭିନ୍ନ ଜନବସତି ଅଞ୍ଚଳରେ ମାଡ଼ ହୋଇଛି, ଯେଉଁଥିରେ ଘର ଓ ଗାଡ଼ିଗୁଡ଼ିକ ନଷ୍ଟ ହୋଇଛି । ହାଇଫାରେ ଥିବା ତୈଳ ହବ୍‌କୁ ମଧ୍ୟ ରକେଟ୍ ମାଧ୍ୟମରେ ଟାର୍ଗେଟ କରାଯାଇଛି । ଏହାର ପ୍ରତିକ୍ରିୟାରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏକ କଠୋର ଚେତାବନୀ ଦିଆଯାଇଛି । ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଆମେରିକା ସାମରିକ ବାହିନୀ ଇରାନର ଭିତ୍ତିଭୂମି ଧ୍ୱଂସ କରିବା ଏପର୍ଯ୍ୟନ୍ତ ଆରମ୍ଭ ମଧ୍ୟ କରିନାହିଁ, ଆଗକୁ ବିଧ୍ୱଂସ ଆସୁଛି ।

ପଶ୍ଚିମ ଏସିଆ ଯୁଦ୍ଧ

ୟୁକ୍ରେନର ଶାନ୍ତି ପ୍ରସ୍ତାବ

କିଭ୍,୩/୪: ପଶ୍ଚିମ ଏସିଆରେ ଆମେରିକା-ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ୟୁକ୍ରେନ ଏବେ ଏକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇଛି । ଆମେରିକାର ସାମରିକ ଦୃଷ୍ଟିଭଙ୍ଗୀ ଇରାନ ଆଡ଼କୁ ଢଳିଥିବା ବେଳେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ପୁଣି ଥରେ ଶାନ୍ତି ପ୍ରକ୍ରିୟା ପାଇଁ ତ୍ରିପାକ୍ଷିକ ଆଲୋଚନାକୁ ତ୍ୱରାନ୍ୱିତ କରିବାକୁ ୱାଶିଂଟନର ପ୍ରତିନିଧି ଦଳକୁ କିଭ୍ ନିମନ୍ତ୍ରଣ କରିଛନ୍ତି । ଆଗାମୀ ''ଇଷ୍ଟର'' ପର୍ବ ପାଇଁ ଏକ ଅସ୍ତ୍ରବିରତି ପ୍ରସ୍ତାବ ଆଣି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ ରଖିବାକୁ ଜେଲେନସ୍କି ଅନୁରୋଧ କରିଛନ୍ତି, କିନ୍ତୁ ଏହି ପ୍ରସ୍ତାବ ମଧ୍ୟରେ ଶୁକ୍ରବାର ରୁଷିଆ ପକ୍ଷରୁ ପ୍ରାୟ ୫୦୦ ଡ୍ରୋନ୍ ଓ ମିସାଇଲ୍ ମାଡ଼ କରାଯାଇ ସମଗ୍ର ୟୁକ୍ରେନର ବିଦ୍ୟୁତ ସେବାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି । ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୦୯ ଡଲାରରେ ପହଞ୍ଚିଛି । ଇରାନ ''ହର୍ମୁଜ ପ୍ରଣାଳୀ'' ବନ୍ଦ କରିଦେବା ଫଳରେ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟ ପାଇଁ ଆମେରିକା ଏବେ ରୁଷିଆର ତୈଳ ଉପରୁ କଟକଣା କୋହଳ କରିବାକୁ ବାଧ ହୋଇଛି, ଯାହା ୟୁକ୍ରେନ ପାଇଁ ଚିନ୍ତାର କାରଣ ସାଜିଛି ।

ବିସ୍ଫୋରଣ ଯୋଜନା: ୪ ଆତଙ୍କୀ ଗିରଫ

ପାକିସ୍ତାନ ପାଇଁ କରୁଥିଲେ କାମ

ଲକ୍ଷ୍ନୌ, ୩/୪: ୟୁପି ଏସଟିଏସକୁ ଲକ୍ଷ୍ନୌରେ ବଡ଼ ସଫଳତା ମିଳିଛି । ଏଟିଏସ୍ ଚାରି ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି । ଏହି ଚାରି ଜଣ ଲକ୍ଷ୍ନୌର ଚାରବାଗରେ ବିସ୍ଫୋରଣ କରିବାକୁ ଆସି ଥିଲେ, କିନ୍ତୁ ଏହା ପୂର୍ବରୁ ଏଟିଏସ୍ ଧରି ନେଇଥିଲା । ଏଥିରେ ଦୁଇଜଣ ଆତଙ୍କୀ ମିରଟ ଓ ଦୁଇ ଜଣ ନୋଏଡାରେ ରୁହନ୍ତି । ଗିରଫ ସମସ୍ତ ଆତଙ୍କୀ ସୋସିଆଲ ମିଡ଼ିଆର ଅଲଗା ଅଲଗା ପ୍ଲାଟଫର୍ମ ସହ ଜଡ଼ିତ ପାକିସ୍ତାନ ହ୍ୟାଣ୍ଡଲରର ସଂପର୍କରେ ଥିଲେ । ଗିରଫ ଆତଙ୍କୀଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଭଣ୍ଡାରୀ(ବାରବର) କାମ କରୁଥିଲା , ଏହି ଆଳରେ ସେ ଦେଶ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚୁଥିଲା । ଆତଙ୍କୀମାନେ ଲକ୍ଷ୍ନୌରେ ଥିବାର ଏଟିଏସ୍ ସୂଚନା ପାଇବା କ୍ଷଣି ତଲାସୀ ଅଭିଯାନ ଆରମ୍ଭ କରି ଦେଇ ଥିଲା । ଚାରି ଜଣ ଆତଙ୍କୀ ଏଟିଏସ୍ ହାତରେ ଧରା ପଡ଼ି ଥିଲେ । ଗିରଫ ବେଳେ ଏଟିଏସ୍ ତାଙ୍କ ପାଖରୁ ଗୋଟିଏ

କ୍ୟାନ୍ ଜ୍ୱଳନଶୀଳ ଜିନିଷ, ୭ଟି ସ୍ମାର୍ଟଫୋନ୍ ,୨୪ଟି ପମ୍ପଲେଟ୍ ଓ ଆଧାର କାର୍ଡ ଜବତ କରିଛି । ୟୁପିର ଏଡିଜି ଆଇନ-ବ୍ୟବସ୍ଥା ଅମିତାଭ ଯଶ କହିଛନ୍ତି ଯେ, ଦେଶରେ ଆତଙ୍କ ପ୍ରସାରର ପ୍ରସ୍ତୁତିରେ ଥିବା ମିରଟର ଅଗୱାନପୁର ଗାଁ ଥାନା ପରୀକ୍ଷିତଗଡ଼ ଅଞ୍ଚଳର ସାକିବ ଓରଫ ଡେଭିଡ୍(୨୫), ମିରଟର ଅରବାବ(୨୦), ଗୌତମବୁଦ୍ଧ ନଗରର ରାମ ବିହାର ନିବାସୀ ବିକାଶ ଗହଲାବତ ଓରଫ ରୌନକ (୨୭) ଓ ରାମ ବିହାର କଲୋନୀ ଗୌତମବୁଦ୍ଧନଗରର ଲୋକେଶ ଓରଫ ପୋପଲା ପଣ୍ଡିତ ଓରଫ ବାବୁ ଓରଫ ସଞ୍ଜୁ (୧୯)କୁ ଶୁକ୍ରବାର ଲକ୍ଷ୍ନୌର ଚାରବାଗ ରେଲୱେ ଷ୍ଟେସନ ନିକଟରୁ ଗିରଫ କରାଯାଇ ଥିଲା । ଏଟିଏସ ମୁତାବିକ , ଏହି ଚାରି ଜଣ ଶୁକ୍ରବାର ଲକ୍ଷ୍ନୌରେ ପହଞ୍ଚି ଥିଲେ ଏବଂ ସାଥିଙ୍କ ସହ ମିଶି ଲକ୍ଷ୍ନୌ ରେଲୱେ ଷ୍ଟେସନ ନିକଟରେ ରେଲୱେ ସିଗନାଲ ଓ ରେଲୱେର ସଂପତ୍ତିକୁ ଜଳାଇବା କିମ୍ବା ବିସ୍ଫୋରକ ଦ୍ୱାରା କ୍ଷତି କରିବାକୁ ଚେଷ୍ଟା କରୁଥିଲେ । ଏହା ପୂର୍ବରୁ ଏଟିଏସ ତାଙ୍କୁ ଗିରଫ କରି ଥିଲା ।

ଭୁଲ ସୂଚନା ବିରୋଧରେ ସତର୍କତା ଜାରି ରଖ: କେନ୍ଦ୍ର

ଏଲପିଜି ବଣ୍ଟନକୁ ପ୍ରାଥମିକତା

ନୂଆଦିଲ୍ଲୀ,୩।୪(ପିଆଇବି): ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଭାରତ ସରକାର ସମନ୍ୱିତ ପ୍ରତିକ୍ରିୟା ପଦକ୍ଷେପ ମାଧ୍ୟମରେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ନିରନ୍ତରତା ସୁନିଶ୍ଚିତ କରିବାରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି । ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟ ଏବଂ ଏହି କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ସହାୟତା ସମ୍ପର୍କରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ବିଷୟରେ ସୂଚନା ପ୍ରଦାନ କରାଯାଇଛି : ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରେ ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ନିରନ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ

ପଦକ୍ଷେପ ଗ୍ରହଣ କରାଯାଉଛି । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଅନୁଯାୟୀ:ସରକାର ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପ୍ରୟାସ କରୁଛନ୍ତି, ଏବଂ ନାଗରିକମାନଙ୍କୁ ପେଟ୍ରୋଲ ଏବଂ ଡିଜେଲର ଆତଙ୍କିତ କ୍ରୟ ଏବଂ ଅନାବଶ୍ୟକ ଏଲପିଜି ବୁକିଂ ଏଡାଇବାକୁ ପରାମର୍ଶ ଦିଆଯାଇଛି । ନାଗରିକମାନଙ୍କୁ ଗୁଜବ ପ୍ରତି ସତର୍କ ରହିବାକୁ ଏବଂ ସଠିକ୍ ସୂଚନା ପାଇଁ କେବଳ ସରକାରୀ ଉତ୍ସ ଉପରେ ନିର୍ଭର କରିବାକୁ ପରାମର୍ଶ । ଏଲପିଜି ପାଇଁ, ନାଗରିକମାନଙ୍କୁ ଏଲପିଜି ସିଲିଣ୍ଡର ବୁକିଂ ପାଇଁ ଡିଜିଟାଲ୍ ମୋଡ୍ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି । ନାଗରିକମାନଙ୍କୁ ସମ୍ଭବ ହେଲେ ପିଏନଜି, ଇଣ୍ଡକ୍ସନ୍ ଏବଂ ବୈଦ୍ୟୁତିକ କୁକଟପ୍ ଭଳି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି ।ବର୍ତ୍ତମାନର ପରିସ୍ଥିତିରେ, ସମସ୍ତ ନାଗରିକଙ୍କୁ ସେମାନଙ୍କର ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଂରକ୍ଷଣ ପାଇଁ ଆବଶ୍ୟକ ପ୍ରୟାସ କରିବାକୁ ଅନୁରୋଧ କରାଯାଇଛି । ଏହି ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲପିଜି ଏବଂ ପିଏନଜିକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି । ଘରୋଇ ଏବଂ ବାଣିଜ୍ୟିକ ଗ୍ରାହକ ଉଭୟଙ୍କ ପାଇଁ ନୂତନ ପିଏନଜି ସଂଯୋଗକୁ ସହଜ କରିବାକୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

ଘର ସମ୍ମୁଖରୁ ବାଇକ୍ ଚୋରି

ପିପିଲି(ନିପ୍ର): ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଆଗରେ ଥିବା ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ସୂଚନା ମୁତାବକ ହରିପୁର ଗ୍ରାମର ପ୍ରଶାନ୍ତ ଦାଶ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପ୍ରଶାନ୍ତ ସବୁଦିନ ପରି ତାଙ୍କ ମଟର ବାଇକ୍ (ଓଡି୧୩ପି୫୭୮୪)କୁ ଘର ଆଗରେ ରଖିଥିଲେ। ଗୁରୁବାର ଭୋର ସମୟରେ ପ୍ରଶାନ୍ତ ବାହାରକୁ ଆସିବାରେ ତାଙ୍କ ବାଇକ୍ ନ ଥିବା ଦେଖିଥିଲେ। ପରେ ବହୁତ ଖୋଜାଖୋଜି କରି ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଯାହାନ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

କାକଟପୁର(ନିପ୍ର): ପୁରୀଜିଲ୍ଲା କାକଟପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯାହାନ ପବ୍ଲିକ୍ ସ୍କୁଲର ୧୫ ତମ ବାର୍ଷିକ ଉତ୍ସବ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ମୁଖ୍ୟବକ୍ତା ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ତଥା କାକଟପୁର ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ଅକ୍ଷୟ କୁମାର ମହାନ୍ତି, ଜଗତସିଂହପୁର ସାଂସଦଙ୍କ ପୁରୀଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଯାହାନ ପବ୍ଲିକ୍ ସ୍କୁଲର ନିର୍ଦ୍ଦେଶିକା ଡଃ ସୁମିତ୍ରା ଘୋଷ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ଆବଶ୍ୟକ ଉଚ୍ଚ ମାନର ଶିକ୍ଷାଦାନ, ଉପଯୁକ୍ତ ଭିତ୍ତିଭୂମି, ଯୋଗ୍ୟ ଶିକ୍ଷକ ଓ ଉପଯୋଗୀ ପାଠ୍ୟକ୍ରମର ଶିକ୍ଷାର ଗୁଣାତ୍ମକ ମାନ ଉପରେ ନିର୍ଭର କରିବା ସହିତ ଏହା କେବଳ ପାଠ ପଢିବା ପାଇଁ ନୁହେଁ ବରଂ ବାସ୍ତବ ଜୀବନରେ ଜ୍ଞାନର ପ୍ରୟୋଗ ଓ ମୂଲ୍ୟବୋଧ ସୃଷ୍ଟି ଉପରେ ଗୁରୁତ୍ୱ ଦିଏ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷା, କ୍ରୀଡା ଓ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ମା’ ଭଦ୍ରକାଳୀ ପୀଠରେ ଘୋଡା ମେଳନ ଉତ୍ସବ

ଭଦ୍ରକ(ନିପ୍ର): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା ଭଦ୍ରକାଳୀଙ୍କ ପୀଠରେ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି ଐତିହାସିକ ଘୋଡା ମେଳନ ଉତ୍ସବ। ରଙ୍ଗୀନ ଆଲୋକ ମାଳା, ଢୋଲ, ମହୁରୀ, ମାଦଳ ବାଜାରେ କୈବର୍ତ୍ତ ମାହଲର ନୃତ୍ୟ ସାଙ୍ଗକୁ ଆତସବାଜିର ଭରପୁର ଆନନ୍ଦ ଉଠାଇଛନ୍ତି ହଜାର ହଜାର ଭକ୍ତ। ଶାନ୍ତି ଶୃଙ୍ଖଳା ନିମନ୍ତେ ଭଦ୍ରକ ଉପ ଜିଲ୍ଲାପାଳ ତଥା ମନ୍ଦିର ମ୍ୟାନେଜିଙ୍ଗ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ ଓ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ ମନ୍ଦିର ସେବାୟତ ଓ କୈବର୍ତ୍ତ ମାହଲ ସହ ଆଲୋଚନା କରି କଡ଼ା ସୁରକ୍ଷା ବନ୍ଦୋବସ୍ତ କରିଛନ୍ତି।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଉଦ୍‌ଯାପିତ

ବ୍ରହ୍ମପୁର(ନିପ୍ର): ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଅକ୍ସଫୋର୍ଡ଼ ପବ୍ଲିକ୍ ସ୍କୁଲଠାରେ ଚାଲିଥିବା ଦୁଇ ଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬, ମଣ୍ଡଳ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଦିବସରେ ସକାଳେ ଏକ ଯୋଗା ଶିବିର ସହ ଯୁମ୍ବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ପରେ ‘ସ୍ୱଚ୍ଛ ଭାରତ ଅଭିଯାନ‘ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାପରେ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଦୁଇଟି ସତ୍ର ହେବା ପରେ ଶେଷ ଉଦଯାପନୀ ସତ୍ରରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥୀ, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ଓଡ଼ିଶା ସରକାରଙ୍କ ମାନ୍ୟବର ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ ।

ନିଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ନିଆଳି(ନିପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ୨୮ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ମାୟାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧକ୍ଷ ଇଂ. ଛବି ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ପଢିବା ସହିତ ଭଲ ମଣିଷ ହେବା ଦରକାର ବୋଲି ମତ ରଖିବା ସହ ଆଧାତ୍ମିକ ଚେତନା ଉପରେ ଗୁରୁତ୍ୱ ଦେବା ପାଇଁ ଉପସ୍ଥିତ ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ସମାଜସେବୀ ଲଳିତେନ୍ଦୁ କାନୁନ୍‌ଗୋ ଯୋଗଦେଇ ଆତ୍ମ ବିଶ୍ୱାସ ବଳରେ ସବୁ ସମ୍ଭବ ହୋଇପାରେ ବୋଲି ସୁନ୍ଦର ମାର୍ଗଦର୍ଶନ ସହ ବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସଂପାଦକ ଅଶୋକ କୁମାର ରାୟ ମଂଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଯୁବନେତା ଆଲୋକ ଲେଙ୍କା,ସୁନନ୍ଦା ଦାସ, ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଧରାପଡ଼ିଲା ଚୌଦ୍ୱାର ଜେଲରୁ ଫେରାର ଅଭିଯୁକ୍ତ ରାଜା ସାହାଣୀ

୬ ମାସ ପରେ ପୋଲିସ ପଞ୍ଝାକୁ ଆସିଲା ଅଭିଯୁକ୍ତ

- ✦ ରାଜା ନାଁ ରେ ବିଭିନ୍ନ ରାଜ୍ୟରେ ୨୮ଟି ମାମଲା ରହିଛି
- ✦ ରାଜାର ସାରା ଦେଶରେ ଥିଲା ଅପରାଧିକ ନେଟୱାର୍କ
- ✦ ଲୁଟ ସୁନାକୁ ରାଜା ଗ୍ୟାଙ୍ଗ ଅଲଗା ଅଲଗା ଦେଶରେ ବିକ୍ରି କରୁଥିଲା
- ✦ ଲୁଟ ଟଙ୍କାରେ ଅଏସ କରୁଥିଲା ରାଜା

କଟକ(ନିପ୍ର): ଫେରାର ହେବାର ଠିକ୍ ୬ ମାସ ପରେ ପୋଲିସ ପଞ୍ଝାକୁ ଆସିଲା ଅଭିଯୁକ୍ତ ରାଜା ସାହାଣୀ । ଚୌଦ୍ୱାର ଜେଲରୁ ଫେରାର ଅଭିଯୁକ୍ତ ରାଜା ସାହାଣୀକୁ କମିଶନରେଟ ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଉତ୍ତରାଖଣ୍ଡ ରାଜ୍ୟ ଋଷିକେଶରୁ ଗିରଫ କରିବାରେ ସକ୍ଷମ ହୋଇଛି ବୋଲି ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି । ଚୌଦ୍ୱାର ଜେଲରୁ ଫେରାର ପରେ ଲୁଟେରା ରାଜା କର୍ଣ୍ଣାଟକରୁ ୧୦କୋଟି ଟଙ୍କାର ଅଳଙ୍କାର ଲୁଟିଥିଲା। ଏଥିପାଇଁ ଓଡ଼ିଶା ସମେତ କର୍ଣ୍ଣାଟକ, ଆନ୍ଧ୍ର ଓ ଉତ୍ତରାଖଣ୍ଡ ପୋଲିସ ପାଇଁ ରାଜା ସାହାଣୀ ମୋଷ୍ଟ ୱାଣ୍ଟେଡ୍ ପାଲଟି ଯାଇଥିଲା। ୨୦୨୫ ମସିହା ଅକ୍ଟୋବର ୨ ତାରିଖ ରାତି ପ୍ରାୟ ୧ଟା ୪୦ ମିନିଟରେ ଚୌଦ୍ୱାର ଜେଲରୁ ଦୁଇ କଏଦୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଓରଫ ଶୁଭମ (୩୯) ଜେଲରୁ ଫେରାର ହୋଇଯାଇଥିଲେ । ଉଭୟ ବିହାରର ବାସିନ୍ଦା । ତେବେ ଗତ ଫେବୃଆରୀ ୧୪ ତାରିଖରେ ଅଭିଯୁକ୍ତ ମଧୁକାନ୍ତକୁ କମିଶନରେଟ ପୋଲିସର ସ୍ୱତନ୍ତ୍ର ଦଳ ବୃନ୍ଦାବନରୁ ଧରିବାରେ ସକ୍ଷମ ହୋଇଥିବାବେଳେ ରାଜା ସାହାଣୀ ପୋଲିସକୁ ଚକମା ଦେଇ ଖସି ପଳାଇ ଯାଇଥିଲା। ଫେରାର ହେବା ପରେ ରାଜା ସାହାଣୀ କର୍ଣ୍ଣାଟକ ରାଜ୍ୟ ମହୀଶୁର ଜିଲ୍ଲାର ହୁନ୍ନୁର ଟାଉନରେ ୨୦୨୫ ଡିସେମ୍ବର ୨୮ରେ ଏକ ଗହଣା ଦୋକାନରୁ ଡକାୟତ କରିଥିଲା। ଦିନ ପ୍ରାୟ ୨ଟା ସମୟରେ ହୁନ୍ନୁର ବସଷ୍ଟାଣ୍ଡ ନିକଟରେ ଥିବା ସ୍କାଏଗୋଲ୍ଡ ଓ ଡାଏମଣ୍ଡ ଗହଣା ଦୋକାନରୁ ରାଜା ନେତୃତ୍ୱରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବ୍ଲାଙ୍କ ଫାୟାର କରି ମାତ୍ର ୬ମିନିଟ ମଧ୍ୟରେ ୮କେଜି ସୁନା ଓ ହୀରା ଅଳଙ୍କାର ଲୁଟି ନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୧୦କୋଟି ଟଙ୍କା ହେବ। ଏହି ଘଟଣା ପରେ ଓଡ଼ିଶାର ଚୌଦ୍ୱାର ଜେଲରୁ ଫେରାର ଅଭିଯୁକ୍ତ ରାଜା ସାହାଣୀ ପଛରେ କର୍ଣ୍ଣାଟକ ପୋଲିସ ପଡ଼ି ଯାଇଥିଲା । ବିଭିନ୍ନ ରାଜ୍ୟରେ ରାଜା ନାଁରେ ୨୮ରୁ ଅଧିକ ମାମଲା ରହିଛି । ଏହା ସହ ୫ଟି ହତ୍ୟା ମାମଲା ଥିବାରୁ ଓଡ଼ିଶା ସମେତ କର୍ଣ୍ଣାଟକ ଆନ୍ଧ୍ର ଓ ଉତ୍ତରାଖଣ୍ଡ ପୋଲିସ ପାଇଁ ରାଜା ସାହାଣୀ ମୋଷ୍ଟ ୱାଣ୍ଟେଡ୍ ପାଲଟି ଯାଇଥିଲା। ପୋଲିସ ସୂଚନା ମୁତାବକ, ରାଜା ସାହାଣୀର କ୍ରାଇମ ସିଣ୍ଡିକେଟରେ ପ୍ରାୟ ୨ହଜାର ଅପରାଧି କାମ କରୁଛନ୍ତି। ଏମାନେ ଲୁଟ, ହତ୍ୟା, ବ୍ୟାଙ୍କ ଡକାୟତି ଓ ଅଳଙ୍କାର ଦୋକାନ ଲୁଟ ଭଳି ବିଭିନ୍ନ ଅପରାଧରେ ସଂଶ୍ଲିଷ୍ଟ ରହିଛନ୍ତି। ଖାସ କରି, ନିଛାଟିଆ ସ୍ଥାନରେ ଥିବା ବ୍ୟାଙ୍କ କିମ୍ବା ଗହଣା ଦୋକାନକୁ ରାଜା ସାହାଣୀ ଗ୍ୟାଙ୍ଗ ଟାରଗେଟ କରୁଥିଲେ। ସ୍ୱତନ୍ତ୍ର କୌଶଳରେ ରାଜା ସାହାଣୀ ଗ୍ୟାଙ୍ଗ ଗହଣା ଦୋକାନରୁ ସୁନା ଲୁଟ କରୁଥିଲେ। ରେକି କରିବା ପରେ ଏହି ଗ୍ୟାଙ୍ଗକୁ ଟେକନିକାଲ ଏକ୍ସପୋର୍ଟମାନେ ସହଯୋଗ କରୁଥିଲେ। ଗହଣା ଦୋକାନରୁ ଲୁଟ ପୂର୍ବରୁ ଗ୍ୟାଙ୍ଗ ସଦସ୍ୟମାନେ ଜାମର ଲଗାଇ ଦେଉଥିଲେ। ଲୁଟ ସୁନାକୁ ଅଲଗା ଅଲଗା ଦେଶରେ ରାଜାର ଗ୍ୟାଙ୍ଗ ବିକ୍ରି କରୁଥିବା ପୋଲିସ ସୂଚନା ଦେଇଛି। ବିଶେଷ କରି ଲୁଟ ଟଙ୍କାରେ ରାଜା ଅଏସ କରୁଥିଲା । ଶେଷରେ ଉତ୍ତାଖଣ୍ଡର ଏକ ହୋଟେଲ ନିକଟ ଗଳି ରାସ୍ତାରେ ରାଜା ସାହାଣୀ ତାହାର ପ୍ରେମିକା ସହିତ ବୁଲୁଥିବାବେଳେ କମିଶନରେଟ ପୋଲିସର ସ୍ୱତନ୍ତ୍ର ଦଳ ତା ଫଟୋ ଉଠାଇବାରେ ସକ୍ଷମ ହୋଇଥିଲେ। ଆଉ ସେ ହିଁ ରାଜା ସାହାଣୀ ବୋଲି କନଫର୍ମ ହେବା ପରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ଦଳ ତାକୁ ରଶିକେଶରୁ ଗିରଫ କରିଥିଲା। ପୋଲିସ ସୂଚନା ମୁତାବକ, ଫେରାର ହେବା ପରଠାରୁ ରାଜା ସାହାଣୀ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲା। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ୧୫ ଦିନରୁ ଅଧିକ ସେ ରହୁ ନଥିଲା। ଏହା ସହ ରାଜା ନିଜର ନାମ ବଦଳାଇ ବିଭିନ୍ନ ସ୍ଥାନରେ ରହୁଥିଲା । ରାଜା ଫୋନ ମଧ୍ୟ ବ୍ୟବହାର କରୁନଥିଲା। କାହାକୁ ଫୋନ କରିବାକୁ ପଡ଼ିଲେ ଅନ୍ୟ ଲୋକଙ୍କ ଠାରୁ ଫୋନ ମାଗି ରାଜା କଥା ହେଉଥିଲା। ଫଳରେ ତାକୁ ଟ୍ରାକ କରିବା ପୋଲିସ ପାଇଁ କାଠିକର ପାଠ ଥିଲା । ସମ୍ଭାବ୍ୟ ଗୁଇନ୍ଦା ସୂଚନାକୁ ଆଧାରକରି କମିଶନରେଟ ପୋଲିସର ଏକାଧିକ ସ୍ୱତନ୍ତ୍ର ଦଳ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା। ସ୍ୱତନ୍ତ୍ର ଦଳ ବିହାର, ଉତ୍ତରପ୍ରଦେଶ, ଆସାମ, ନାଗାଲାଣ୍ଡ, ଦିଲ୍ଲୀ, ପଶ୍ଚିମବଂଗ, କର୍ଣ୍ଣାଟକ ଓ ଉତ୍ତରାଖଣ୍ଡ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ଛାନଭିନ ଜାରି ରଖିଥିଲା। ସ୍ୱତନ୍ତ୍ର ଦଳ ନିରନ୍ତର ବୈଷୟିକ ଗୁଇନ୍ଦା ତଥ୍ୟ, ଭୂମିଗତ ମାନବ ଗୁଇନ୍ଦାର ବ୍ୟବହାର ଓ ଆନ୍ତଃ ରାଜ୍ୟ ପୋଲିସ ସମନ୍ୱୟ ଆଧାରରେ ନିରନ୍ତର ତଦନ୍ତ ଚଳାଇଥିଲା । କମିଶନରେଟ ପୋଲିସର ସ୍ୱତନ୍ତ୍ର ଦଳ ଆନ୍ଧ୍ରପ୍ରଦେଶ, ବିହାର, କର୍ଣ୍ଣାଟକ ପୋଲିସର ଯୋଗଯୋଗରେ ରହୁଥିଲେ । ପୂର୍ବରୁ ପୋଲିସ ପଞ୍ଝାକୁ ଆସିଥିବା ମଧୁକାନ୍ତ ଠାରୁ ମଧ୍ୟ କମିଶନରେଟ ପୋଲିସ ଅନେକ କିଛି ତଥ୍ୟ ହାସଲ କରିଥିଲା। ବ୍ୟକ୍ତିଗତ ଗୁଇନ୍ଦା ସୂଚନା ଆଧାରରେ କମିଶନରେଟ ପୋଲିସ ସ୍ୱତନ୍ତ୍ର ଦଳ ଚୌଦ୍ୱାର ଜେଲରୁ ଫେରାର ଅଭିଯୁକ୍ତ ରାଜା ସାହାଣୀକୁ ଶେଷରେ ଉତ୍ତରାଖଣ୍ଡ ରାଜ୍ୟ ଋଷିକେଶରୁ ଧରିବାରେ ସକ୍ଷମ ହୋଇଥିଲେ । ଧରାପଡ଼ିବା ପରେ ରାଜା ସାହାଣୀ ପୋଲିସକୁ କହିଥିଲା, “ମୁଝେ ଗୋଲି ମାରଦୋ” । ଏହି ତଦନ୍ତ ପ୍ରକ୍ରିୟାରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ଦଳକୁ ବିହାର ଏସଟିଏଫ, ୟୁପି ପୋଲିସ ଓ ଉତ୍ତରାଖଣ୍ଡ ପୋଲିସ ବହୁମୂଲ୍ୟ ସହାୟତା ପ୍ରଦାନ କରିଥିଲେ। ପୂର୍ବରୁ ଗିରଫ ହୋଇଥିବା ମଧୁକାନ୍ତ ରାଣାକୁ ଭୁବନେଶ୍ୱର ଝାରପଡ଼ା ଜେଲରେ ରଖା ଯାଇଥିବାବେଳେ ଏବେ ରାଜା ସାହାଣୀକୁ ଚୌଦ୍ୱାର ଜେଲର ସ୍ପେଶାଲ ସେଲରେ ଗୋଡ଼ରେ ବେଡ଼ି ପକାଇ ସିସିଟିଭି ସର୍ଭେଲାନ୍ସ ଭିତରେ ରଖିବାକୁ ଜେଲ ଅଧିକ୍ଷକ କୋର୍ଟକୁ ନିବେଦନ କରିବେ ବୋଲି ଜଣାପଡ଼ିଛି । ଅଭିଯୁକ୍ତ ରାଜାକୁ କୋର୍ଟ ଚାଲାଣ କରାଯାଇଛି। ରାଜାକୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ପିଟିସନ କରାଯିବ ବୋଲି ପୋଲିସ କମିଶନର ଶ୍ରୀ ସିଂହ କହିଛନ୍ତି ।

ଜଙ୍ଗଲ ନିଆଁ ଲିଭାଇବା ସମସ୍ତଙ୍କ ମୌଳିକ କର୍ତ୍ତବ୍ୟ: ଦିଲ୍ଲୀପ ଶ୍ରୀଚନ୍ଦନ

ନିରାକାରପୁର(ନିପ୍ର): ଜଙ୍ଗଲ ଜୀବଜଗତର ଫୁସ ଫୁସ । ଜୈବ ବିଭିଧତାର ପ୍ରାଣକେନ୍ଦ୍ର। ଖରାଦିନେ ସାଧାରଣତଃ ଅନେକ ଛୋଟ ବଡ଼ ଜଙ୍ଗଲରେ ନିଆଁ ଲାଗିଥାଏ, ଯାଦ୍ୱାରା ବଡ଼ ବଡ଼ ଗଛର କ୍ଷତି ହେବା ସହ ଛୋଟ ଛୋଟ ଗୁଳ୍ମ ଲତାବି ଜଳିପୋଡି ପାଉଁଶ ହୋଇଯାଇଥାଏ। ଅନେକ ବନ ଜୀବଜନ୍ତୁ ବି ମୃତ୍ୟୁବରଣ କରିଥାନ୍ତି। ଏହାଦ୍ୱାରା ଇକୋଲୋଜିକାଲ ବାଲାନ୍ସରେ ବ୍ୟାଘାତ ସୃଷ୍ଟି ହୋଇ ହୋଇଥାଏ। ସ୍ଥାନୀୟ ଅଂଚଳରେ ବାୟୁ ମଣ୍ଡଳର ଉଷ୍ମତା ବୃଦ୍ଧିପାଇଥାଏ। ଅସହ୍ୟ ଗୁଳିଗୁଳି ଯୋଗୁ ସାଧାରଣ ଜନତା ଅସ୍ତବ୍ୟସ୍ତ ହୋଇପଡନ୍ତି। କେତେକ ବନ ଜୀବଜନ୍ତୁ ବିକଳରେ ଜନବସ୍ତିକୁ ପଳାଇ ଆସନ୍ତି। ସେମାନେ ବି ଅସାମାଜିକ ବ୍ୟକ୍ତିଙ୍କର ଶିକାର ହୋଇଥାନ୍ତି। ତେଣୁ ଜଙ୍ଗଲ ନିଆଁ ଲିଭାଇବା ଦାୟିତ୍ୱ କେବଳ ବନ ବିଭାଗ କର୍ମଚାରୀମାନଙ୍କର ନ ଭାବି ସମସ୍ତଙ୍କର ମୌଳିକ କର୍ତ୍ତବ୍ୟ ଭାବି ଜଙ୍ଗଲ ନିଆଁ ଲିଭାଇବା ପାଇଁ ସହଯୋଗ କରିବାକୁ ପ୍ରେରଣା ଇଣ୍ଟରନ୍ୟାସନାଲ ଗ୍ରୀନ ଆର୍ମିର କମାଇଣ୍ଡାଣ୍ଟ ଇନ ଚିଫ ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରେସ ଇସ୍ତାହାର ମାଧ୍ୟମରେ ଅନୁରୋଧ କରିଛନ୍ତି। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ, ପିସିସିଏଫଙ୍କୁ ଚିଠିଲେଖି ଅନୁରୋଧ କରିଛନ୍ତି ଯେ ୩୦ ଜିଲ୍ଲାର ବନଖଣ୍ଡ ଅଧିକାରୀ ତାଙ୍କ କାର୍ଯ୍ୟାଳୟରେ ଏଥିପାଇଁ ଏକ ସେଲ ଗଠନକରି ଗୋଟେ ଟୋଲ୍ ଫ୍ରି ନମ୍ବର ମାଧ୍ୟମରେ ସାଧାରଣ ଜନତାଙ୍କଠାରୁ କେଉଁ ଜଙ୍ଗଲରେ ନିଆଁ ଲାଗିଛି ସେ ଖବର ସଂଗ୍ରହକରି ତତ୍‌କ୍ଷଣ ପଦକ୍ଷେପ ନେବେ। ଏଥିପାଇଁ ଅଗ୍ନିଶମ ବିଭାଗ ସହିତ ସଦାସର୍ବଦା ଯୋଗାଯୋଗରେ ରହିବେ। ଅଗ୍ନିଶମ ବିଭାଗ ମଧ୍ୟ ତତ୍‌କ୍ଷଣ ଅଗ୍ନି ନିର୍ବାପନ ପାଇଁ ସତର୍କ ରହିବା ଜରୁରୀ। ଡ଼କ୍ଟର ଶ୍ରୀଚନ୍ଦନ କହିଛନ୍ତି ୩୦ ଗୋଟି ଜିଲ୍ଲାରେ ଥିବା ଗ୍ରୀନ ଆର୍ମିମାନେ ସହଯୋଗ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ବିଭିନ୍ନ ସାମାଜିକ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଅଗ୍ନି ନିର୍ବାପନ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

ଓସିଆଇଡି ନାଁରେ ଡରାଇ ବଟି ଆଦାୟ

୪ ମହିଳାଙ୍କ ସମେତ ୮ ଠକ ଗିରଫ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରରେ ଏକ ବଡ଼ ଫେକ୍ ଏଜେନ୍ସିର ଚକ୍ରାନ୍ତ ଉନ୍‌ମୋଚନ ହୋଇଛି। ସିଆଇଡି ବିଭାଗର ନାମ ବ୍ୟବହାର କରି ସାଧାରଣ ଲୋକଙ୍କୁ ଡରାଇ ଟଙ୍କା ଆଦାୟ କରୁଥିବା ଏକ ଏଜେନ୍ସିର ୪ ଜଣ ମହିଳା ସଦସ୍ୟଙ୍କ ସମେତ ମୋଟ ୮ ଜଣ ଠକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ଗିରଫ ଠକମାନେ ହେଲେ ପୂଜା ବେହେରା,ପ୍ରତିମା ପରିଡା, ଜେନାମଣି ପ୍ରଧାନ, ସୌଭାଗ୍ୟ ସାହୁ, ଧର୍ମେନ୍ଦ୍ର ବୋଇତିଆ, ମନୋଜ କୁମାର ମିଶ୍ର, ଅର୍ଣ୍ଣପୂର୍ଣ୍ଣା ପଣ୍ଡା ଏବଂ ନିଲୁ ନାୟକ। ଏଜେନ୍ସିର ଅଫିସ୍ ସିଟି ଇନଭେଷ୍ଟିଗେସନ୍ ଡିଟେକ୍ଟିଭ୍ ଅଫିସରେ ପୋଲିସ ରେଡ୍ କରିଛି। ଖବର ଅନୁଯାୟୀ, ଅଭିଯୁକ୍ତମାନେ ସିଆଇଡି ଅଧିକାରୀ ବୋଲି ପରିଚୟ ଦେଇ ଲୋକଙ୍କୁ ଫୋନ୍ କରି ବା ସିଧାସଳଖ ଯୋଗାଯୋଗ କରି ବିଭିନ୍ନ ଅଭିଯୋଗରେ ଡରାଉଥିଲେ ଏବଂ ଟଙ୍କା ଆଦାୟ କରୁଥିଲେ। ଏହା ସହ ଦାଦାବଟି କରି ଲୋକଙ୍କୁ ମାନସିକ ଓ ଆର୍ଥିକ ଭାବେ ହେରାଣ କରୁଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଏଜେନ୍ସୀ ରାଜଧାନୀର କେଉଁ କେଉଁ ଅଞ୍ଚଳରେ କାର୍ଯ୍ୟ କରୁଥିଲା ଏବଂ କେତେ ଲୋକ ଏହାର ଶିକାର ହୋଇଥିଲେ ତାହା ତଦନ୍ତରେ ଜଣାପଡିବ ବୋଲି ଆଶା କରାଯାଉଛି। ପୋଲିସ ଏଜେନ୍ସୀର ଅଫିସରେ ରେଡ୍ କରି ଅଭିଯୁକ୍ତଙ୍କୁ ଘଟଣାସ୍ଥଳରୁ ଗିରଫ କରିଛି। ରେଡ୍ ସମୟରେ କେଉଁ କେଉଁ ପ୍ରମାଣ ଜବତ ହୋଇଛି ଏପର୍ଯ୍ୟନ୍ତ ସରକାରୀ ଭାବେ ପ୍ରକାଶ ପାଇନାହିଁ। ତଦନ୍ତ ଜାରି ରହିଥିବାରୁ ପୋଲିସ ଅଧିକ ବିବରଣୀ ଦେବାକୁ ମନା କରିଛି। ଏହି ଘଟଣା ରାଜଧାନୀରେ ଫେକ୍ ସିଆଇଡି ଓ ପ୍ରାଇଭେଟ୍ ଡିଟେକ୍ଟିଭ୍ ଏଜେନ୍ସିର ନାମରେ ଚାଲୁଥିବା ଅନେକ ପ୍ରତାରଣା ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ବଢ଼ାଇଛି। ପୋଲିସ କହିଛିଯେ ଏପରି ପ୍ରତାରଣାରେ ପଡ଼ିଲେ ତୁରନ୍ତ ୧୦୦ ବା ସାଇବର ହେଲ୍ପଲାଇନ୍‌ରେ ଖବର ଦେବାକୁ ପରାମର୍ଶ ଦେଇଛି।

ଆମ ବସ୍ ଦୁର୍ଘଟଣାରେ ଅତିରିକ୍ତ ଡିସିପି ଆହତ

ସାଇକଲିଂ ସମୟରେ ପଛରୁ ଧକ୍କା ଦେଲା

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱରରେ ଶୁକ୍ରବାର ସକାଳେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଛି। ଅତିରିକ୍ତ ଡେପୁଟି କମିଶନର ଅଫ ପୋଲିସ (ଡିସିପି) କୃଷ୍ଣ ଚନ୍ଦ୍ର ସେଠୀ ନିଜ ରୁଟିନ ସାଇକଲିଂ ସେଶନ୍ ସମୟରେ ‘ଆମ ବସ୍’ ଦ୍ୱାରା ଆଘାତପ୍ରାପ୍ତ ହୋଇ ଆହତ ହୋଇଛନ୍ତି। ଘଟଣାଟି ଭୁବନେଶ୍ୱର କ୍ଲବ ନିକଟରେ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଅତିରିକ୍ତ ଡିସିପି ସେଠୀ ସକାଳ ସମୟରେ ସାଇକଲ ଚଳାଉଥିବା ବେଳେ ଆମ ବସ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଆଘାତର ପ୍ରଭାବରେ ସେ ସ୍ଥାନରେ ଆହତ ହୋଇପଡ଼ିଥିଲେ। ଆଖପାଖରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଚିନ୍ତା ବ୍ୟାପ୍ତ ହୋଇଥିଲା। କ୍ୟାପିଟାଲ ଥାନା ପୋଲିସ କର୍ମଚାରୀମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଆହତ ଅଧିକାରୀଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ତାଙ୍କର ଆଘାତର ପରିମାଣ ଏ ପର୍ଯ୍ୟନ୍ତ ଅଧିକାରିକ ଭାବେ ପ୍ରକାଶ ପାଇନାହିଁ, ତେବେ ସେ ଡାକ୍ତରୀ ତତ୍ତ୍ୱାବଧାନରେ ଅଛନ୍ତି ବୋଲି ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଆମ ବସ୍ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ନେଇ ଯାଞ୍ଚ ଚଳାଉଛି। ଉଲ୍ଲେଖଯୋଗ୍ୟ, ରାଜଧାନୀରେ ଆମ ବସ୍ ଦୁର୍ଘଟଣା ପୂର୍ବରୁ ମଧ୍ୟ ଏକାଧିକ ଥର ଘଟିଥିବା ଦେଖାଯାଇଛି। କିନ୍ତୁ ଏଥର ଜଣେ ଉଚ୍ଚ ପୋଲିସ ଅଧିକାରୀ ଏହାର ଶିକାର ହୋଇଥିବା ଘଟଣା ବିଶେଷ ଦୃଷ୍ଟି ଆକର୍ଷଣ କରିଛି। ଆମ ବସ୍ ଦୁର୍ଘଟଣା ଘଟାଇବା କିଛି ନୂଆ କଥା ନୁହେଁ। ବିଭିନ୍ନ ସମୟରେ ରାଜଧାନୀ ଭୁବନେଶ୍ୱର ସହିତ କଟକରେ ଆମ ବସ୍ ଧକ୍କା ଲୋକେ ଆହତ ହୋଇଛନ୍ତି ଓ ପ୍ରାଣ ହରାଇଛନ୍ତି।

କାର୍‌ରେ ଦେଶୀ ମଦ ଚାଲାଣ

ଫେରାର ନିଶା ବେପାରୀ ଧରାପଡିଲା

ଭୁବନେଶ୍ୱର(ନିପ୍ର): କାରରେ ଦେଶୀ ମଦ ଚାଲାଣ କରି ସ୍ଥାନୀୟ ଲୋକଙ୍କ ଦ୍ୱାରା ଧରାପଡିବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣେ ନିଶା ବେପାରୀଙ୍କୁ ଶୁକ୍ରବାର ଇନଫୋସିଟି ଥାନା ପୋଲିସ ଗିରଫ କରିଛି। ଗିରଫ ନିଶା ବେପାରୀ ଜଣଙ୍କ ହେଉଛନ୍ତି,ବି.;ବୈରାଗୀ ରେଡ୍ଡି (୨୪) ଓ ତାଙ୍କ ଘର ଶିଖରଚଣ୍ଡିନଗରରେ ବୋଲି ଜଣାପଡିଛି। ଏନେଇ ବିରଞ୍ଚି ନାରାୟଣ ମଲ୍ଲିକଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା। ଗତ ୨୭ ତାରିଖ ଭୋର ୪ଟା ସମୟରେ ଶିଖରଚଣ୍ଡୀ ନଗର ଅଞ୍ଚଳର ଟି. ଶଙ୍କର ରେଡ୍ଡି, ରାହୁଲ ନାୟକ (ଗାଡ଼ି ମାଲିକ), ପି. ଅର୍ଜୁନ ରେଡ୍ଡି ଓରଫ୍ ବୁଜି ଓ କେ. ବୈରାଗୀ ରେଡ୍ଡିଙ୍କ ସହଯୋଗରେ ଏକ କାର୍ ଯୋଗେ ବିକ୍ରୟ ଲାଗି ବେଆଇନ ଭାବେ ଦେଶୀମଦ ଚାଲାଣ କରୁଥିଲେ। ରାସ୍ତାରେ ସ୍ଥାନୀୟ ଲୋକମାନେ ସେମାନଙ୍କୁ ବାଧା ଦେବାରୁ, ଅଭିଯୁକ୍ତମାନେ ଗାଡ଼ିରୁ ଜରି ବସ୍ତାରେ ରଖାଯାଇଥିବା ଦେଶୀମଦ ପ୍ୟାକେଟ ଗୁଡ଼ିକୁ ରାସ୍ତାରେ ଫିଙ୍ଗି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ପରେ ସ୍ଥାନୀୟ ଲୋକମାନେ ପିସିଆର ଭ୍ୟାନ୍‌କୁ ଡାକି ଉକ୍ତ ଜରି ବସ୍ତା ଗୁଡ଼ିକୁ ଜବତ କରାଇଥିଲେ। ପ୍ରତ୍ୟେକ ବସ୍ତାରେ ୫୦୦ଟି ବୋତଲରେ ଥିବା ମୋଟ ୨୦୦ ଲିଟର ଦେଶୀମଦ ଜବତ ହୋଇଥିଲା। ଏହି ଘଟଣା ସମ୍ପର୍କରେ ଅଭିଯୋଗକାରୀ ଏବଂ ସ୍ଥାନୀୟ ଲୋକମାନେ ଅଭିଯୁକ୍ତ ମାନଙ୍କ ବିରୋଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ମାମଲାର ତଦନ୍ତ କାଳରେ ଏକ ବିଶ୍ୱସ୍ତ ସୂଚନା ଆଧାରରେ ଅଭିଯୁକ୍ତ କେ. ବୈରାଗୀ ରେଡ୍ଡିଙ୍କୁ ଶିଖରଚଣ୍ଡୀ ପୂଜା ମଣ୍ଡପ ନିକଟରୁ ଗିରଫ କରାଯାଇଥିଲା।

ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର(ନିପ୍ର): ପତ୍ନୀଙ୍କୁ ନିଶା ଖାଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ତମାଣ୍ଡୋ ଥାନା ?ପାଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଗିରଫ ସ୍ୱାମୀଙ୍କ ନାମ ଦିବ୍ୟଜ୍ୟୋତି ସିଂ (୪୮) ଓ ତାଙ୍କ ଘର ସ୍ଥାନୀୟ ଥାନା ଅନ୍ତର୍ଗତ ରେତଙ୍ଗରେ ବୋଲି ଜଣାପଡିଛି। ଏନେଇ ପତ୍ନୀ ରଶ୍ମିତା ସିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ରଶ୍ମୀତା ସିଂହ ଜଣେ ଗୃହିଣୀ ଏବଂ ସେ ପରିବାର ସହ ତମାଣ୍ଡୋ ଥାନା ଅନ୍ତର୍ଗତ ରେତଙ୍ଗ, ନାନପୁଟ ଗ୍ରାମରେ ରୁହନ୍ତି । ତାଙ୍କ ସ୍ୱାମୀ ମାର୍ବଲ କାମ କରନ୍ତି ଏବଂ ସେ ଅଭ୍ୟାସଗତ ଭାବରେ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରି ତାଙ୍କ ସହିତ ଅପମାନଜନକ ଏବଂ ଅଶ୍ଳୀଳ ଭାଷାରେ କଥାହୁଅନ୍ତି। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ମଧ୍ୟ ସେ ଗାଳିଗୁଲଜ କରିବା ସହ ଶାରୀରିକ ଆକ୍ରମଣ କରନ୍ତି । ଗତ ୨ ତାରିଖ ଦିନ ରାତି ପ୍ରାୟ ୯ଟା୩୦ ସମୟରେ, ସେ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଆସି ଅଭିଯୋଗକାରିଣୀଙ୍କ ସହିତ ଝଗଡ଼ା କରିଥିଲେ। ଏହି ଝଗଡ଼ା ସମୟରେ ସେ ଏକ ଲୁହା ରଡ୍ ? ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବାରୁ ତାଙ୍କୁ ରକ୍ତାକ୍ତ ଆଘାତ ଲାଗିଥିଲା। ଅଭିଯୁକ୍ତ ସ୍ୱାମୀ ତାଙ୍କ ପ୍ରତି ଅତ୍ୟନ୍ତ ଅପମାନଜନକ ଭାଷା ମଧ୍ୟ ବ୍ୟବହାର କରିଥିଲେ ଏବଂ ତାଙ୍କ ଝିଅଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅଭିଯୁକ୍ତ ସ୍ୱାମୀ ପ୍ରାୟତଃ ଏଭଳି ଭାବରେ ଘରେ ଅଶାନ୍ତି ସୃଷ୍ଟି କରିଥାନ୍ତି। ବାରମ୍ବାର ଏପରି ନିର୍ଯ୍ୟାତନା ସହିବା ପରେ ଅଭିଯୋଗକାରିଣୀ ଥାନାରେ ଏନେଇ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ, ଅଭିଯୁକ୍ତ ସ୍ୱାମୀ ସୁଶାନ୍ତ କୁମାର ପାତ୍ରଙ୍କୁ ଗିରଫ କରାଯାଇଥିଲା ।

ଗ୍ରୀଷ୍ମ ପୂର୍ବରୁ ପାଣି ସଂକଟର ଆଶଙ୍କା

- ■ ୬ ହଜାର ଲୋକ ପାଣି ପାଇଁ ହେଉଛନ୍ତି ହାହାକାର
- ■ ୯ ବର୍ଷ ଧରି କାର୍ଯ୍ୟକ୍ଷମ ହେଉନାହିଁ ପ୍ରକଳ୍ପ ■ ଟାଙ୍କି ଅଛି ପାଣି ନାହିଁ

ଧାମନଗର(ନିପ୍ର): ସରକାରଙ୍କ ‘ବସୁଧା ଯୋଜନା’ ରେ ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦିଆଯାଇଥିବା ସତ୍ତ୍ୱେ ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତରେ ଏହାର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳିଛି। ପଞ୍ଚାୟତର ରାଧାବଲ୍ଲଭପୁର, ଝାଟିଆସାହି ଓ କ୍ଷୋଳଗାଁ ଗ୍ରାମରେ ପ୍ରାୟ ୯ ବର୍ଷ ପୂର୍ବେ ନିର୍ମିତ ୩ଟି ୧ ଲକ୍ଷ ଲିଟର କ୍ଷମତାର ପାଣି ଟାଙ୍କି ଆଜିପର୍ଯ୍ୟନ୍ତ ଲୋକଙ୍କ ପାଇଁ କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ। ଯୋଜନା ଅନୁଯାୟୀ ଘରେ ଘରେ ପାଇପ୍ ବିଛାଇ ପାଣି ଯୋଗାଣ ହେବାକୁ ଥିଲା, କିନ୍ତୁ ଏହା କାଗଜରେ ହିଁ ସୀମିତ ରହିଗଲା। ଏପରି ସ୍ଥିତିରେ ପୁରୁଣା ପ୍ରକଳ୍ପକୁ ସଚଳ କରାଯାଇନଥିବା ସତ୍ତ୍ୱେ ରାଧାବଲ୍ଲଭପୁର ଗ୍ରାମର ସାହୁସାହି ଅଞ୍ଚଳରେ ପୁଣି ଏକ ସୂଚନା ଅନୁଯାୟୀ ଠିକା ନେଇଥିବା ସଂସ୍ଥା ପାଇପ୍ ବିଛାଇବା ଓ ଟ୍ୟାପ୍ ସଂଯୋଗ କାମ ଅସମ୍ପୂର୍ଣ୍ଣ ରଖିଥିଲେ ମଧ୍ୟ ପାନୀୟ ଜଳ ବିଭାଗ ପକ୍ଷରୁ ସମସ୍ତ ବିଲ ଦେୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହାର ପରିଣାମରେ ଏପର୍ଯ୍ୟନ୍ତ କାହାରିକୁ ଟାଙ୍କିରୁ ଗୋଟିଏ ବାଲ୍ଟି ପାଣି ମଧ୍ୟ ଯୋଗାଣ ହୋଇନାହିଁ। ଏହାଠାରୁ ଅଧିକ ଚିନ୍ତାଜନକ ବିଷୟ ହେଲା ପାଣି ଯୋଗାଣ ବନ୍ଦ ଥିଲେ ମଧ୍ୟ ମୋଟର ଅପରେଟରଙ୍କୁ ନିୟମିତ ବେତନ ଦିଆଯାଉଥିବା କଥା ସାମ୍ନାକୁ ଆସିଛି, ଯାହା ଯୋଜନାରେ ଗୁରୁତର ଅନିୟମିତତାକୁ ସୂଚିତ କରୁଛି। ସୋଲାର ଚାଳିତ ପାଣି ଟାଙ୍କି ନିର୍ମାଣ କାମ ଆରମ୍ଭ ହୋଇଛି। ଏହା ଠିକାଦାର ପୋଷଣ ଓ ସରକାରୀ ଟଙ୍କା ଅପଚୟ ନେଇ ସ୍ଥାନୀୟ ଲୋକଙ୍କ କହିଛନ୍ତି। ଏହି ପଞ୍ଚାୟତର ୧୦ଟି ୱାର୍ଡ ଓ ବୟାଙ୍ଗିଡିହ ପଞ୍ଚାୟତର ଗୋଟିଏ ୱାର୍ଡର ପ୍ରାୟ ୬ ହଜାର ଲୋକ ଆଜିବି ଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରୀଷ୍ମଋତୁ ନିକଟାସନ୍ନ ହେଉଥିବା ବେଳେ ପାଣି ସମସ୍ୟା ଆହୁରି ବଢ଼ିବାର ଭୟ ସୃଷ୍ଟି ହୋଇଛି। ଯଦି ଶୀଘ୍ର ସମାଧାନ ନ ହୁଏ, ତେବେ ଏହା ଗୁରୁତର ଜଳ ସଙ୍କଟର ରୂପ ନେଇପାରେ ବୋଲି ସ୍ଥାନୀୟ ଲୋକ ଆଶଙ୍କା ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ବସୁଧା ଯୋଜନା ଗ୍ରାମରେ କେବଳ ନାମମାତ୍ର ରହିଯାଇଥିବା ବେଳେ, ଏହି ଘଟଣା ପ୍ରଶାସନର କାର୍ଯ୍ୟପ୍ରଣାଳୀ ଉପରେ ଗଭୀର ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ଯିଏ ଏବେ ଦାୟିତ୍ୱରେ ଅଛନ୍ତି ତାଙ୍କର ଦାୟିତ୍ୱହୀନତା ଯୋଗୁ ଏପରି ପରିସ୍ଥିତି ଦେଖିବାକୁ ମିଳୁଛି। ତେବେ ସମସ୍ୟାର ସମାଧାନ ଖୁବଶୀଘ୍ର ହେବ ବୋଲି ବିଭାଗୀୟ ଏସଡିଓ କହିଛନ୍ତି।

ଲାଲବାଗ ଥାନା ସ୍ଥାନାନ୍ତରକୁ ବିରୋଧ କଲେ ମେୟର

କଟକ(ନିପ୍ର): ସ୍ଥାନୀୟ ଲାଲବାଗ ଥାନା ସ୍ଥାନାନ୍ତରକୁ ମେୟର ସୁବାସ ସିଂହ ବିରୋଧ କରିଛନ୍ତି । ମେୟର କହିବା ଅନୁଯାୟୀ, ସରକାର ଥାନା ଉଠାଇ ନେଇଯିବା ଯୋଜନା କରୁଛନ୍ତି। ଲାଲବାଗ ଥାନା କଟକର ଐତିହ୍ୟ ବହନ କରୁଛି। ଥାନାକୁ ଉଠାଇ ସେଠାରେ ପାର୍କିଂ ସ୍ଥଳ ଗଠନ କରିବାକୁ ଷଡଯନ୍ତ୍ର ହେଉଥିବା ମେୟର ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୧୯୨୪ ମସିହାରେ ଏହି ଥାନା ପ୍ରତିଷ୍ଠା କରାଯାଇଥିଲା । ଏହି ପ୍ରାଚୀନ ଥାନା ସହିତ କଟକ ଇତିହାସ ଓ ସ୍ମାରକୀ ଜଡ଼ିତ ରହିଛି । ସେହିପରି ଲାଲବାଗ ଥାନା ନିକଟରେ ସମସ୍ତ କୋର୍ଟ, ଶିଶୁଭବନ ଓ ଚାନ୍ଦିନୀଚୌକ ଅଂଚଳ ଆଦି ରହିଛି । ସରକାର ଏଭଳି କଲେ ଆଇନଜୀବି ଓ ସାଧାରଣ ଲୋକଙ୍କୁ କିଏ ସୁରକ୍ଷା ଦେବ ବୋଲି ମେୟର ପ୍ରଶ୍ନ କରିଛନ୍ତି । ସରକାର ସେଠାରେ ପାର୍କିଂ ସ୍ଥଳ ଗଠନ ନକରି, ଗବେଷଣା ସହ ସେହି ସ୍ଥାନରେ ଥାନା ରଖିବାକୁ ମେୟର ଶ୍ରୀ ସିଂହ ଦାବି କରିଛନ୍ତି। ସେହିଭଳି ଉତ୍କଳ ସମ୍ମିଳନୀ ପକ୍ଷରୁ ମଧ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଛି ।

ଗରିବ ଓ ମଧ୍ୟବିତ୍ତଙ୍କୁ ଆରାମଦାୟକ ଯାତ୍ରୀସେବା ଯୋଗାଇ ଦେବା ରେଳବାଇର ପ୍ରାଥମିକତା: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୩/୪(ପିଆଇବି): କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, ଗରିବ ଏବଂ ମଧ୍ୟମ ବର୍ଗଙ୍କୁ ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ଭାରତୀୟ ରେଳବାଇର ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିଛି। ଏହି ଲକ୍ଷ୍ୟ ହାସଲ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସେ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ କରିଥିଲେ। ଶ୍ରୀ ବୈଷ୍ଣବ ମଧ୍ୟ ସମଗ୍ର ରେଳବାଇ ପରିବାରକୁ ଗତବର୍ଷ ସେମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ରେଳ ଦୁର୍ଘଟଣାରେ ଐତିହାସିକ ହ୍ରାସ ଏବଂ ରେକର୍ଡ ସଂଖ୍ୟକ ମାଲ ପରିବହନ ଯୋଗୁଁ ସାରା ଦେଶରେ ଭାରତୀୟ ରେଳବାଇର ଭାବମୂର୍ତ୍ତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। ପର୍ବପର୍ବାଣୀ ସମୟରେ ବହୁ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନର ପ୍ରଭାବୀ ପରିଚାଳନାକୁ ମଧ୍ୟ ସେ ପ୍ରଶଂସା କରିଥିଲେ, ଯାହା ଯାତ୍ରାର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ସହାୟକ ହୋଇଥିଲା। ଯାତ୍ରୀଙ୍କ ଅଭିଜ୍ଞତାର ଗୁରୁତ୍ୱ ଉପରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ, ରେଳ ଷ୍ଟେସନଗୁଡ଼ିକ ଜନସାଧାରଣଙ୍କ ସମ୍ମୁଖରେ ଭାରତୀୟ ରେଳବାଇର ଚେହେରା ଏବଂ ଏହାକୁ ସ୍ୱଚ୍ଛ

ତଥା ଭଲ ଭାବେ ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ। ସମସ୍ତ ଷ୍ଟେସନରେ ସ୍ୱଚ୍ଛତା ଏବଂ ଉନ୍ନତ ଯାତ୍ରୀ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ଗତ ଦଶନ୍ଧି ମଧ୍ୟରେ ରେଳବାଇର ଆଧୁନିକୀକରଣ ପାଇଁ ରେକର୍ଡ ଆବଣ୍ଟନ ବିଷୟରେ ଉଲ୍ଲେଖ କରି ସେ ଗୁରୁତ୍ୱାରୋପ କରି କହିଥିଲେ, ରେଳ ଷ୍ଟେସନଗୁଡ଼ିକର ପରିବର୍ତ୍ତନ ଏବଂ ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଅଧିକାରୀମାନେ ପାଣ୍ଠିର ସର୍ବୋତ୍ତମ ଉପଯୋଗ ସୁନିଶ୍ଚିତ କରିବା ଆବଶ୍ୟକ। କେନ୍ଦ୍ରମନ୍ତ୍ରୀ କହିଥିଲେ, ଭିଡ଼ ପରିଚାଳନା, ବିଶେଷ କରି ପର୍ବପର୍ବାଣୀ ସମୟରେ, ଏହା ସୁନିଶ୍ଚିତ କରିବା ଉଚିତ ଯେ ଯାତ୍ରୀମାନେ ଯେପରି ସୁଗମ ଭାବେ ଓ ବିନା ବାଧାରେ ପ୍ଲାଟଫର୍ମରେ ପହଞ୍ଚିପାରିବେ ଏବଂ ଟ୍ରେନରେ ଚଢ଼ିପାରିବେ। ଯାତ୍ରୀଙ୍କ ସୁବିଧା ଏବଂ ସୁଗମ୍ୟତାରେ ଉନ୍ନତି ଆଣିବା ପାଇଁ ଆବଣ୍ଟିତ ପାଣ୍ଠିର ଉପଯୋଗକୁ ପ୍ରାଥମିକତା ଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପ୍ରତି ଜାରି ରହିଥିବା ରେଳ ପ୍ରକଳ୍ପ ପାଇଁ ବିଚାରାଧୀନ ଜମି ଅଧିଗ୍ରହଣ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଶ୍ରୀ ବୈଷ୍ଣବ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହଗଣନା ଏବଂ ଗୃହତାଲିକା

ଭୁବନେଶ୍ୱର, ୩/୪(ନିପ୍ର): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଓଡ଼ିଶାସ୍ଥିତ ଜନଗଣନା ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଓଡ଼ିଶାର ୩୦ଟି ଜିଲ୍ଲାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଏବଂ ଗୃହତାଲିକା ପ୍ରସ୍ତୁତି ଆଗାମୀ ଅପ୍ରେଲ୍ ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ, ଏପ୍ରିଲ୍ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରାପ୍ତ ଗଣନାକାରୀ ଓ ସୁପରଭାଇଜର ମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ । ଏହାପୂର୍ବରୁ ଅପ୍ରେଲ୍ ୧ ତାରିଖରୁ ଅପ୍ରେଲ୍ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସ୍ୱ-ଗଣନା କାର୍ଯ୍ୟକ୍ରମ ଜାରି ରହିଛି । ଏଥିରେ ସେଲ୍ଫ ଏନୁମରେସନ୍ ପୋର୍ଟାଲ ମାଧ୍ୟମରେ

ଜନସାଧାରଣ ନିଜର ତଥ୍ୟ ନିଜେ ପ୍ରଦାନ କରୁଛନ୍ତି। ଆପଣ ଯଦି ଏ ପର୍ଯ୍ୟନ୍ତ ତଥ୍ୟଦେଇନାହାନ୍ତି, ତେବେ ଏହି ପୋର୍ଟାଲରେ ନିଜର ତଥ୍ୟ ଦିଅନ୍ତୁ ଏବଂ ଜନଗଣନାରେ ସହଯୋଗ କରନ୍ତୁ ବୋଲି ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ।ଏପ୍ରିଲ ୧୬ ତାରିଖରୁ ତାଲିମପ୍ରାପ୍ତ ଗଣନାକାରୀ ମାନେ ଘର-ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହି ତଥ୍ୟ ଆମ ରାଜ୍ୟ ତଥା ଦେଶର ଯୋଜନା ପ୍ରଣୟନ ଓ କାର୍ଯ୍ୟାନ୍ୱୟନ ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ତଥ୍ୟ ପ୍ରଦାନ ନିମନ୍ତେ ଆପଣମାନେ ସମସ୍ତେ ସହଯୋଗର ହାତ ବଢାଇ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ । ଆମ ସରକାର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି। ଗଣନାକାରୀ ଆପଣଙ୍କ ଘରକୁ ଯେଉଁ ସମୟରେ ତଥ୍ୟ ସଂଗ୍ରହକରିବା ପାଇଁ ଯିବେ, ତାଙ୍କୁସଠିକ ତଥ୍ୟ ପ୍ରଦାନ କରି, ଆମ ରାଜ୍ୟ ତଥା ଦେଶର ବିକାଶରେ ସହାୟତାକରନ୍ତୁ । ଓଡ଼ିଶା ସରକାରଙ୍କ ପକ୍ଷରୁଏହି ଜାତୀୟ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଆପଣମାନଙ୍କ ଆନ୍ତରିକ ଯୋଗଦାନ ନିମନ୍ତେ ଅନୁରୋଧ କରୁଛନ୍ତି ମୁଖ୍ୟମନ୍ତ୍ରୀ।

ସେଦିନର ଯୋଡ଼ାମୁଣ୍ଡ ଶିଶୁ ଜଗା

ପଢ଼ିବାକୁ ଜଗାର ଜିଦ୍

ଭୁବନେଶ୍ୱର/କନ୍ଧମାଳ, ୩/୪: କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା ବଳିଆଙ୍କ କଥା ବୋଧେ ସମସ୍ତଙ୍କର ମନେ ଥିବ। ୨୦୧୭ ମସିହାରେ ହୋଇଥିଲା ଉଭୟଙ୍କର ବିରଳ ଅସ୍ତ୍ରୋପଚାର । କନ୍ଧମାଳ ଜିଲ୍ଲା ମିଲୁପଡ଼ାର ଯୋଡ଼ା ମୁଣ୍ଡ ଶିଶୁ ଜଗା-ବଳିଆଙ୍କୁ ପୃଥକ କରି ଦିଲ୍ଲୀ ଏମ୍ସ ଇତିହାସ ରଚିଥିଲା । ବଳିଆ ଆଜି ଆମ ଗହଣରେ ନାହିଁ, କିନ୍ତୁ ଏକୁଟିଆ ଜଗା ଏବେ ଜୀବନ ଯୁଦ୍ଧରେ ଜିତିବାକୁ ଚେଷ୍ଟା କରୁଛି। ତେବେ ଜଗାର ପାଠ ପଢ଼ିବା ନେଇ ଏବେ ଏକ ବଡ଼ ଖବର ସାମ୍ନାକୁ ଆସିଛି। କନ୍ଧମାଳର ଜଗା। ଅପରେସନକୁ ୮ ବର୍ଷ ବିତିଗଲାଣି। ବର୍ତ୍ତମାନ ସେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟର ଦୁଇ ନମ୍ବର କ୍ୟାବିନରେ ରହୁଛି। ଜଗା ଏବେ କଥା କହି ଶିଖିଲାଣି ଏବଂ ସବୁଠୁ ବଡ଼ କଥା ହେଉଛି ତା'ର ପାଠ ପଢ଼ିବା ପାଇଁ ପ୍ରବଳ ଆଗ୍ରହ। ହାତରେ ବହି କଲମ ଧରି ସେ ସ୍କୁଲ ଯିବାକୁ ଜିଦ୍ କରୁଛି। କିନ୍ତୁ ତା'ର ଏହି ସ୍ୱପ୍ନ ଆଗରେ ବାଧକ ସାଜିଛି ତା'ର ଭାଙ୍ଗି ଯାଇଥିବା 'ହେଲମେଟ୍'। ଆସନ୍ତା ଦୁଇ ବର୍ଷ ପରେ ଦିଲ୍ଲୀ ଏମ୍ସରେ ଜଗାର ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ହେବାର ଅଛି। ତା' ପୂର୍ବରୁ ଜଗାର ଶିକ୍ଷା ଓ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି।

ସମସ୍ତ କର୍ମଚାରୀଙ୍କୁ ମିଳିବ ସବେତନ ଅବକାଶ: ନିର୍ବାଚନ କମିଶନର

ନୂଆଦିଲ୍ଲୀ, ୩/୪: ଭାରତୀୟ ନିର୍ବାଚନ କମିଶନର ୨୦୨୬ ମସିହାରେ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ ଏବଂ ଉପନିର୍ବାଚନ ସମୟରେ ଭୋଟ ଦିନ ସମସ୍ତ କର୍ମଚାରୀଙ୍କୁ ବେତନ ସହିତ ଛୁଟି ଦେବାକୁ ନିର୍ଦ୍ଦେଶ ଜାରି କରିଛି। ଆୟୋଗ ସ୍ପଷ୍ଟ କରିଛି ଯେ, ଏହି ସୁବିଧା ଦୈନିକ ଦରମାଭୋଗୀ ଏବଂ ଆକସ୍ମିକ ଶ୍ରମିକମାନଙ୍କ ପାଇଁ ମଧ୍ୟ ଲାଗୁ ହେବ ଏବଂ ଏହି ଦିନ ପାଇଁ କୌଣସି ପ୍ରକାରର ବେତନ କାଟ୍ ହେବ ନାହିଁ। ଆୟୋଗ ଶୁକ୍ରବାର କହିଛି ଯେ, ଆସାମ, କେରଳ, ପୁଡୁଚେରୀ, ଗୋଆ, କର୍ଣ୍ଣାଟକ, ନାଗାଲାଣ୍ଡ ଏବଂ ତ୍ରିପୁରାରେ ୯ ଏପ୍ରିଲରେ ଭୋଟ ହେବ। ସେହିପରି ତାମିଲନାଡୁ, ଗୁଜରାଟ ଏବଂ ମହାରାଷ୍ଟ୍ରରେ ୨୩ ଏପ୍ରିଲରେ ମତଦାନ ହେବ। ପଶ୍ଚିମ ବଙ୍ଗରେ ଦୁଇ ପର୍ଯ୍ୟାୟରେ ଭୋଟ ହେବ—ପ୍ରଥମ ପର୍ଯ୍ୟାୟରେ ୨୩ଏପ୍ରିଲ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୯ ଏପ୍ରିଲରେ ଅନୁଷ୍ଠିତ ହେବ।

ସିଏମ୍‌ଡି କାଓଲେ ଉଦ୍‌ଘାଟନ କଲେ ଅମ୍ରିତ୍ ଫାର୍ମାସି

ତାଳଚେର,୩/୪(ନିପ୍ର): ସ୍ୱାସ୍ଥ୍ୟସେବାର ଉପଲବ୍ଧତା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍.ସି.ଏଲ୍) ବୁର୍ଲାର ଆନନ୍ଦ ବିହାର କଲୋନୀରେ ଅମ୍ରିତ୍ ଫାର୍ମାସି ଉଦଘାଟନ କରିଛି। ଏମ୍‌ସିଏଲର ସିଏମ୍‌ଡି ଉଦୟ ଅନନ୍ତ କାଓଲେ ଏହି ଅମ୍ରିତ୍ ଫାର୍ମାସୀକୁ ଉଦ୍‌ଘାଟନ କରିଥିଲେ। କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ଏକେ ବେହୁରା, ନିର୍ଦ୍ଦେଶକ (ଅର୍ଥ), ପି.କେ ପଟେଲ, ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ), ସଞ୍ଜୟ କୁମାର ଝା, ନିର୍ଦ୍ଦେଶକ (ବୈଷୟିକ)ଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଡାକ୍ତରୀ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଅମ୍ରିତ୍ ଫାର୍ମାସି ହେଉଛି ଭାରତ ସରକାରଙ୍କ ଏକ ଫ୍ଲାଗସିପ୍ ପଦକ୍ଷେପ। ଯାହା ୨୦୧୫ରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଆରମ୍ଭ ହୋଇଥିଲା । ଏହା ଏଚଏଲଏଲ ଲାଇଫକେୟାର୍ ଲିମିଟେଡ୍ ଦ୍ୱାରା ପରିଚାଳିତ ଅଟେ।

ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ହିଙ୍ଗୁଳା ଲୋକ ମହୋତ୍ସବ

ତାଳଚେର, ୩/୪(ନିପ୍ର): ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଚାଲିଥିବା ୨୨ତମ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଅଶୋକ କୁମାର ଧଳ ଯୋଗ ଦାନ କରି ପ୍ରଦୀପ ପ୍ରଜ୍ଜ୍ୱଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଳଚେର ଉପଜିଲ୍ଲାପାଳ ତଥା ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ଼ର ମ୍ୟାନେଜିଂ ଟ୍ରଷ୍ଟି ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ରର ମହାପ୍ରବନ୍ଧକ ଏସ୍.ଭି.ଯୋଶୀ, ଲିଙ୍ଗରାଜ କ୍ଷେତ୍ରର ମହାପ୍ରବନ୍ଧକ ସୁବ୍ରତ ବିଶ୍ୱାଳ, ଭୁବନେଶ୍ୱରୀ କ୍ଷେତ୍ରର ମହାପ୍ରବନ୍ଧକ ଅଜୟ କୁମାର ସିଂହ, ଭରତପୁର କ୍ଷେତ୍ରର ମହାପ୍ରବନ୍ଧକ ଅକ୍ଷୟ କୁମାର ଦାଶ, ତାଳଚେର କ୍ଷେତ୍ରର ମହାପ୍ରବନ୍ଧକ କେ.ବି.ଚୌଧୁରୀ, ସେଣ୍ଟ୍ରାଲ ୱାର୍କସପର ମହାପ୍ରବନ୍ଧକ ଆର.ଆର.ନାୟକ, ସୁଭଦ୍ରା କ୍ଷେତ୍ରର ମହାପ୍ରବନ୍ଧକ ଏସ.ଏସ.ସାଲୁଙ୍କେ ଓ ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଧଳ ନିଜ ଅଭିଭାଷଣରେ ମା' ହିଙ୍ଗୁଳାଙ୍କ ଆଶୀର୍ବାଦରୁ ମା'ଙ୍କ ଯାତ୍ରା ଓ ଲୋକ ମହୋତ୍ସବ ଦିନକୁ ଦିନ ଭବ୍ୟ ଓ ଆକର୍ଷଣୀୟ ହେଉଛି । ହିଙ୍ଗୁଳା ପୀଠର ଉନ୍ନତି ପାଇଁ ଏମ୍‌ସିଏଲ୍ ସଂକଳ୍ପବଦ୍ଧ ଓ ଏଥିପାଇଁ ସମସ୍ତ ପ୍ରକାର ସହାୟତା କରାଯିବ ବୋଲି ସେ କହିଥିଲେ । ତାହାସହିତ ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର,ପ୍ରସାରରେ ହିଙ୍ଗୁଳା ଲୋକ ମହୋତ୍ସବ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ ମତବ୍ୟକ୍ତ କରିଥିଲେ ।

ଲଙ୍କାପୋଡ଼ି ପୂର୍ବରୁ ୬ ଗୁରୁତର

ଦଶପଲ୍ଲା, ୩/୪ : ବାଣ ଭିଡିବା ବେଳେ ଶୁକ୍ରବାର ଭୟଙ୍କର ବିସ୍ଫୋରଣ ଘଟି ୬ ଜଣ ଗୁରୁତର ହୋଇଛନ୍ତି। ନୂଆଗାଁ ଥାନା କୋରଡା ଗାଁରେ ଘରେ ବାଣ ଭିଡିବା ବେଳେ ଏହି ଅଘଟଣ ଘଟିଛି। ୭ ତାରିଖରେ ହେବାକୁ ଥିବା ଲଙ୍କାପୋଡି ଉତ୍ସବ ପାଇଁ ବାଣ ଭିଡିବା ବେଳେ ହଠାତ୍ ବିସ୍ଫୋରଣ ଘଟିଛି। ଗୁରୁତରଙ୍କ ମଧ୍ୟରୁ ୨ ମହିଳା ଓ ଜଣେ ନାବାଳକ ଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ସମସ୍ତ ୬ ଗୁରୁତରଙ୍କୁ ନୟାଗଡ଼ ଜିଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

କୁଚିଣ୍ଡା ପୋଲିସ ଦ୍ୱାରା ୫ମାନସିକ ବିକୃତ ଉଦ୍ଧାର

କୁଚିଣ୍ଡା,୩/୪(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପୋଲିସ ପକ୍ଷରୁ ୫ ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କରି ୪ ଜଣଙ୍କୁ ଶୁକ୍ରବାର ଝାରସୁଗୁଡାର ମିଶନ ଆଶ୍ରା ଲୋକ କେନ୍ଦ୍ରକୁ ହସ୍ତାନ୍ତର କରିଛି। କୁଚିଣ୍ଡା ପୋଲିସ ଗୁରୁବାର କୁଚିଣ୍ଡା ସହରରେ ଏଣେତେଣେ ବୁଲୁଥିବା ଜଣେ ମହିଳାଙ୍କ ସମେତ ୫ ଜଣ ମାନସିକ ବିକୃତ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ଶୁକ୍ରବାର ୪ ଜଣ ମାନସିକ ବିକୃତ ପୁରୁଷଙ୍କୁ ଝାରସୁଗୁଡ଼ା ସ୍ଥିତ ମିଶନ ଆଶାଲୋକ (ମାନସିକ ତୃତୀୟ ବ୍ୟକ୍ତି କେନ୍ଦ୍ର)କୁ ହସ୍ତାନ୍ତର କରିଥିଲା। ଉପଯୁକ୍ତ ପରାମର୍ଶ ପରେ ଜଣେ ମାନସିକ ବିକୃତ ମହିଳାଙ୍କୁ ତାଙ୍କ ପରିବାର ସଦସ୍ୟଙ୍କ ଯତ୍ନରେ ଛାଡି ଦିଆଯାଇଥିଲା।

ଚୋର ସନ୍ଦେହରେ ଗଛରେ ବାନ୍ଧି ପିଟିଲେ

ମାଲକାନଗିରି, ୩/୪(ନିପ୍ର): ବଦଳି ପଞ୍ଚାୟତ କୁମ୍ଭିଗୁଡ଼ା ଗ୍ରାମରେ ଘଟିଛି ଏକ ଅମାନବୀୟ ଘଟଣା। ଟଙ୍କା ଚୋରି ସନ୍ଦେହରେ ଯୁବକଙ୍କୁ ଗଛରେ ବାନ୍ଧି ମାଡ଼ ମାରିଲେ ଗ୍ରାମବାସୀ। ଘଟଣା ଅନୁସାରେ ଏମଭି-୪୦ ଗ୍ରାମର ଯୁବକ ଅଜିତ ଡାକୁଆ ଓ ତାଙ୍କର ଜଣେ ସାଥି କୁମ୍ଭିଗୁଡ଼ା ଗାଁକୁ ଯାଇଥିଲେ। ସେଠାକାର କିଛି ଆଦିବାସୀ ଯୁବକ ପ୍ରଥମେ ଅଜିତ ଓ ପରେ ତାଙ୍କ ସାଥିଙ୍କୁ ଗଛରେ ବାନ୍ଧି ରଖିଥିଲେ। ପରେ ଗାଁ ଲୋକେ ଏକତ୍ରିତ ହୋଇ ଅଜିତଙ୍କୁ ଠେଙ୍ଗା ଓ ବାଡିରେ ନିସ୍ତୁକ ମାଡ଼ ମାରିଥିଲେ। ତାଙ୍କ ସାଥି ଏଥିରେ ବାଧା ଦେବାରୁ ତାଙ୍କୁ ମଧ୍ୟ ଗୋଡାଇ ଗୋଡାଇ ମାରିବା ସହ ଗଛରେ ବାନ୍ଧିଥିଲେ।

ଜନଗଣନା ସାମିଲ ହେଲେ ଲୋକସଭା ବାଚସ୍ପତି

ନୂଆଦିଲ୍ଲୀ,୩।୪(ପିଆଇବି):ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ନୂଆଦିଲ୍ଲୀ ସ୍ଥିତ ନିଜର ସରକାରୀ ବାସଭବନରେ ସ୍ୱ-ଗଣନା ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ଏହା ସହ ସେ ଜନଗଣନା- ୨୦୨୭ର ପ୍ରଥମ ପର୍ଯ୍ୟାୟରେ ଅଂଶଗ୍ରହଣ କରିଛନ୍ତି।ଏହି କାର୍ଯ୍ୟର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ଜାତୀୟ ଜନଗଣନା ପ୍ରଶାସନିକ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରୁଛି। ଭାରତର ଇତିହାସରେ ପ୍ରଥମ ଥର ପାଇଁ ସମଗ୍ର ଜନଗଣନା ପ୍ରକ୍ରିୟା ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପରିଚାଳିତ ହେଉଛି ବୋଲି କହିବା ସହ ଏହି ପ୍ରକ୍ରିୟା ପ୍ରତ୍ୟେକ ନାଗରିକଙ୍କୁ ନିଜର ପରିବାର ବିବରଣୀ ବ୍ୟକ୍ତିଗତ ଭାବେ ଲିପିବଦ୍ଧ କରିବା ପାଇଁ ସୁବିଧା ଓ ଅଧିକାର ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

କେନ୍ଦ୍ରାପଡ଼ାର ଝିଅ ନେପାଳରେ ସ୍ୱର୍ଣ୍ଣପଦକ ବିଜେତା

କେନ୍ଦ୍ରାପଡ଼ା, ୩/୪(ନିପ୍ର): ଗତ ମାର୍ଚ୍ଚ ୨୬ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ନେପାଳର ପୋଖରାଠାରେ ଥିବା ରଙ୍ଗଶାଳା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ନେପାଳ ଇଣ୍ଟରନେସନାଲ ସିରିଜ କବାଡି ପ୍ରତିଯୋଗିତାରେ

କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକର ନୂଆପଡା ଗ୍ରାମର କ୍ଷୀରୋଦ ବେହେରା ଏବଂ ମାତା ସ୍ୱର୍ଗତ ସତ୍ୟଭାମା ବେହେରାଙ୍କ ଝିଅ ସ୍ୱୟଂପ୍ରଭା ବେହେରା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ପାଇ ବିଜେତା ହାସଲ କରିଥିବାରୁ ଏବଂ ଓଡିଶାକୁ ଜାତୀୟ ବା ସର୍ବ ଭାରତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡିଶା ରାଜ୍ୟ ସହିତ କେନ୍ଦ୍ରାପଡ଼ା ମାଟିକୁ ଗୌରବାନ୍ୱିତ କରିଥିବାରୁ ସମସ୍ତ ବର୍ଗରୁ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନର ବାର୍ତ୍ତା ସୁଅ ଛୁଟିଥିବା ଦେଖିବାକୁ ମିଳିଛି ।

ନାଗା ମେଢ଼ ନୃତ୍ୟରେ ଦୁଲିକିଲା ସାହି

ପୁରୀ,୩।୪(ନିପ୍ର): ଶ୍ରୀରାମନବମୀଠାରୁ ଶ୍ରୀରାମଙ୍କ ଅଭିଷେକ ପର୍ଯ୍ୟନ୍ତ ଆଠ ସାହିର ଜାଗା ଆଖଡ଼ା ଗୁଡ଼ିକରୁ ସାହିଯାତ ବାହାରିଥାଏ। ଗତକାଲି ସୀତାଚୋରି ନୀତି ଅନୁଯାୟୀ କୁଣ୍ଢେଇ ବେଣ୍ଟ ସାହିରୁ ସାହିଯାତ ବାହାରି ବାଡ଼ିସାହି ଦୋଳମଣ୍ଡପ ସାହି ପରିକ୍ରମା କରି ବଡଦାଣ୍ଡ ଦେଇ ଜଗନ୍ନାଥ ବାଲହବ୍ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ କୁଣ୍ଢେଇବେଣ୍ଟ ସାହିର ବିଭିନ୍ନ ଜାଗା ଆଖଡ଼ାରୁ ରାବଣ, ପଞ୍ଚସିରା, ନଶିରା, ନାଗା, ମେଢ଼, ଖଣ୍ଡା ଖେଳ, ବାଡ଼ିଖେଳ, ନିଆଁ ବନାଟି ଖେଳ ଆଦି ପଦର୍ଶନ କରିଥିଲେ। ସାହିଯାତ ପାରମ୍ପରିକ ସମରକଳାକୁ ଅଦ୍ୟାବଧି ଜୀବିତ ରଖିପାରିଛି। ମେଳଗୁଡିକ ବାଦୀସାହିରେ ପ୍ରବେଶ କଲା ପରେ ବାଦୀସାହିର ବିଭିନ୍ନ ସ୍ଥାନରେ ସାହିର ମୁରବୀମାନେ ଫୁଲ ମାଳ ପଣା ଆଦି ଦେଇ ସ୍ୱାଗତ କରିଥିଲେ। ସାହିଯାତ ଏକ ଭାଇଚାରାର ପରମ୍ପରା, ଆବାଳବୃଦ୍ଧବନିତା ବିଭିନ୍ନ ସ୍ଥାନରେ ସାମିଲ ହୋଇ ସାହିଯାତ୍ରାକୁ ଉପଭୋଗ କରିଥିଲେ।

ନିଖୋଜ ନାବାଳିକାର ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ପଟ୍ଟାମୁଣ୍ଡାଇ, ୩/୪(ନିପ୍ର): ଗତକାଲିଠୁ ନିଖୋଜ ଥିବା ୭ ବର୍ଷର ଝିଅ ଶୁଭଲକ୍ଷ୍ମୀର ମୃତଦେହ ଉଦ୍ଧାର ହୋଇଛି । ପଟ୍ଟାମୁଣ୍ଡାଇ ମାଳିପୁର ଗାଁ ର ମାନ ଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ ମାମୁଁ ଘର ଗାଁ ରାଜନଗର ବ୍ଲକ ବଡକୋହ୍ଲା ଗାଁ ରେ ନିଖୋଜ ଥିଲେ । ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ ଦେବା ପରେ ଆଜି ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଂଚି ନିଖୋଜ ଥିବା ଝିଅକୁ ଖୋଜା ଖୋଜି ଆରମ୍ଭ କରିଥିଲେ । ଏହି ସମୟରେ ବ୍ରାହ୍ମଣୀର ଶାଖା କେନାଲରେ ଝିଅର ମୃତଦେହ ଭାସିଯାଉଥିବାର ଦେଖିବାକୁ ମିଳିଥିଲା । ଅଗ୍ନିଶମ ବାହିନୀ ମୃତଦେହକୁ ଉଦ୍ଧାର କରିଛି । ଶବ ବ୍ୟବଚ୍ଛେଦ ପରେ ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିପାରିବ ବୋଲି ରାଜନଗର ଥାନା ଅଧିକାରୀ କହିଛନ୍ତି । ଘଟଣାସ୍ଥଳରେ ସାଇଂଟିଫିକ୍ ଟିମ୍ ପହଂଚି ଅଧିକ ତଦନ୍ତ ଆରମ୍ଭ କରିଛି ।ରାଜନଗର ନାବାଳିକା ମୃତ୍ୟୁର ତଦନ୍ତ ପାଇଁ ବଡକୋହ୍ଲା ଗାଁ ରେ ପହଁଚିଛନ୍ତି କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ । ସାଇଂଟିଫିକ ଟିମ୍ ଓ ଡଗ ସ୍କ୍ୱାର୍ଡ ସହିତ ଏସପିଙ୍କ ମିଳିତ ତଦନ୍ତ ଆରମ୍ଭ ହୋଇଛି । ତେବେ ଏହା ହତ୍ୟା ନା ଦୁର୍ଘଟଣା ତା'ର ଖିଅ ଖୋଜୁଛି ପୋଲିସ ।

ଯୋଗାଣ ବିଭାଗର କଡ଼ା ଚେତାବନୀ

୧୨ ଟଙ୍କା ଡେଇଁବନି ଆଳୁ ଦର, ଅଧିକରେ ବିକ୍ରି କଲେ ବନ୍ଧା ହେବେ

ଭୁବନେଶ୍ୱର,୦୩/୦୪: ଖୁଚୁରା ବ୍ୟବସାୟୀ ଆଳୁ ୧୨ ଟଙ୍କାରୁ ଅଧିକରେ ବିକ୍ରି କରି ପାରିବେ ନାହିଁ । ଯଦି ଏହି ନିୟମକୁ ଅଣଦେଖା କରନ୍ତି, ବାନ୍ଧିକି ସିଧା ଜେଲକୁ ପଠାହେବ। ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ଆଜି ବୈଠକ ବସିଥିଲା । ଏଥିରେ ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ବିଏମ୍‌ସି ଏସିଏସ୍‌ଓ ସହିତ ଭୁବନେଶ୍ୱର ସବୁ ବ୍ୟବସାୟୀ ଯୋଗଦେଇଥିଲେ । ଆଳୁ ଓ ପିଆଜ୍ ବିକ୍ରି ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବୈଠକରେ କୁବେରପୁରୀ ହୋଲସେଲ ମାର୍କେଟ ଆଳୁ ଦର ପ୍ରସଙ୍ଗ ଉଠିଥିଲା । କୁଇଣ୍ଟାଲ ପ୍ରତି ୫ଶହର ୬ଶହ ଟଙ୍କା ବିକ୍ରି ହେଉଥିବା ନେଇ ମତ ରଖିଥିଲେ କୁବେରପୁରୀ ବ୍ୟବସାୟୀ । ଏହି ପ୍ରସଙ୍ଗରେ ଏଡିଏମ୍ କହିଥିଲେ ଯେ ଖୁଚୁରା ବଜାରରେ ଦର କାହିଁକି ଅଧିକ । ବ୍ୟବସାୟୀମାନେ ଉତ୍ତର ରଖିଥିଲେ ଯେ ଆଳୁ ପରିବହନ ଓ ବଛା ଆଳୁ ମିଶାଇଲେ ୧୪ ଟଙ୍କାରେ ବିକ୍ରି ହେବ । ହେଲେ ଏହାକୁ ସିଧା ମନା କରିଥିଲେ ସିଏସ୍‌ଓ ଶ୍ରୀ ମିଶ୍ର । ଆଳୁ ଦର ୧୨ ଟଙ୍କାରୁ ଅଧିକ ବିକ୍ରି ହେବ ନାହିଁ ବୋଲି ରୋକଠୋକ୍ ଶୁଣାଇଥିଲେ । ଏହା ସହ ପିଆଜ ଦର ମଧ୍ୟ ୨୦ ଟଙ୍କାରୁ ଅଧିକ ବିକ୍ରି ହେବ ନାହିଁ ବୋଲି ଚେତାବନୀ ଦିଆଯାଇଛି । ଏହାପରେ ଆରମ୍ଭ ହୋଇଥିଲା ଚଢାଉ । ଯୋଗାଣ ବିଭାଗର ଏସିଏସ୍‌ଓଙ୍କ ନେତୃତ୍ୱରରେ ୟୁନିଟ୍-୧, ୟୁନିଟ୍-୪ ମାର୍କେଟରେ ଚଢ଼ାଉ କରାଯାଇଥିଲା । ଆଳୁ ଦର ୧୨ ଟଙ୍କାରୁ ଅଧିକ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ନେବାକୁ ସିଧା ଚେତାବନୀ ଦିଆଯାଇଛି । ଖାଲି ଆଳୁ କି ପିଆଜ ନୁହେଁ । ବିଭାଗ ପକ୍ଷରୁ ହାଟରେ ଥିବା ସବୁ ଗ୍ରୋସରୀ ଦୋକାନ ବି ଯାଞ୍ଚ କରାଯାଇଛି । ଚାଉଳ, ଡାଲି, ତେଲ ଦର ଯାଞ୍ଚ କରାଯାଇଥିଲା ।

୧୫୧ କେନ୍ଦ୍ରରେ ୮୨୫୮ ଅଧ୍ୟାପକ ନିୟୋଜିତ

ଭୁବନେଶ୍ୱର,୩/୪(ନିପ୍ର): ରାଜ୍ୟରେ ଆରମ୍ଭ ହୋଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତଦୁଇ ପରୀକ୍ଷା ଖାତା ଦେଖା । ପ୍ରଥମ ପର୍ଯ୍ୟାୟରେ ୧୫୧ଟି କେନ୍ଦ୍ରରେ ନିୟୋଜିତ ୮୨୫୮ ଜଣ ଅଧ୍ୟାପକ ଖାତା ଦେଖିଛନ୍ତି । ପ୍ରଥମ ଦିନରେ ଖାତା ଦେଖାରେ ନିୟୋଜିତ ସବୁ ଅଧ୍ୟାପକ ୫ଟି ଲେଖାଏଁ ଖାତା ଦେଖିଛନ୍ତି ବୋଲି ସିଏଚ୍‌ଏସ୍‌ଇର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ସିଏଚ୍‌ଏସ୍‌ଇର ସୂଚନା ଅନୁଯାୟୀ, ମୋଟ ୩ ଲକ୍ଷ ୯୬ ହଜାର ୫୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ଆରମ୍ଭ ହେବ । ମୋଟ ୨୫ ଲକ୍ଷ ଖାତା ଦେଖା ହେବ । ଏଥିପାଇଁ ମୋଟ ୧୬ ହଜାର ୪୯୪ଜଣ ଅଧ୍ୟାପକ ନିୟୋଜିତ

ଯୁକ୍ତ ଦୁଇ ଖାତାଦେଖା ଆରମ୍ଭ

ହେବେ । ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତା ଦେଖା ହେବ । ୧୩ ତାରିଖ ଯାଏଁ ପ୍ରଥମ ପର୍ଯ୍ୟାୟରେ ଖାତା ଦେଖା ହେବ । ଅନ୍‌ଲାଇନ ଖାତା ଦେଖା ୭୫ଟି ମୂଲ୍ୟାୟନ କେନ୍ଦ୍ରରେ ହେବ । ଏଥିପାଇଁ ୩୫୭୪ଜଣ ଅଧ୍ୟାପକ ନିୟୋଜିତ ହେବେ । ୭୬ଟି କେନ୍ଦ୍ରରେ ଅଫଲାଇନ୍ ଖାତା ଦେଖା ହେବ । ଏଥିରେ ୪୬୮୪ ଜଣ ଶିକ୍ଷକ ନିୟୋଜିତ ହେବ । ଏପ୍ରିଲ୍ ୧୫ରୁ ୨୬ ତାରିଖ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଖାତା ଦେଖା ହେବ । ୭୫ଟି କେନ୍ଦ୍ରରେ ହେବାକୁ ଥିବା ଅନ୍ଲାଇନ ଖାତା ଦେଖା ପାଇଁ ୪୧୭୮ଜଣ ଅଧ୍ୟାପକ ନିୟୋଜିତ ହେବେ । ୭୬ଟି କେନ୍ଦ୍ରରେ ଅଫ୍‌ଲାଇନ ଖାତା ଦେଖା ପାଇଁ ୪୦୫୮ଜଣ ଅଧ୍ୟାପକ ନିୟୋଜିତ ହେବେ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି ।

ଭୁବନ ସହରରେ ହାତୀ ବୁଲିଲା

ଭୁବନ, ୩/୪(ନିପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଏନ୍ ଏ ସି ଅଞ୍ଚଳରେ ବାରମ୍ବାର ହାତୀ, ଭାଲୁ, ବାରହା ପ୍ରଭୃତି ଜଙ୍ଗଲି ଜନ୍ତୁ ବୁଲୁଥିବାର ଲୋକମାନେ ଭୟଭୀତ ହୋଇ ପଡ଼ିଛନ୍ତି । ଗୁରୁବାର ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ସୁକିନ୍ଦା ପଟରୁ ଗୋଟାଏ ଦନ୍ତା ହାତୀ ଆସି ଭୁବନ କଲେଜ ଛକ ନିକଟରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ହୋ ହାଲା କରି ହାତୀକୁ ଘଉଡ଼ାଇଥିଲେ । ଏ ସମ୍ପର୍କରେ ଖବର ପାଇ ଫରେଷ୍ଟ ରେଞ୍ଜର ରାକେଶ କୁମାର ଦଳେଇ ସଦଳବଳେ ହାତୀକୁ ୫୩ ନମ୍ବର ଜାତୀୟ ରାଜପଥରେ ଘଉଡ଼ାଇ ନେଇ କୋର୍ଟ ଛକ, ଭୂଷଳ ଗ୍ରାମ ଦେଇ ବ୍ରାହ୍ମଣୀ ନଦୀ ପାର କରାଇ ସକାଳ ୬ଟା ସମୟରେ ଦଲାର ବିଟ୍ କୁ ହସ୍ତାନ୍ତର କରିଥିଲେ । ହାତୀଟି ଭୁବନ ସହରରେ ଦୀର୍ଘ ସମୟ ବିଚରଣ କରିଥିଲେ ମଧ୍ୟ କୌଣସି ଅନିଷ୍ଟ କରି ନଥିଲା ଏବଂ ଯିବା ସମୟରେ ବ୍ରାହ୍ମଣୀ ନଦୀରେ ସ୍ନାନ କରି ଯାଇଥିଲା ।

ବିଶ୍ୱ ଅଟିଜିମ୍ ଦିବସରେ..

ସମସ୍ତ ଛାତ୍ର ପୁରସ୍କୃତ

ନିମାପଡ଼ା, ୩୪(ନିପ୍ର): ନିମାପଡ଼ାର ଅନ୍ୟତମ ସାମାଜିକ ସଂଗଠନ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ପ୍ରଶାସନିକ ଭବନ ପରିସରରେ ବିଶ୍ୱ ଅଟିଜିମ୍ ଦିବସକୁ ସଚେତନତା ଦିବସ ଭାବେ ପାଳନ କରାଯାଇଥିଲା। ଅନୁଷ୍ଠାନକୁ ଆସୁଥିବା ଅଟିଜିମ୍ ଶିଶୁମାନଙ୍କୁ ନେଇ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର ଆଦି ଅନେକ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ସେମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ଅତିଥିମାନେ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ । ଅଭିଭାବକ ଏବଂ ଅଟିଜିମ୍ ଛାତ୍ରମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠାନ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଅଟିଜିମ୍ କାରଣ, ଚିକିତ୍ସା ପଦ୍ଧତି, ମିଳୁଥିବା ସୁବିଧା, ମୂଲ୍ୟାୟନ ସଂପର୍କରେ ଆଲୋଚନା କରାଯାଇଥିଲା ।

ନାଗବସ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ର ପୁରୀ ଜିଲ୍ଲାରେ ପ୍ରଥମ

ନିମାପଡ଼ା, ୩୪ (ନିପ୍ର): ଆମ୍ବେଦକର ଜୟନ୍ତୀ ଅବସରରେ ନାଗବସ୍ତ ନୋଡ଼ାଲ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଛାତ୍ର ସତ୍ୟଜିତ ଦଳବେହେରା ପୁରୀ ଜିଲ୍ଲାସ୍ତରୀୟ ତର୍କ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ । ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳନ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପରେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ST-SBP-TENDER-2026-08, ତା.30.03.2026ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ସିଗନାଲ/ବଲାଙ୍ଗୀର ଅଧୀନରେ ଅତାବିରା (ATS) - ବଦ୍ମାଲ (BUDM) ଏବଂ ବଲାଙ୍ଗୀର (BLGR) - ଝାରମୁଣ୍ଡା (JRMA) ସେକ୍ସନରେ ଏକ ବର୍ଷ ପାଇଁ ସିଗ୍ନାଲ ଜୋନାଲ କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (₹): 58,96,145.14,
ବିଡ୍ ସିକ୍ୟୁରିଟି (₹) : 1,17,900.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :
ତା.20.04.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକାକୋଟେସନ/ଫାଇଲ କରିବାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନଗୁଡ଼ିକ ପ୍ରତି ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଂଚାର),
PR-11/R/26-27 ସମ୍ବଲପୁର

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ